• ଦକ୍ଷଣ ମୁଣ୍ଡମୁହାଣରେ ଉପହାର ବନମୟୂ •

# ଉତ୍କଳ ପ୍ରସଙ୍ଗ

ଜୁନ, ୧୯୭୩



ଦକ୍ଷିଣ ମୁଣ୍ଡମୁହାଣର କୋନାର୍କକୁ ଉପହାର
ଓଡ଼ିଶୀ ସ୍କଲ୍ପଚର ନମୁନା ଯକ୍ଷୀ ଓ ବୃକ୍ଷ



ାଡ଼ାର ସ୍ଟିଫେନ୍ ଜନ୍ସନ୍ ଫାର୍ମ ଫୋରମ ↑
ତରଫରୁ ଦକ୍ଷିଣ ମୁଣ୍ଡମୁହାଣକୁ
ଦଶଟାଙ୍କ—

ଏ ସଂଖ୍ୟାର ବିଶେଷ ଆକର୍ଷଣ—
ଯୁବ-ସମାଜ ପାଇଁ
ଭରସ-ପାଇବ ମାଦଳ ମଞ୍ଚ



# ପାରାଦୀପ କେନାଲର ଉଦ୍‌ଘାଟନ

( ମଲାଟର ୪ର୍ଥ ପୃଷ୍ଠା ଦେ

*ଉପରେ—ଶ୍ରୀମତୀ ରତ୍ନମାଳୀ ଜେମାଙ୍କଦ୍ୱାରା ପାରାଦୀପ କେନାଲର ଶୁଭ ଉଦ୍‌ଘାଟନ*
*ତାଙ୍କ ନିକଟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ୍ ମିତ୍ର ଦଣ୍ଡାୟମାନ*

---

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ-ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବକ୍ତୃତାକୁ ସଂକ୍ଷିପ୍ତ ଆକାରରେ ବି ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେ ସକଳ ବକ୍ତୃତା ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ( ଲୋକସମ୍ପର୍କ ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତ୍ୟେକ ମାସର ୧୫ ତାରିଖ

ଅସ୍ଥାୟୀ ସଂପାଦକ—ଶ୍ରୀ ମାୟାଧର ମିଶ୍ର,
ଆଡ଼ିସନାଲ ପବ୍ଲିସିଟି ଅଫିସର

ମୂଲ୍ୟ—ବାର୍ଷିକ ଟ ୨.୦୦, ପ୍ରତିସଂଖ୍ୟା ଟ ୦.୨୦

ପ୍ରକାଶକ—ସୂଚନା (ଲୋକସମ୍ପର୍କ) ବିଭାଗ, ଓଡ଼ିଶା
ଟେଲିଗ୍ରାମ—ପବ୍ଲିସିଟି ଟେଲିଫୋନ୍—ପି. ବି. ଏକ୍ସ.
ଏକ୍ସଟେନ୍‌ସନ୍ ୨୯ ଓ ୨, ଭୁବନେଶ୍ୱର

## ଏ ସଂଖ୍ୟାରେ ଅଛି—

୧ । ମୁଖ୍ୟମନ୍ତ୍ରୀଙ୍କ ବେତାର ଭାଷଣ /
୨ । ଭାରତୀୟ ପ୍ରତିନିଧିଦଳଙ୍କ ଜେନେଭା ଯାତ୍ରା ... ୧
୩ । ପ୍ରାଚୀନ ଜଳାଶୟର ନବକଳେବର ୪
୪ । ଉନ୍ନତାର ବନସ୍ତ ... ୬
୫ । ଜନମ-ମାଟିର ମାଇଭ ପୁଅ .... ୯
୬ । ଗ୍ରାମ୍ୟ ସ୍ୱେଚ୍ଛାସେବୀ ବାହିନୀ ଗଠନ ୧୪
୭ । ଜାତୀୟ ଶୃଙ୍ଖଳା ଯୋଜନା ... ୧୬
୮ । ଛତ୍ରର ରସାୟନ ... ୨୧
୯ । ଦେଶରକ୍ଷା ସଂବାଦ ... ୨୩
୧୦ । କୃଷି-ଗବେଷଣା ... ୨୫
୧୧ । ଦକ୍ଷିଣ-ପୂର୍ବ ରେଳବାଇ ... ୩୬
୧୨ । କ୍ରୀଡ଼ା-ଜଗତ ... ୪୧
୧୩ । ସାମରିକ କାର୍ଯ୍ୟରେ ବେସରକାରୀ କର୍ମଚାରୀଙ୍କ ସୁବିଧା ୪୪
୧୪ । ଆମ ରାଜ୍ୟ ... ୪୯
୧୫ । ଯୋଜନା ଓ ପ୍ରୟୋଜନ ... ୫୬

> "ଓଡ଼ିଶାରେ ଧାନଚାଉଳର ଅନାଟନ ପଡ଼ିବାର ଆଶଙ୍କା ନାହିଁ । କେନ୍ଦ୍ର ସରକାର ଅଧିକା ୨୦୦୦୦ ଟନ୍ ଚାଉଳ ପଠାଇଛନ୍ତି ଓ ଆଉ ୩୦ ହଜାର ଟନ୍ ପଠାଉଛନ୍ତି । ଏହା ଫଳରେ ଧାନଚାଉଳର ଦର ଖସିବାକୁ ଆରମ୍ଭ କଲଣି ଓ ରଜ ସଂକ୍ରାନ୍ତି ପରେ ଆହୁରି ଖସିଯିବ ।"

# ଅନଟନର ଆତଙ୍କ ଭିତ୍ତିହୀନ

## ରାଜ୍ୟର ଖାଦ୍ୟ ପରିସ୍ଥିତି ସମ୍ପର୍କରେ ଓଡ଼ିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବେତାର-ଭାଷଣ

## ପ୍ରତି ମାସରେ ସରକାରୀ ଷ୍ଟକରୁ ୨ କୋଟି ୫୦ ଲକ୍ଷ କିଲୋ ଚାଉଳ ଖୋଲା ବଜାରକୁ ଛଡ଼ାଯିବାର ବ୍ୟବସ୍ଥା

ଗଲା ମାସରେ ମୁଁ ଆପଣମାନଙ୍କୁ ଜଣାଇଥିଲି ଯେ ଗତବର୍ଷର ଫସଲହାନି ଯୋଗୁଁ ଆମ ରାଜ୍ୟରେ ଧାନଚାଉଳ ଦରରେ କିଛି ଅସ୍ଥିରତା ଦେଖାଯାଇଥିଲେ ସୁଦ୍ଧା ଖାଦ୍ୟ ଅନଟନ ପଡ଼ିବ ବୋଲି ଆତଙ୍କିତ ହେବାର କୌଣସି କାରଣ ନାହିଁ । ଆଜି ଲକ୍ଷ୍ୟ କରିବାର କଥା, ଫସଲହାନି ସାଙ୍ଗକୁ ଓଡ଼ିଶା-ବଙ୍ଗଳା ମିଳିତ ଖାଦ୍ୟାଞ୍ଚଳ ଗଠନ ହେତୁ ଓଡ଼ିଶାରୁ ଧାନ ଚାଉଳ ରପ୍ତାନି ଫଳରେ ଯେଉଁ ସାମୟିକ କଷ୍ଟକର ପରିସ୍ଥିତି ଦେଖାଦେଇଥିଲା, ମାତ୍ର ତିନୋଟି ସପ୍ତାହ ଭିତରେ ଆମେ ତାକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥାଉଁ । ଜନସାଧାରଣଙ୍କ ସୁବିଧା-ଅସୁବିଧା ପ୍ରତି ସତର୍କ ଦୃଷ୍ଟି ରଖି ରାଜ୍ୟ ସରକାର ପ୍ରଥମରୁ ଧାରାବାହିକ ଭାବରେ ଅତି ଦୃଢ଼ ନିଷ୍ପତ୍ତିମାନ ଗ୍ରହଣ କରିଛନ୍ତି ଓ ସେଗୁଡ଼ିକୁ କାର୍ଯ୍ୟକାରୀ ମଧ୍ୟ କରିଛନ୍ତି ।

ମଙ୍ଗଳବାର, ୧୧।୭।୬୨ ତାରିଖ ସନ୍ଧ୍ୟା ୭।୧୫ ମିନିଟ୍‌ରେ କଟକ ଆକାଶବାଣୀ କେନ୍ଦ୍ରରୁ ଏକ ବେତାର-ଭାଷଣରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଅଯଥା ଆତଙ୍କର ଶିକାର ନ ହେବାକୁ ଜଣାଇ ଆମ ଖାଦ୍ୟ ପରିସ୍ଥିତିର ଏକ ବାସ୍ତବ ଚିତ୍ର ପ୍ରକାଶ କରିଛନ୍ତି । ଭାଷଣଟିର ପୂରାପୂରି ପାଠ ଏଠାରେ ଦିଆଗଲା ।

ଫଳରେ ରାଜ୍ୟର ସବୁଆଡ଼େ ଲୋକଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି ଏବଂ ସେମାନେ ସରକାରଙ୍କ ସମସ୍ତ ଉଦ୍ୟମରେ ପୂର୍ଣ୍ଣପ୍ରାଣରେ ସହଯୋଗ କରୁଛନ୍ତି । ଆହୁରି ଆନନ୍ଦର କଥା ଯେ କେନ୍ଦ୍ର ସରକାରଙ୍କ ଠାରୁ ଆମକୁ ସବୁମତେ ସାହାଯ୍ୟ ଓ ସହଯୋଗ ମିଳୁଛି ।

## ସଞ୍ଚିତ ମାଲ ଓ କେନ୍ଦ୍ର-ସାହାଯ୍ୟ

ସରକାରୀ ସ୍ତରରୁ ଏପର୍ଯ୍ୟନ୍ତ ପ୍ରାୟ ୨୫୦୦୦ ଟନ୍ ଚାଉଳ ବଣ୍ଟା ସତ୍ତ୍ୱେ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ହାତରେ ୫୭୦୦୦ ଟନ୍ ଚାଉଳ ମହଜୁଦ ଅଛି । ଖୁଚୁରା ଦୋକାନଗୁଡ଼ିକରେ, ବିଶେଷତଃ ବର୍ଷା ଓ ବଢ଼ିବେଳେ ଲୋକଙ୍କ ସୁବିଧା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯଥେଷ୍ଟ ପରିମାଣରେ ଚାଉଳ ସଞ୍ଚିତ ରଖାଯାଇଛି । ଆବଶ୍ୟକମତେ ଯୋଗ୍ୟା ଅଞ୍ଚଳ ଏବଂ ଯାତାୟାତ ସୁବିଧା ନ ଥିବା ସ୍ଥାନମାନଙ୍କୁ ଆହୁରି ବେଶି ଚାଉଳ ପଠାଯାଉଛି । କେନ୍ଦ୍ର ସରକାର ଅଧିକା ୨୦,୦୦୦ ଟନ୍ ଚାଉଳ ଆମ ରାଜ୍ୟକୁ ପଠାଇଲେଣି । ଶ୍ରାବଣ-ଭାଦ୍ର ସୁଦ୍ଧା ଆହୁରି ୩୦,୦୦୦ ଟନ୍ ଆମ ରାଜ୍ୟକୁ ଦେବା ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିସାରିଛନ୍ତି ଏବଂ ଏସବୁ ସତ୍ତ୍ୱେ ଆମର ଦରକାର ହେଲେ ଆହୁରି ବେଶି ଚାଉଳ ଯୋଗାଇଦେବାକୁ ମଧ୍ୟ ଜବାବ ଦେଇଛନ୍ତି ।

ଇତମଧ୍ୟରେ ପୂର୍ବରୁ ପ୍ରଚଳିତ ମିଳିତ ଖାଦ୍ୟାଞ୍ଚଳଯୋଗୁଁ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଯେଉଁ ଧାନଚାଉଳ ଚାଲାଣ ଚାଲିଥିଲା, ଗଲା ମାସ ୨୫ତାରିଖରୁ ତାହା ବନ୍ଦ କରାଯାଇଛି । କେନ୍ଦ୍ର ସରକାର ମଧ୍ୟ ଏହି ରପ୍ତାନିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯେପରି ଦାନାଏ ସୁଦ୍ଧା ଧାନଚାଉଳ ଓଡ଼ିଶା ସୀମା ଟପି ଆଉ ବାହାରକୁ ନ ଯାଏ, ସେଥିପାଇଁ ରାଜ୍ୟ ସରକାର ଓଡ଼ିଶା ସୀମାରେ ଖୁବ୍ କଡ଼ା କଟକଣା ପ୍ରୟୋଗ କରିଛନ୍ତି ।

## ଧାନଚାଉଳର ଦର ଖସିଲାଣି ଓ ଆହୁରି ଖସିବ

ଏହି ସମସ୍ତ ବ୍ୟବସ୍ଥା ଫଳରେ ସବୁପ୍ରକାର ଆତଙ୍କଜନକ ଓ ଭିତ୍ତିହୀନ ପ୍ରଚାର ସତ୍ତ୍ୱେ ରାଜ୍ୟର ବିଭିନ୍ନ ସ୍ଥାନରେ ଧାନଚାଉଳ-ଦର ଖସିଲାଣି । ଖୋଲା ବଜାରକୁ ମଧ୍ୟ ପୂର୍ବଠାରୁ ବହୁ ପରିମାଣରେ ଧାନ-ଚାଉଳ ଆସିଲାଣି । କାରଣ ଯେଉଁମାନେ ଆଗକୁ ଚଢ଼ା ଦର ପାଇବା ଆଶାରେ ଧାନଚାଉଳ ସାଇତି ରଖିଥିଲେ, ସେମାନେ ବୁଝିସାରିଲେଣି ଯେ ଦର ବଢ଼ିବା ପରିବର୍ତ୍ତେ ଏଣିକି ନିଶ୍ଚୟ ଖସିବ । ବର୍ତ୍ତମାନ ତ ଦର ଖସୁଛି, ରଜ-ଫଗାନ୍ତ ପରେ ଆହୁରି ଖସିବ !

ଯୋଗକୁ ଏ ବର୍ଷ ବର୍ଷା ବି ଟିକଏ ଚଞ୍ଚଳ ଆରମ୍ଭ ହୋଇଛି । ତେଣୁ ଅନେକ ଆଡ଼େ କୃଷୀମାନେ

**ଜୀବନଧାରଣ ପାଇଁ ଖାଦ୍ୟ ··**

**··· ଖାଦ୍ୟ ପାଇଁ କୃଷି ···**

**··· କୃଷି ପାଇଁ ଶିଳ୍ପ ···**

**··· ଶିଳ୍ପ ପାଇଁ ସମ୍ବଳ**

**ଓ**

**ଯୋଜନାର ପ୍ରୟୋଜନ ··**

ଧାନ କୁଣାକୁଣି କାମରେ ଆଗେଇ ଚାଲେଣି । ଖାଉଟିମାନେ ମଧ୍ୟ ଏ ସମସ୍ତ କଥା ବୁଝିପାରି, ଉଚ୍ଚା ଦର ଦେଇ ଚାଉଳ କିଣି ଖାଇବାକୁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି । କେତେକ ଜିଲ୍ଲାରେ ସରକାରୀ ଧାର୍ଯ୍ୟ ଦରଠାରୁ ଖୋଲା ବଜାରରେ ଧାନଚାଉଳ ଦର କମିଥିବାର ସମ୍ବାଦ ମିଳୁଛି ।

## ବ୍ୟବସାୟୀମାନଙ୍କୁ ପରାମର୍ଶ

ଏହି ପ୍ରସଙ୍ଗରେ ରାଜ୍ୟର ଧାନଚାଉଳ ବ୍ୟବସାୟୀମାନଙ୍କୁ ମୁଁ କେତୋଟି କଥା କହି-ରଖିବାକୁ ଚାହେଁ । ଚୀନ ଆକ୍ରମଣ ହେତୁ ସାରା ଦେଶରେ ସଙ୍କଟକାଳୀନ ଜରୁରି ଅବସ୍ଥା ଘୋଷଣା କରାଯିବାର ମାତ୍ର ଅଳ୍ପଦିନ ପରେ, ଦେଶରେ ଖାଦ୍ୟଦ୍ରବ୍ୟର ଦରଦାମ ଅବ୍ୟାହତ ରଖିବାକୁ ବ୍ୟବସାୟୀ ପ୍ରତିଷ୍ଠାନମାନେ ସରକାରଙ୍କୁ ଏବଂ ଦେଶବାସୀଙ୍କୁ ନିର୍ଭର ଜବାବ ଦେଇଥିଲେ । ପୁଣି ଓଡ଼ିଶା ପଶ୍ଚିମ-ବଙ୍ଗଳା ମିଳିତ ଖାଦ୍ୟାଞ୍ଚଳ ଗଢ଼ାହେଲା ବେଳେ ଅଯଥା ପ୍ରତିଯୋଗିତା କରି ରାଜ୍ୟରେ ଅଭାବ ସୃଷ୍ଟି ନ କରିବା ପାଇଁ ଓଡ଼ିଶାର ସଂପୃକ୍ତ ବ୍ୟବସାୟୀ ପ୍ରତିଷ୍ଠାନମାନେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଦୁଃଖର କଥା ଯେ, ବାସ୍ତବକ୍ଷେତ୍ରରେ ସେମାନେ ଓଡ଼ିଶାରେ ଏସବୁ ପ୍ରତିଶ୍ରୁତି ଭଙ୍ଗ କଲେ । ସେଥିପାଇଁ ସରକାରଙ୍କୁ କେତୋଟି କଠୋର ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିଲା । ଯେଉଁ ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ଏବେ ମଧ୍ୟ ଧାନଚାଉଳ ସାଇତି ରଖି ବଜାରକୁ ଛାଡ଼ୁ ନାହାନ୍ତି, ସେମାନଙ୍କୁ ମୋର ଏହି ପରାମର୍ଶ ଯେ ସେମାନେ ଗଚ୍ଛିତ ମାଲ ଶୀଘ୍ର ବଜାରକୁ ଛାଡ଼ି ଦିଅନ୍ତୁ—ନୋହିଲେ ସେମାନେ ବିଶେଷ କ୍ଷତିଗ୍ରସ୍ତ ହେବେ । ବଡ଼ ବଡ଼ ଚାଷୀମାନେ ମଧ୍ୟ ପାଖରେ ଥିବା ଉଦ୍‌ବୃତ୍ତ ଧାନଚାଉଳ ଶୀଘ୍ର ବଜାରକୁ ଛାଡ଼ିଲେ କମ୍ କ୍ଷତିଗ୍ରସ୍ତ ହେବେ ।

## ଖୁଚୁରା ଦୋକାନରେ ଚାଉଳ ବିକ୍ରୟ ବ୍ୟବସ୍ଥା

ମୁଁ ଏ କଥା ସ୍ପଷ୍ଟଭାବରେ ଜଣାଇ ଦେବାକୁ ଚାହେଁ ଯେ ସରକାରଙ୍କ ପାଖରେ ବର୍ତ୍ତମାନ ଯେତେ ଚାଉଳ ମହଜୁଦ ଅଛି ଏବଂ କେନ୍ଦ୍ର ପାଖରୁ ଯେଉଁ ପରିମାଣରେ ଚାଉଳ ଆସୁଛି, ସେଥିରୁ ବହୁ ପରିମାଣରେ ଚାଉଳ ବଜାରକୁ ଛଡ଼ାଯିବ । ଆମେ ସ୍ଥିର କରିଛୁଁ ଯେ, ଦରକାର ମତେ ସବୁଠାରେ ଖୁଚୁରା ଦୋକାନ ଖୋଲିବ ଏବଂ ପ୍ରତି ମାସରେ ୨କୋଟି ୫୦ଲକ୍ଷ ଟଙ୍କାର ଚାଉଳ ସରକାରୀ ଷ୍ଟକରୁ ଯୋଗାଇ ଦିଆଯିବ । ଏବେ ସୁଦ୍ଧା ଚାଉଳ ଓ ଗହମ ବିକ୍ରୀ ପାଇଁ ୨୨୦୦ରୁ ବେଶି ଖୁଚୁରା ଦୋକାନ ଖୋଲାସରିଲାଣି । ଅଧିକ ଖୁଚୁରା ଦୋକାନ ବରାବର ଖୋଲାଯାଉଛି ।

ଖୁଚୁରା ଦୋକାନମାନେ ଠିକ ଚାଉଳ ପାଇବା ସକାଶେ ମଧ୍ୟ ସରକାର କେତେକ ନୂଆ ବ୍ୟବସ୍ଥା ପ୍ରଚଳନ କଲେଣି । ଏଣିକି ଖୁଚୁରା ଦୋକାନମାନେ ନିଜ ଅଞ୍ଚଳର ତହସିଲଦାର କିମ୍ବା ବି. ଡି. ଓ.ଙ୍କ ପାଖରେ ଟଙ୍କା ଜମା ଦେଇ ପରମିଟ୍ ନେବେ ଏବଂ ପରମିଟ୍ ଦେଖାଇ ଗୋଦାମରୁ ଚାଉଳ ଓ ଗହମ ଆଣି-ପାରିବେ । ସେମାନେ ସେଲ୍‌ଟାକ୍ସ ସାର୍ଟିଫିକେଟ୍ ପରିବର୍ତ୍ତେ ନିଜ ଉପରେ କୌଣସି ଟ୍ୟାକ୍ସ ବାକି ନାହିଁ ବୋଲି ଲେଖିଦେଲେ ସେମାନଙ୍କୁ ରିଟେଲର ଲାଇସେନ୍ସ ମିଳିବ । ଟ୍ରେଜେରୀରେ ଟଙ୍କା ଜମା ଦେଇ ବିଭାଗୀୟ କର୍ମଚାରୀଙ୍କଠାରୁ ପରମିଟ୍ ଆଣିବାର ବ୍ୟବସ୍ଥାଦ୍ୱାରା ଯେଉଁ ବିଳମ୍ବ ଘଟୁଥିଲା, ଆଉ ସେଭଳି ଅସୁବିଧା ଉଠିବ ନାହିଁ ।

ଖୁଚୁରା ଦୋକାନମାନଙ୍କୁ କିଲୋ ପ୍ରତି ମାତ୍ର ୧ ନୂଆ ପଇସା ଲାଭ ଦିଆଯାଉଥିବା ଯୋଗୁଁ ସେମାନେ ଅଧିକ ଚାଉଳ ବିକ୍ରୀ ପାଇଁ ନେଉ ନାହାନ୍ତି ବୋଲି ଆପତ୍ତି ହେବାରୁ ଏବେ ସେମାନଙ୍କୁ କିଲୋପ୍ରତି

୨ ନୂଆ ପଇସା ଲାଭ ଦେବାକୁ ନିଷ୍ପତ୍ତି କରାଯାଇଛି । ବେଶ୍ ଖୁଚୁରା ଦୋକାନମାନେ ଏଣିକି ବହୁ ପରିମାଣରେ ଚାଉଳ ଓ ଗହମ ବିକ୍ରୀ କରିବା ପାଇଁ ଉତ୍ସୁକ ହେବେ ବୋଲି ଆଶା କରାଯାଉଛି । ମୋର ଇଚ୍ଛା, ଆହୁରି ବହୁସଂଖ୍ୟାରେ ଖୁଚୁରା ଦୋକାନ ଖୋଲିବାକୁ ଲୋକେ ବାହାରନ୍ତୁ ଏବଂ ବହୁ ପରିମାଣରେ ସରକାରୀ ଚାଉଳ ବିକାଉନ୍ତୁ । ଏହାଦ୍ୱାରା ଦର ନିଶ୍ଚୟ ଆହୁରି ଖସିଯିବ ।

## ଲୋକେ ଅସାଧୁ କାରବାର ଓ ଆତଙ୍କ ପ୍ରଚାର ପ୍ରତି ସତର୍କ ରହନ୍ତୁ

ଏସମସ୍ତ ଆୟୋଜନ ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଅସାଧୁ କାରବାର ତଥା ଆତଙ୍କ ପ୍ରଚାର ସମ୍ପର୍କରେ ସଚେତନ ରହିବାକୁ ହେବ । ପଞ୍ଚାୟତ ଅନୁଷ୍ଠାନମାନଙ୍କର ନିର୍ବାଚିତ ପ୍ରତିନିଧି, ଦେଶସେବୀ ବ୍ୟକ୍ତି, ସରକାରୀ କର୍ମଚାରୀ ତଥା ବ୍ୟବସାୟୀମାନଙ୍କର ଉଦ୍ୟମ ଓ ସହଯୋଗଦ୍ୱାରା ଅସାଧୁ କାରବାର ଓ ଆତଙ୍କ ପ୍ରଚାର ପ୍ରତିହତ ହୋଇପାରିବ । ଖାଦ୍ୟଦ୍ରବ୍ୟ କାରବାରରେ ଅସାଧୁତା ଏକ ଅକ୍ଷମଣୀୟ ଅପରାଧ । ଏପରି ଅସାଧୁତାକୁ କଠୋରଭାବରେ ଦମନ କରିବା ସରକାରଙ୍କ କର୍ତ୍ତବ୍ୟ । ଖାଦ୍ୟାଭାବ ନାଁରେ ଆତଙ୍କ ପ୍ରଚାରିତ ହେଲେ କେବଳ ଅସାଧୁ ବ୍ୟବସାୟୀଙ୍କର ସୁବିଧା ହୁଏ । ଆତଙ୍କଜନିତ ଅବସ୍ଥାର ସୁବିଧା ନେଇ ସେମାନେ ମାଲ ଲୁଚାଇ ରଖିବେ ଓ ଅଯଥା ଫାଇଦା ଉଠାଇବାକୁ ଚେଷ୍ଟା କରିବେ । ତେଣୁ ସବୁ ଶ୍ରେଣୀର ଲୋକେ, ବିଶେଷତଃ ପଞ୍ଚାୟତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏ ଦିଗରେ ସର୍ବଦା ସତର୍କ ଦୃଷ୍ଟି ରଖିବା ପାଇଁ ମୁଁ ଅନୁରୋଧ କରୁଛି ।

ବର୍ତ୍ତମାନ ଏ କଥା ନିଶ୍ଚିତ ଯେ, ଆମ ରାଜ୍ୟରେ ଧାନଚାଉଳର ଦର ଆହୁରି କମିବ ଏବଂ ସେଥିପାଇଁ ସରକାର ଅନବରତ ଉଦ୍ୟମ କରିବେ । ସରକାରୀ ବା ବେସରକାରୀ କୌଣସି କ୍ଷେତ୍ରରେ କୌଣସି ପ୍ରକାର ଶିଥିଳତା ବା ଅସାଧୁତାକୁ ବରଦାସ୍ତ କରାଯିବ ନାହିଁ । ଜନସାଧାରଣ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗରେ ଏବଂ କେନ୍ଦ୍ର ସରକାରଙ୍କ ସାହାଯ୍ୟ ଓ ସହଯୋଗ ଫଳରେ ଓଡ଼ିଶାର ଖାଉଟି ତଥା ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେତେଗୁଡ଼ିଏ ସାମୟିକ ଓ ଦୀର୍ଘମିଆଦୀ ବ୍ୟବସ୍ଥା ଗ୍ରହଣ କରାଯାଉଛି, ସେସମସ୍ତ ନିଶ୍ଚୟ ସଫଳ ହେବ ଏବଂ ଓଡ଼ିଶାର ଚାଷୀ ଓ ଜନସାଧାରଣଙ୍କର ସମୂହ ମଙ୍ଗଳ ହେବ ।

### —ଅଧିକରୁ ଅଧିକ ଗହମ ଖାଆନ୍ତୁ—

● 'ଓଡ଼ିଶା ରାଜ୍ୟ ପ୍ରତିରକ୍ଷା ନାଗରିକ ପରିଷଦ' ରାଜ୍ୟର ଜନସାଧାରଣଙ୍କୁ ଚାଉଳ ପରିବର୍ତ୍ତେ ଅଧିକରୁ ଅଧିକ ଗହମ ଖାଇବାକୁ ନିବେଦନ କରୁଛନ୍ତି । ଚାଉଳ ନିଅଣ୍ଟ ପଡ଼ିବାର ଆଶଙ୍କା ଯୋଗୁଁ ବର୍ତ୍ତମାନ ଚାଉଳ ଦାମ୍ ଯେପରିଭାବରେ ବୃଦ୍ଧି ପାଇଛି, ତାର ସମ୍ମୁଖୀନ ହେବାକୁ ଅଧିକ ଗହମ ଓ ଗହମଜାତ ପଦାର୍ଥ ଖାଇବା ଆବଶ୍ୟକ । ଖାଦ୍ୟ-ଅଭ୍ୟାସ ପରିବର୍ତ୍ତନ ଫଳରେ ସମାଜବିରୋଧୀ ଲୋକମାନଙ୍କ ପକ୍ଷରେ ଦରଦାମ୍ ବୃଦ୍ଧି କରିବା କଷ୍ଟକର ହେବ ।

**ଶ୍ରୀ ବିଜୁ ପଟ୍ଟନାୟକ**

—ମୁଖ୍ୟମନ୍ତ୍ରୀ


## ଓଡ଼ିଶାର ଶ୍ରମମନ୍ତ୍ରୀଙ୍କ ନେତୃତ୍ୱରେ

# ଭାରତୀୟ ପ୍ରତିନିଧିଦଳଙ୍କ ଜେନେଭା ଯାତ୍ରା

● ●

ଗତ ୭ ତାରିଖ ଦିନ ଜେନେଭାଠାରେ ଜାତିସଂଘର ଆନ୍ତର୍ଜାତିକ ଶ୍ରମ-ସଂସ୍ଥା ପକ୍ଷରୁ ୪୭ ତମ ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ ଆରମ୍ଭ ହୋଇଛି । ଏହି ସମ୍ମିଳନୀରେ ଭାରତୀୟ ପ୍ରତିନିଧିଦଳର ନେତାରୂପେ ଓଡ଼ିଶାର ସ୍ୱରାଷ୍ଟ୍ର ଓ ଶ୍ରମ-ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଯୋଗ ଦେଇଛନ୍ତି । ଏ ସମ୍ମିଳନୀରେ ଭାରତର ବିଭିନ୍ନ ଗୋଷ୍ଠୀଙ୍କ ତରଫରୁ ପ୍ରତିନିଧି ଓ ପରାମର୍ଶଦାତା ଭାବରେ ଯୋଗ ଦେଇଛନ୍ତି—

ସରକାରୀ ଗୋଷ୍ଠୀରୁ ଶ୍ରୀ ଆର. ଏଲ. ମେହେଟ୍ଟା, ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ଜଏଣ୍ଟ ସେକ୍ରେଟେରୀ; ଶ୍ରୀ ଏନ୍. ଦୁବେ, ଫାର୍ଷ୍ଟ ସେକ୍ରେଟେରୀ (କମର୍ସିଆଲ) ଭାରତ ଦୂତାବାସ, ବର୍ଣ୍ଣ; ଶ୍ରୀ ଏମ୍. ଡବ୍ଲ୍ୟୁ. ଜମାନ୍, ଫାର୍ଷ୍ଟ ସେକ୍ରେଟେରୀ, ଜେନେଭାସ୍ଥ ଅନ୍ତର୍ଜାତିକ ସଙ୍ଗଠନକୁ ପ୍ରେରିତ ସ୍ଥାୟୀ ମିଶନ



ଓଡ଼ିଶାର ଶ୍ରମ, ଯୋଗାଣ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଜେନେଭା ଯିବାପୂର୍ବରୁ କଟକ ପ୍ରେସ କ୍ଲବରେ ତାଙ୍କୁ ମଇ ୧୯ ତାରିଖରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।


ଚିତ୍ରରେ—କଟକ ପ୍ରେସ ଇନ୍‌ଫର୍ମେସନ ବ୍ୟୁରୋ ଅଫିସରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଶ୍ରୀ ରାଉତରାୟଙ୍କ ଭାଷଣ । ତାହାଙ୍କ ବାମପଟେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ

ଓ କନ୍‌ସୁଲେଟ୍ ଜେନେରାଲ ଅଫ୍ ଇଣ୍ଡିଆ, ଜେନେଭା : **ଶ୍ରମିକ ଗୋଷ୍ଠୀରୁ** ଶ୍ରୀ ନାଭାଲ ଏଚ୍. ଟାଟା, ଭାରତ ମାଲିକ ସଙ୍ଘ, ବମ୍ବେ; ଶ୍ରୀ ଏନ୍. କୃଷ୍ଣମୂର୍ତ୍ତି, ବମ୍ବେ; ଶ୍ରୀ ଟି. ଏସ୍. ସ୍ୱାମୀନାଥନ୍, ସେକ୍ରେଟେରୀ, ଭାରତୀୟ ବାଣିଜ୍ୟ ଓ ଶିଳ୍ପ ସଙ୍ଘ, ନୂଆଦିଲ୍ଲୀ : **କର୍ମୀ ଗୋଷ୍ଠୀରୁ** ଶ୍ରୀ ଆବିଦ ଡେପୁଟି ସେକ୍ରେଟେରୀ, ଅଲ୍ଲି, ଏକ୍ସ ଡେପୁଟି ମିନିଷ୍ଟର, ଭାରତ ସରକାର; ଶ୍ରୀ ଟି. ଭି. ଆନନ୍ଦନ୍, ଜେନେରାଲ ସେକ୍ରେଟେରୀ, ସଦର୍ନ ରେଲୱେ ଏମ୍ପ୍ଲଇଜ୍ ସଙ୍ଘ, ମାଡ୍ରାଜ; ଶ୍ରୀ ବି. ଦୁର୍ଗାଦତ୍ତ, ଜେନେରାଲ ସେକ୍ରେଟେରୀ, ଇଣ୍ଡିଆନ୍ ନ୍ୟାସନାଲ୍ ଟ୍ରେଡ୍ ୟୁନିୟନ କଂଗ୍ରେସ (ରାଜସ୍ଥାନ ଶାଖା), ଉଦୟପୁର ।

ସମ୍ମିଳନୀ ଆରମ୍ଭରୁ ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ଡିରେକ୍ଟର ଜେନେରାଲ ତାଙ୍କର ରିପୋର୍ଟ ପାଠ କଲାପରେ ଶ୍ରୀ ରାଉତରାୟ ଏକ ଭାଷଣରେ କହିଲେ ଯେ ଯେଉଁ ଅନଗ୍ରସର ଦେଶମାନେ ବର୍ତ୍ତମାନ ବିକାଶୋନ୍ମୁଖୀ ଅବସ୍ଥାରେ ଅଛନ୍ତି, ସେମାନଙ୍କୁ ଅଧିକରୁ ଅଧିକ ଏବଂ ବହୁଳ ଧରଣର ସାହାଯ୍ୟ ଯୋଗାଇ ଦିଆଯିବା ଉଚିତ । ଅର୍ଥନୈତିକ ସାହାଯ୍ୟଦ୍ୱାରା ଉକ୍ତ ଦେଶମାନଙ୍କରେ ଯେଉଁ ମଙ୍ଗଳ-ସାଧନ କରଯାଉଛି, ଅସମ ଶ୍ରମ-ନୀତି ଓ ବହୁଳ ଆନ୍ତର୍ଜାତିକ ବ୍ୟବସାୟ ସର୍ତ୍ତଦ୍ୱାରା ସେସବୁ ତାହା ବାଧାପ୍ରାପ୍ତ




କଟକ ରେଳଷ୍ଟେସନରେ ଶ୍ରୀ ରାଷ୍ଟ୍ରପତିଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜ୍ଞାପନ :
ତାହାଙ୍କ ଡାହାଣରେ ଉପମୁଖ୍ୟ-ମନ୍ତ୍ରୀ ଶ୍ରୀ ବୀରେନ ମିତ୍ର ଦଣ୍ଡାୟମାନ



ଶ୍ରୀ ରାଉତରାୟ ଜେନେଭା ସମ୍ମିଳନୀକୁ ଯାତ୍ରା କରିବା ପୂର୍ବରୁ କଲିକତାଠାରେ ଅନନ୍ଦବଜାରପତ୍ରିକା ଓ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡର ସମ୍ପାଦକ ତାହାଙ୍କ ସମ୍ବର୍ଦ୍ଧନା ପାଇଁ ଏକ ଭୋଜି ସଭାର ଆୟୋଜନ କରିଥିଲେ ।

ଚିତ୍ରରେ—ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡର ସମ୍ପାଦକ ଶ୍ରୀ ରାଉତରାୟଙ୍କୁ ଆନନ୍ଦବଜାର ପତ୍ରିକା ଲି:ର ଅତ୍ୟାଧୁନିକ ରୋଟେର ଛାପାକଳ ଦେଖାଉଛନ୍ତି । ତାଙ୍କ ନିକଟରେ ଓଡ଼ିଶାର ସ୍ୱରାଷ୍ଟ୍ର ସେକ୍ରେଟେରୀ ଶ୍ରୀ ବି. ଭେଙ୍କଟରମଣ ଓ ଶ୍ରମବିଭାଗର ଡିରେକ୍ଟର ଶ୍ରୀ ଶଶିଭୂଷଣ ମିଶ୍ର ଦଣ୍ଡାୟମାନ ।

ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ । ପୃଥିବୀର ଏକ ଅଂଶରେ ଯେଉଁଠି ପ୍ରାଚୁର୍ଯ୍ୟ ସୃଷ୍ଟି ହେଉଛି, ବିଭିନ୍ନ ଅନଗ୍ରସର ଦେଶ ପାଇଁ ସେଠାରେ ରପ୍ତାନି ବାଣିଜ୍ୟ ଲାଗି ବାଟ ପିଟିବା ଉଚିତ । ଦୁର୍ବଳ ଦେଶମାନଙ୍କରେ ଶିଳ୍ପୋନ୍ନତି ପାଇଁ ମଧ୍ୟ ଯଥେଷ୍ଟ ସୁବିଧା-ସୁଯୋଗ ଯୋଗାଇ ଦିଆଯିବା ଉଚିତ । ଏ ସମସ୍ତ ଆନ୍ତର୍ଜାତିକ ଶ୍ରମ-ସଂସ୍ଥାର ଶକ୍ତି ବହିର୍ଭୂତ କାର୍ଯ୍ୟ ପରି ଦୃଶ୍ୟମାନ ହେଲେହେଁ, ସମସ୍ତ ଆନ୍ତର୍ଜାତିକ ଓ ଅର୍ଥନୈତିକ ଆର୍ଥିକ ନୀତି ଓ ବ୍ୟବସ୍ଥାର ବିଚାର କରିବା ପାଇଁ ଏହି ସଂସ୍ଥା ଫିଲାଡେଲଫିଆଠାରେ

( ୭୧ ପୃଷ୍ଠା ଦେଖନ୍ତୁ )

## ସମରଶିକ୍ଷାର୍ଥୀ ଶିବରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ

# ପ୍ରାଚୀନ ଜଳାଶୟର ନବକଳେବର



ଝାରପଡ଼ା ଗାଁର ଏ ପୋଖରୀଟିରେ ଆଜି ବାରମାସ ପରି ପାଣି ସ୍ଥିର ରହୁଛି—କେବଳ ଏହି କର୍ମରତ ସମରଶିକ୍ଷାର୍ଥୀମାନଙ୍କ ଶ୍ରମଦାନଯୋଗୁଁ

ଭୁବନେଶ୍ୱରଠାରୁ ମାତ୍ର ୨ ମାଇଲ ଦୂରବର୍ତ୍ତୀ ଝାରପଡ଼ା ଗ୍ରାମ । ଗାଁମୁଣ୍ଡରେ ପ୍ରାୟ ୧୧୦ ଫୁଟ × ୧୦୦ ଫୁଟ ମାପର ପୋଖରୀଟିଏ କେତେ କାଳରୁ କେଜାଣି ଅବର୍ଜନାରେ ଅଧା-ପୋତା ହୋଇ ପଡ଼ିରହିଥିଲା । ସରଳ ଗ୍ରାମବାସୀମାନେ ଦୁଇଏକ ଦେବଦେବୀଙ୍କ [illegible] ପ୍ରଙ୍କ: ଆଣ୍ଡେଇ ଦେଇ, [illegible] ଅଳ୍ପା-ଞ୍ଜଳି କୋଳାକୋଡ଼ [illegible] ଜଳରେ ଗୁଜୁରଣ ନେଉଥିବା ମାଗିଲେ

## ସମରଶିକ୍ଷାର୍ଥୀ ବାହିନୀଙ୍କ ଉଲ୍ଲେଖଯୋଗ୍ୟ ଅବଦାନ

ପୋଖରୀଟିର ସଂସ୍କାର କରିଥିବେ—କିନ୍ତୁ ସଂଗଠିତଭାବରେ ପୋଖରୀଟିର ଜୀର୍ଣ୍ଣୋଦ୍ଧାର ହୋଇ ପାରି ନ ଥିଲା ।

୧୯୬୩ ମେ ୨୦ ତାରିଖ । ସେହିଦିନଠାରୁ ପୋଖରୀଟିର ଭାଗ୍ୟ ଫେରିବାର ସୂଚନା ମିଳିଗଲା—ସେତେବେଳେ ୨୭୧ ଜଣ ଯୁବକଙ୍କର ୫୪୨ ହାତ କୋଦାଳ, ଗାଣ୍ଡିଆ, ହୋଡ଼ାଲ, କୋଡ଼ି, ଗଇନ୍ତି ଧରି ଜଳାଶୟର ଜମାଟବନ୍ଧା ଆବର୍ଜନା ଉପରେ ସଂଗଠିତ ଆକ୍ରମଣ



ସେତୁବନ୍ଧରେ ବାନରସେନା !


ଖାରପଡ଼ା ପୋଖରୀ-ବନ୍ଧ ଉପରେ ମାଟି ପଡ଼ୁଛି—ପୋଖରୀ ଗର୍ଭଟା ବଢ଼ିଯାଉଛି । ଶହ ଶହ ଛାତ୍ରର ଶ୍ରମଦାନରେ ଏ କାର୍ଯ୍ୟ ସାଧିତ ହେଉଥିବାବେଳେ ନିକଟରେ ସେମାନଙ୍କ କାର୍ଯ୍ୟକୁ ଲକ୍ଷ୍ୟ କରୁଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀବିଜୁ ପଟ୍ଟନାୟକ—ଯାହାଙ୍କ ପ୍ରେରଣା ଆଜି ଯୁବ-ସମାଜକୁ କର୍ମତତ୍ପରତାରେ ଉଦ୍ବୁଦ୍ଧ କରୁଛି ।

---

ଚଳାଇଲେ । ଝୁପ୍-ଝାପ୍ ଶାବଳର ପଡ଼ିଲା, ମାଟି କଟା ହେଲା, ଝୁପ୍-ଝାପ ଶବ୍ଦରେ ଏକାବେଳକେ ଶହ ଶହ ଗାଣ୍ଡୁଆ ମାଟି ବୁହାହୋଇ ପୋଖରୀ ଆଡ଼ରେ ଗଦା ହେବାକୁ ଲାଗିଲା । ଫଳରେ ପୁରୁଣା ସାନ ପୋଖରୀଟିର କଳେବର ଆଜି ବୃଦ୍ଧି ପାଇ ୨୭୦ ଫୁଟ × ୨୫୦ ଫୁଟ ଆୟତନକୁ ଆସିଛି ।

ସହାୟକ ସମରଶିକ୍ଷାର୍ଥୀ ବାହିନୀର କ୍ୟାଡ଼େଟ୍ ଏମାନେ । ଭୁବନେଶ୍ୱରସ୍ଥ ବକ୍ସି ଜଗବନ୍ଧୁ କଲେଜରେ ଖୋଲାଯାଇଥିବା ଶ୍ରମ-ଶିବିରରେ ଯୋଗଦେଇ ଏଠାକୁ ଆସିଛନ୍ତି । ସାରା ଓଡ଼ିଶାରେ ଏଭଳି ଶିବିର ଏଇ ପ୍ରଥମ । କଟକ ଜିଲ୍ଲାର ୬ଟି ଅନୁଷ୍ଠାନରୁ ଆସିଥିବା ୭ ଜଣ ଅଫିସର ଓ ୩୦୦ ଜଣ ସମର-ଶିକ୍ଷାର୍ଥୀ (କ୍ୟାଡ଼େଟ୍)ଙ୍କୁ ନେଇ ଶିବିରଟି ଆରମ୍ଭ କରାଯାଇଛି—ଗଲା ମଇ ୨୦ ତାରିଖରୁ । ଏ ମଧ୍ୟରେ ସେମାନଙ୍କ ଭିତରୁ ୨୭୧ ଜଣ କ୍ୟାଡ଼େଟ୍ ଖାରପଡ଼ା ଗ୍ରାମରେ ଗୋଟିଏ ପୁରୁଣା ପୋଖରୀରୁ ପଙ୍କ ସଫା

( ୭୦ ପୃଷ୍ଠା ଦେଖନ୍ତୁ )



# ଉପହାର ବିନିମୟ


← କାନାଡ଼ାର ଉପହାର ଟ୍ରାନ୍‌ଜିଷ୍ଟର ରେଡ଼ିଓ ସେଟ୍

ଓଡ଼ିଶାର ଉପହାର ↓ ଚାଷୀ ଓ ବୃଷଭର ମୂର୍ତ୍ତି

ଓଡ଼ିଶାର ପୁରୀ ଜିଲ୍ଲା ଅନ୍ତର୍ଗତ ଦକ୍ଷିଣ-ମୁଣ୍ଡମୁହାଣ—ଛୋଟ ଗାଁଟିଏ । ଆଜି କିନ୍ତୁ ତାର ନାଁ ଦେଶ-ବିଦେଶକୁ ଖେପିଯାଇଛି । ଭାରତର ସାଢ଼େ ଚାରି ହଜାର ପଲ୍ଲୀ-ଶ୍ରୋତାମଣ୍ଡଳୀ ମଧ୍ୟରୁ ଏଇ ଗ୍ରାମକୁ ଏବେ ମିଳିଛି—ସାତସମୁଦ୍ର ତେରନଈପାର କାନାଡ଼ା ଦେଶର ଗୋଟିଏ ଉପହାର । କାନାଡ଼ା ଅନ୍ତର୍ଗତ 'ସ୍ୱିଟନ୍ ଜଙ୍କସନ୍'ର କୃଷକମାନଙ୍କ ଠାରୁ ଦକ୍ଷିଣ ମୁଣ୍ଡ-ମୁହାଣରେ କୃଷକମାନେ ପାଇଛନ୍ତି ଖଣ୍ଡିଏ ଟ୍ରାନ୍‌ଜିଷ୍ଟର ରେଡିଓ ସେଟ୍ ।

ତାର ବଦଳରେ ଏକା ଓଡ଼ିଶା କାହିଁକି, ସାରା ଭାରତର କୃଷକ-ସମାଜ ତରଫରୁ ଦକ୍ଷିଣ-ମୁଣ୍ଡମୁହାଣର ଚାଷୀଭାଇମାନେ ଦେଇଛନ୍ତି ପ୍ରୀତି-ଉପହାର—ଓଡ଼ିଶାବିଖ୍ୟାତ କାଠଖୋଦିତ ଚାଷୀ ଓ ବୃଷଭର ମୂର୍ତ୍ତି ।

କାନାଡ଼ାର ଫାର୍ମ-ଫୋରମ ତରଫରୁ 'ରେଡିଓ ଫର୍ ଇଣ୍ଡିଆ' ନାମକ ଯୋଜନାର ଏହା ହିଁ ଅଗ୍ରମାରମ୍ଭ । ଏହି ଉପହାର ବିନିମୟ ଉତ୍ସବ ସୂଚନା ଦେଉଛି ଯେ ଦକ୍ଷିଣ-ମୁଣ୍ଡମୁହାଣ ପଲ୍ଲୀ-ଶ୍ରୋତାମଣ୍ଡଳୀ ଭାରତରେ ଏକ ଗୌରବମୟ ସ୍ଥାନ ଅଧିକାର କରିଛି ।





ଓଡ଼ିଶାର ଶ୍ରମ, ବାଣିଜ୍ୟ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଦକ୍ଷିଣ-ମୁଣ୍ଡମୁହାଣ ଶ୍ରୋତାମଣ୍ଡଳୀର ପ୍ରଧାନଙ୍କ ହସ୍ତରେ ସୁଟନ୍ ଜଙ୍କସନ ଫୋରମର ଉପହାର ଟ୍ରାନ୍‌ଜିଷ୍ଟର ସେଟ୍‌ଟି ଅର୍ପଣ କରୁଛନ୍ତି

ଏହି ଉପଲକ୍ଷେ କାନାଡ଼ାର ଅଟୋଓ୍ୱାଠାରେ ଗୋଟିଏ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେଠାରେ ଭାରତର ଅସ୍ଥାୟୀ ହାଇକମିଶନର ମିଃ ଜେ. ଏଲ୍. ମାଲହୋତ୍ରା ମୁଣ୍ଡମୁହାଣ ବାସିନ୍ଦାମାନଙ୍କ ତରଫରୁ ଉପହାରଟି ଗ୍ରହଣ କରି କହିଥିଲେ, "ଏହା କେବଳ କୃଷିକ୍ଷେତ୍ର କାର୍ଯ୍ୟକ୍ରମ ଶୁଣିବା ପାଇଁ ଗୋଟାଏ ଯନ୍ତ୍ର ନୁହେଁ; ବରଂ ମୁଣ୍ଡମୁହାଣ ଗ୍ରାମବାସୀଙ୍କ ସହିତ ଜୀବନ୍ତ ଯୋଗସୂତ୍ର ସ୍ଥାପନର ଏକ ମାଧ୍ୟମ । ଏହାର ଯୋଗେ ମୁଣ୍ଡମୁହାଣ ଗ୍ରାମବାସୀମାନେ ସେଠାରୁ ୧୦,୦୦୦ ମାଇଲ ଦୂରବର୍ତ୍ତୀ ସୁଟନ ଜଙ୍କସନର ଚାଷୀଭାଇମାନଙ୍କୁ ମନେ ପକାଇବେ ଏବଂ ସେମାନଙ୍କ ମନୋବୃତ୍ତି ଓ ସଦିଚ୍ଛା ସମ୍ପର୍କରେ ଚିନ୍ତା କରିବେ ।" ମିଃ ମାଲହୋତ୍ରା ପୁଣି କହିଥିଲେ ଯେ 'ଭାରତ ପାଇଁ ରେଡ଼ିଓ' ଯୋଜନା ଯୋଗୁଁ ଯେ କେବଳ ଉକ୍ତ ଦୁଇଟି ପଲ୍ଲୀ-ଶ୍ରୋତାମଣ୍ଡଳୀ (ରୁରାଲ ଫୋରମ) ମଧ୍ୟରେ ଯୋଗସୂତ୍ର ସ୍ଥାପିତ ହେଲା ତାହା ନୁହେଁ, କାନାଡ଼ା ଓ ଭାରତ ଭିତରେ ମଧ୍ୟ ସମ୍ପର୍କ ସ୍ଥାପିତ ହେଲା ।

କାନାଡ଼ାର ନ୍ୟାସନାଲ ଫାରମ ରେଡ଼ିଓ ଫୋରମର ଚେୟାରମ୍ୟାନ ଡକ୍ଟର ଏଚ୍. ଏଚ୍. ହରମନ୍ ଗୋଟିଏ ସ୍ୱତନ୍ତ୍ର ଧରଣର ଟ୍ରାଞ୍ଜିଷ୍ଟର ସେଟ୍‌ର ମୂଲ୍ୟ ବାବଦରେ ୧୧୦ ଡୋଲାରର ଖଣ୍ଡିଏ ଚେକ୍ ମିଃ ମାଲହୋତ୍ରାଙ୍କ ହସ୍ତରେ ଅର୍ପଣ କରିଥିଲେ । ଏହି ଅର୍ଥ ସୁଟନ୍ ଜଙ୍କସନ ଫୋରମର ସଭ୍ୟମାନଙ୍କଠାରୁ ଚାନ୍ଦା ସ୍ୱରୂପ ମିଳିଥିଲା ।

କାନାଡ଼ାର ଫାରମ ଫୋରମଗୁଡ଼ିକ ଭାରତୀୟ ଫୋରମ (ଶ୍ରୋତାମଣ୍ଡଳୀ)କୁ ଉପଯୁକ୍ତ ଟ୍ରାଞ୍ଜିଷ୍ଟର ସେଟ୍ ଯୋଗାଇବା ପାଇଁ ଦରିଆ-ସେପାରି-ବନ୍ଧୁତା (ହାଣ୍ଡସ୍ ଏକ୍ରସ୍-ସିଜ୍) ଯୋଜନା ଖୋଲି କରିଛନ୍ତି । ଏହି



ଦକ୍ଷିଣ ମୁଣ୍ଡମୁହାଣ ଫୋରମ୍‌ର ପ୍ରତିନିଧି ରାଜ୍ୟର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାଉତରାୟଙ୍କ ହସ୍ତରେ ସେଠିକା ଶ୍ରୋତାମଣ୍ଡଳୀର ଉପହାର—କାଠ ତିଆରି ସାକ୍ଷୀ ମୂର୍ତ୍ତିଟି ଅର୍ପଣ କରୁଛନ୍ତି

ଯୋଜନା ଅନୁସାରେ ଯେଉଁମାନେ ଟ୍ରାଞ୍ଜିଷ୍ଟର ସେଟ୍ ପାଇବେ, ସେମାନେ ମଧ୍ୟ ନିଜ ନିଜ ଅଞ୍ଚଳର ହାତକାମମାନ ପ୍ରତି-ଉପହାର ପଠାଇବେ ।

ଗତ ତା ୨୮-୫-୭୩ ରିଖ ସନ୍ଧ୍ୟା ସମୟରେ ଏହି ଉପହାର ବିନିମୟ ଉତ୍ସବରେ ପୌରୋହିତ୍ୟ କରି ଓଡ଼ିଶାର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏହି ଉପହାର ବିନିମୟର ଅନ୍ତରାଳରେ ଥିବା ଶୁଭେଚ୍ଛା ବିନିମୟ ପ୍ରତି ଉପସ୍ଥିତ ଜନତାର ଦୃଷ୍ଟି ଆକର୍ଷଣ କରିଥିଲେ ।

୧୯୫୬ରେ ପ୍ରଥମ ହୋଇ ଭାରତରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ୧,୮୦୦ରୁ ଅଧିକ ଫୋରମ କାର୍ଯ୍ୟକାରୀ ହେଉଛି । ୧୯୭୩ ପାଇଁ ୨୫,୦୦୦ ଫୋରମ ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି ।

ଏହି ଉପଲକ୍ଷେ ଓଡ଼ିଶାରେ ବେତାର ଶ୍ରୋତାମଣ୍ଡଳୀ କାର୍ଯ୍ୟକ୍ରମର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା ।

## ପଲ୍ଲୀଶ୍ରୋତାମଣ୍ଡଳୀ (ରେଡ଼ିଓ ରୁରାଲ ଫୋରମ) କଣ ?

ପଲ୍ଲୀଶ୍ରୋତାମଣ୍ଡଳୀମାନ ଗୋଟିଏ ଗୋଟିଏ କ୍ଲବ୍; ଯେଉଁଥିରେ ଅନ୍ୟୁନ ୨୦ ଜଣ ସଭ୍ୟ ଏକାଠି ହୋଇ ସଂଗଠିତଭାବରେ ବସି ବସି ବେତାର-କାର୍ଯ୍ୟକ୍ରମ ଶୁଣନ୍ତି, ନିଜ ନିଜ ମଧ୍ୟରେ ଆଲୋଚନା ପାଇଁ ଏସବୁ କାର୍ଯ୍ୟକ୍ରମକୁ ବିଷୟ-ବସ୍ତୁରୂପେ ଗ୍ରହଣ କରନ୍ତି, ଏଭଳି କାର୍ଯ୍ୟକ୍ରମ ଜରିଆରେ ନିଜ ନିଜ ଜ୍ଞାନ ବୁଦ୍ଧି ବଢ଼ାନ୍ତି ଏବଂ ସମ୍ଭବ ହେଲେ ଏହିସବୁରେ ଶିଖିଥିବା କେତୋଟି ବିଷୟକୁ ପ୍ରତ୍ୟକ୍ଷ କାର୍ଯ୍ୟକାରୀ କରନ୍ତି । ସରକାର ଓ

(୬୨ ପୃଷ୍ଠା ଦେଖନ୍ତୁ)



## ଆସନ୍ତା କାଲିର ଯବାନ ପାଇଁ ଆଜିର ଏ

# ଅମର କାହାଣୀ

## ଜନ୍ମ ମାଟିର ପାଇକ ପୁଅ

[୧୯୬୨ ଅକ୍ଟୋବର ୨୦ ତାରିଖରେ ଚୀନ ଭାରତ ଆକ୍ରମଣ କରେ । ପୂର୍ବରୁ ଏଥିପାଇଁ ପ୍ରସ୍ତୁତ ନ ଥିଲେ ମଧ୍ୟ ଭାରତୀୟ ଜାତି ଏହି ଆକ୍ରମଣର ସମ୍ମୁଖୀନ ହେବାପାଇଁ ବାହାରିପଡ଼ିଲା । ଦୁର୍ଗମ ହିମାଳୟ ଅଞ୍ଚଳରେ ଭାରତର କେତେ ବୀର ସନ୍ତାନ ମାତୃଭୂମିର ସୁରକ୍ଷା ପାଇଁ ରକ୍ତ ଢାଳି ଦେଇଛନ୍ତି ବା ପ୍ରାଣବଳି ଦେଇଛନ୍ତି, ତା'ର ହିସାବ ରଖିଛି କିଏ ! ବହୁ ଦିନ ପରେ ଶତ୍ରୁ ପଛଘୁଞ୍ଚିବା ଫଳରେ ହିମାଳୟର ନୀରବ ତୁଷାର-ସ୍ରୋତରୁ ଭାରତୀୟ ଯବାନର ହାଡ଼ଗୋଡ଼ର ଚିହ୍ନ ଦେଖିବାକୁ ମିଳୁଛି—ତାର ବୀରତ୍ୱ କାହାଣୀ କ୍ରମେ କ୍ରମେ ପଦାକୁ ପ୍ରକାଶ ପାଉଛି । ସେଇଥିରୁ କେତେ ଜଣଙ୍କର ବୀରତ୍ୱ-କାହାଣୀ ଆମର ତରୁଣ ଓ ଯୁବକ ପାଠକପାଠିକାମାନଙ୍କ ନିକଟରେ ପରିବେଷଣ କରିବା ଏ ସ୍ତମ୍ଭର ଉଦ୍ଦେଶ୍ୟ—]

—ସଂପାଦକ



● କ୍ଷେମରାମ ... ୯ ପୃଷ୍ଠା

● ବଚ ସିଂ ... ୧୨ ପୃଷ୍ଠା

# କ୍ରୀଡ଼ା-ଜଗତ


( ଶେଷପୃ ୪୧ ପୃଷ୍ଠାରେ ଦ୍ରଷ୍ଟବ୍ୟ )

ଦେଶରକ୍ଷା କାର୍ଯ୍ୟ ପାଇଁ ଜାତିର ଦରକାର ସୁସ୍ଥ ସବଳ ଯବାନ । କିନ୍ତୁ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ଶକ୍ତି ହାସଲ ପାଇଁ ଉପଯୁକ୍ତ ଓ ପରିମିତ ଖାଦ୍ୟ ସଙ୍ଗେ ସଙ୍ଗେ ଉପଯୁକ୍ତ ଓ ପରିମିତ ବ୍ୟାୟାମ ଅତ୍ୟାବଶ୍ୟକ । ପୃଥିବୀର ଲୋକେ ଏ ଦିଗରେ ଜବର୍ ଚେଷ୍ଟା କରୁଛନ୍ତି, ଭାରତରେ ତଥା ଓଡ଼ିଶାରେ କେଉଁଠି ଏ ଦିଗରେ ଯୁବ-ସମାଜ କି ଭଳି ଉଦ୍ୟମ ଚଳାଇଛନ୍ତି, ତାହାର କିଞ୍ଚିତ୍ ଆଭାସ ମାତ୍ର ଏଠାରେ ଦିଆଯାଉଛି ।




୩ୟ ରାଜ୍ୟ କ୍ରୀଡ଼ାପ୍ରଦର୍ଶନୀରେ ଭାରୋତ୍ତୋଳନ ପାଇଁ 'ଓଡ଼ିଶା ଶ୍ରୀ' ଓ 'ଓଡ଼ିଶାକୁମାର' ଉପାଧିପ୍ରାପ୍ତ ପ୍ରତିଯୋଗୀ-ଦ୍ୱୟ

ଗତ ଫେବୃଆରୀ ମାସରେ ବାରବାଟି ଷ୍ଟାଡ଼ିୟମରେ ହୋଇଥିବା ୩ୟ ରାଜ୍ୟ କ୍ରୀଡ଼ା-ପ୍ରତିଯୋଗିତାର କୃତୀ ପ୍ରତି-ଯୋଗୀମାନଙ୍କ ଚିତ୍ର ଏ ପୃଷ୍ଠାରେ ଦିଆଯାଇଛି । ଏ ସମ୍ପର୍କୀୟ ଆଉ କେତୋଟି ଚିତ୍ର ଏ ସଂଖ୍ୟାରେ ଅନ୍ୟତ୍ର ଦେଖିବାକୁ ମିଳିବ ।



୩ୟ କ୍ରୀଡ଼ା-ପ୍ରତିଯୋଗିତାର ଅନ୍ୟ କେତେକ ବିଜୟୀ ପ୍ରତିଯୋଗୀ



# କ୍ଷେମରାମଙ୍କ ସାହସ

**ଲଦାଖ** ଅଞ୍ଚଳର ଉଷ୍ଣପ୍ରସ୍ରବଣ ଅଞ୍ଚଳ ନିକଟବର୍ତ୍ତୀ କୌଣସି ଏକ ନିର୍ଜନ ସ୍ଥାନ । ଅକ୍ଟୋବର ୨୭ ତାରିଖ । ୭ ଦିନବ୍ୟାପୀ ଗୋଳାଗୁଳି ଶବ୍ଦ ପରେ ତୁଳୁଛି ସତେ କି ସେପରି ବିଶ୍ରାମ ନେଉଥାଏ ।

ସବୁ ଚଲ୍ଲବାଟଟିଏ । ପାଖରେ ଗୋଟାଏ ବଡ଼ ପଥରମୁଣ୍ଡିଆ ପଡ଼ିରହିଛି । ଭାରତୀୟ ବାହିନୀର ଜଣେ ସୁବେଦାର ତାଙ୍କର ସାଥୀ ପହରାଦାର ସୈନିକମାନଙ୍କ ସହିତ ବୁଲୁଛନ୍ତି ଗୋଟାଏ ଆଗୁଆ ଘାଟିକୁ । ଚୀନାମାନଙ୍କ ଗୁଳିମାଡ଼ ପରେ ଘାଟିଟିର ଅବସ୍ଥା କପରି ଅଛି ଓ ସେଠିକାର ସୈନିକମାନେ ବଞ୍ଚିଛନ୍ତି କି ମରିଛନ୍ତି ଇତ୍ୟାଦି ବିଷୟ ସ୍ୱଚକ୍ଷୁରେ ଦେଖିଆସିବା ପାଇଁ ସୁବେଦାର ସାହେବ ବୁଲୁଥାନ୍ତି ଘୋଡ଼ା ପିଠିରେ ଦୁର୍ଗମ ଗିରିପଥ ଦେଇ···

ହଠାତ୍ ସେମାନଙ୍କ ମଧ୍ୟରୁ ଜଣେ ଚିତ୍କାର କରିଉଠିଲା—ୱହାଁ କୋନ ହୈ ? ସମସ୍ତେ ସେଇ ଆଡ଼କୁ ଚାହିଁଲେ ।

ପଥର ମୁଣ୍ଡିଆଟାର କଡ଼ରେ ଶୋଇ ରହିଛି ଜଣେ ସୈନିକ । ଡାହାଣ ହାତରେ ଧରିଛି ତା'ର ରାଇଫଲ୍, ଆଉ ବାଁ ହାତଟି ସାମାନ୍ୟ ଝୁଲିପଡ଼ିଛି ପଥର କଡ଼କୁ । ଜଣାଗଲା ଭାରତୀୟ ବାହିନୀର ସେ ଜଣେ ଯବାନ ।

ନାକ ପାଖରେ ହାତ ଦେଇ ଦେଖାଗଲା, ସୈନିକଟି ଅତ୍ୟନ୍ତ ପରିଶ୍ରାନ୍ତ ଅବସ୍ଥାରେ ଅଚଳନ୍ତ ଥଣ୍ଡାରେ ଶୋଇରହିଛି—ଦେହର ନାନାସ୍ଥାନରେ କ୍ଷତର ଚିହ୍ନ ରହିଥିଲେ ସୁଦ୍ଧା ସେ ଯେ ଜୀବିତ ଅଛି, ସେତକ ବୁଝିବାକୁ ଆଉ ବାକି ରହିଲାନି ।

× × ×

ସିପାହୀ କ୍ଷେମରାମ ଉଷ୍ଣପ୍ରସ୍ରବଣ ନିକଟବର୍ତ୍ତୀ ଘାଟିରେ ପହରା ଦେଉଥିବାବେଳେ ଅକ୍ଟୋବର ୨୦ ତାରିଖ ସକାଳେ ଖବର ପାଇଲା ଯେ ଚୀନା-ବାହିନୀ ଉତ୍ତର ସୀମାନ୍ତବର୍ତ୍ତୀ ଆମର ଅଧିକାଂଶ ଘାଟିକୁ ଆକ୍ରମଣ କରିଛି । ଏଇ ଘାଟିର କିଛି ଦୂରରେ ଦେଖାଯାଉଥାଏ ଚୀନାମାନଙ୍କର ଗୋଟାଏ ଆଗୁଆ ଘାଟି । କିନ୍ତୁ, ଅକ୍ଟୋବର ୨୦ ତାରିଖ ପୂର୍ବରୁ ତ ଚୀନାମାନଙ୍କ ଘାଟିରେ ସେପରି କିଛି ତତ୍ପରତା ଦେଖାଯାଉ ନ ଥିଲା !

ଯାହାହେଉ, କ୍ଷେମରାମ ଓ ତା'ର ସାଥୀମାନେ ଦିନରାତି କଡ଼ାକଡ଼ି ପହରା ଦେବାକୁ ଲାଗିଲେ—ଅକ୍ଟୋବର ୨୧ ତାରିଖ ଗଲା, ୨୨ ତାରିଖ ଗଲା, ୨୩ ତାରିଖ ବି ଯିବା ଉପରେ ··

ରାତି ୧୦ଟା ହେବ, ହଠାତ୍ ଚୀନାମାନଙ୍କ ଘାଟିରୁ ତୋପ-କମାଣର ଗର୍ଜନ ଶୁଣାଗଲା । ଭାରତୀୟ

ଘାଟି ଉପରେ ଅନବରତ ଗୋଳା ବୃଷ୍ଟି ହେବାକୁ ଲାଗିଲା । କ୍ଷେମସ୍ୱାମଙ୍କ ଦଳର ସେନାପତି ଖାରଶାସ୍ୱ ସଦର ମହକୁମାକୁ ତୁରନ୍ତ ଏହି ସମ୍ବାଦ ପଠାଇ-ଦେଲେ । ତାଙ୍କୁ ଆଦେଶ ମିଳିଲା—ଗୋଳାଗୁଳି ହାତରେ ରହିଥିବା ପର୍ଯ୍ୟନ୍ତ ସେମାନେ ଘାଟିଟିକୁ ରକ୍ଷା କରିବାକୁ ଚେଷ୍ଟା କରିବେ । ଯଦି ଓ ଯେତେ-ବେଳେ ଗୋଳାଗୁଳି ସରିଯିବ, ସେମାନେ ପଛଘୁଞ୍ଚା ଦେଇ ପ୍ରଧାନ ଘାଟିକୁ ଚାଲିଯିବେ ।

ଘଣ୍ଟାଏ ଖଣ୍ଡେ ଅନବରତ ଗୋଳାବୃଷ୍ଟି ଚଳାଇବା ପରେ ଚୀନା-ବାହିନୀ କଳା ମଚମଚ ଅନ୍ଧାରରେ ଖାରଶାସ୍ୱ ଘାଟି ଉପରେ ଅଚାନକ ଚଢ଼ାଉ ଆରମ୍ଭ କରିଦେଲା ।

କିଛି ସମୟ ପରେ...

କ୍ଷେମସ୍ୱାମ ଦେଖିଲା—ସେ ଯେଉଁ ପରିଖା ଭିତରେ ରହି ଯୁଦ୍ଧ କରୁଥିଲା, ସେଥିରୁ ସୈନ୍ୟମାନେ କିଏ କୁଆଡ଼େ ଗଲେଣି, ସେ ଏକୁଟିଆ ହୋଇଯାଇଛି । ଚାରି ପାଖରୁ ପଙ୍ଗପାଳ ପରି ଚୀନା ସୈନ୍ୟ ମାଡ଼ି ଆସୁଛନ୍ତି । ନାଏକ ମାସ୍ୱାସ୍ୱାମ ଓ ସିପାହୀ ମୁକ୍ତିଆର ସିଂହ ଆଉ ଗୋଟିଏ ପରିଖା ଭିତରୁ ଅବିଶ୍ରାନ୍ତ ଗୁଳି ଚଳାଇ ପଛକୁ ହଟିଯାଉଛନ୍ତି । ସେଇ ପରିଖାର ଅଳ୍ପ ଦୂରରେ ଆଉ ଦୁଇ ଜଣ ଖାରଶାସ୍ୱ ସୈନ୍ୟ ମରି ତଳେ ପଡ଼ିଛନ୍ତି...

ତାର ମନରେ ଟିକକ ଆଗର ଚୀନା ବର୍ବରତାର ନଗ୍ନ ଦୃଶ୍ୟ ଖେଳିଗଲା । ଶହ ଶହ ଚୀନା ସୈନିକ ଯେତେବେଳେ କ୍ଷେମସ୍ୱାମ ଓ ତା'ର ମୁଷ୍ଟିଜଣ ସାଥୀଙ୍କୁ ଘେରିଯାଇଥିଲେ, ସେତେବେଳେ ମଧ୍ୟ ଖାରଶାସ୍ୱ ଜବାନର ହାତରେ ରାଇଫଲ ଗର୍ଜନ କରି ଚାଲିଛି । ଜଣେ ଜଣେ ଜବାନଙ୍କ ହାତରେ ଏକାଧିକ ଚୀନାଙ୍କର ମୁଣ୍ଡ ଫାଟିଛି; କିନ୍ତୁ ଅଗଣିତ ଶତ୍ରୁ ସମ୍ମୁଖରେ ମାତ୍ର ପାଞ୍ଚଜଣ ସିପାହୀ କେତେ ସମୟ ବା ଲଢ଼ିପାରନ୍ତେ ?

କ୍ରମେ କ୍ରମେ କ୍ଷେମସ୍ୱାମର ମୁଷ୍ଟିଜଣଯାକ ସାଥୀ ଯୁଦ୍ଧ କରୁ କରୁ ରଣଭୂମିରେ ଢଳିପଡ଼ିଲେ । ଜଣ ଜଣଙ୍କ ଉପରକୁ ହୁଏତ ଏକାବେଳକେ ଶହ ଶହ ଚୀନା ବନ୍ଧୁକରୁ ଗୁଳି ବୃଷ୍ଟି ହେବାର କ୍ଷେମସ୍ୱାମ ଦେଖିଛି; କିନ୍ତୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ କ୍ଷେମସ୍ୱାମର ସାମର୍ଥ୍ୟ ନାହିଁ—କାରଣ ତା'ର ଗୋଳାଗୁଳି ଶେଷ ହୋଇଛି, ମାତ୍ର ଗୋଟିଏ କାର୍ତ୍ତୁଜ୍ ଓ ଦୁଇଟି ହାତ-ବୋମା ତା'ର ସମ୍ବଳ ।

ତଥାପି କ୍ଷେମସ୍ୱାମର ସାହସ ଦବି ନ ଥିଲା । ଠିଆ ହୋଇପଡ଼ି ସେ ପରିଖା ଭିତରୁ ଚୀନାମାନଙ୍କ ଆଡ଼କୁ ଦୁଇଟା ହାତବୋମା ଲଗ ଲଗ ପକାଇ-ଦେଲା । ଆଉ ସେଇ ବୋମାର ଧୂଆଁ ଆଢ଼ୁଆଳରେ ନିଜେ ଛୁ ମାରିଲା—କେଉଁ ଆଡ଼କୁ, ତାହା ସେ ଜାଣେ ନାହିଁ ।

ପଛରେ ହୁଏତ କେତେ ଜଣ ଚୀନା ସେହି ଅନ୍ଧକାରରେ ତା' ଆଡ଼କୁ ମାଡ଼ି ଆସୁଥିବାର ସେ ଜାଣିପାରୁଛି । ସେହି ଆଡ଼କୁ ଲକ୍ଷ୍ୟ କରି ସେ ତା'ର ଶେଷ ଗୁଳିଟି ଫୁଟାଇଲା । ଆଗରେ ଗୋଟାଏ ଅଣଓସାରିଆ ଗିରିନଦୀ । ଝରଝର ହୋଇ ଉପରୁ ତଳକୁ ହିମକାକର ଶୀତଳ ଜଳ ବହିଯାଉଛି । ଆଗରେ ନଦୀ, ପଛରେ ଶତ୍ରୁ—ଜଣେ ଦୁହେଁ, ପଙ୍ଗପାଳ ପରି ଅସଂଖ୍ୟ । କ୍ଷେମସ୍ୱାମର ହାତରେ ରାଇଫଲ; କିନ୍ତୁ ପାଖରେ ଗୋଟିଏ ହେଲେ ଗୁଳି ନାହିଁ ।

ଶତ୍ରୁହସ୍ତରେ ଆତ୍ମସମର୍ପଣ କରିବା ଅପେକ୍ଷା ସେ ହିମ ଜଳ ମଧ୍ୟକୁ ଲମ୍ଫ ପ୍ରଦାନ କରିବା ଶ୍ରେୟସ୍କର ମନେ କଲା । ନଳାର ବନ୍ଧ ଉପରେ ଠିଆ ହୋଇ ସେ ନିମିଷେମାତ୍ର ତଳକୁ ଆଖି ପକାଇଲା । କାହିଁ କେତେ ତଳେ ପାହାଡ଼-ଶଯ୍ୟା ଉପରେ ତୁଷାର ଶୀତଳ ଜଳରାଶି କଳକଳ ହୋଇ ବହିଯାଉଛି; ଭିତରେ କଟିକଟି ଅନ୍ଧକାର ।

ଆଉ ବେଳ ନାହିଁ । ଆଖିବୁଜି ସେ ସେହି ଅନ୍ଧକାର ଗହ୍ୱରକୁ ଲମ୍ଫ ପ୍ରଦାନ କଲା । ୪୦ ଫୁଟ ତଳେ ଜଳ ସ୍ପର୍ଶ କଲାବେଳକୁ ତା'ର ଗୋଡ଼ ଜଙ୍ଘର ହାଡ଼ ଭାଙ୍ଗିଗଲା; ତଥାପି ତା'ର ସାହସର ଅନ୍ତ ନାହିଁ । ସେହି ଅନ୍ଧକାର ଭିତରେ ସେ ପାଣିର ତୋଡ଼ କାଟି ନଳାର ଅପର ପାର୍ଶ୍ୱରେ ଉପସ୍ଥିତ ହେଲା ।

ଏତେ ଶୀତରେ ମଧ୍ୟ କ୍ଷେମରାମର ଦେହରୁ ଗୋଟା ଗୋଟା ଶ୍ରମଜଳ ବହିଯାଉଥାଏ । ବହୁ କଷ୍ଟରେ ଗୁରୁଣ୍ଡି ଗୁରୁଣ୍ଡି ସେ ଖଣ୍ଡିଏ ବଡ଼ ପଥର ଡିମା ଅନ୍ତରାଳକୁ ଯାଇ ଗୁଳିବାଜ ମେଲାଇ ଶୋଇପଡ଼ିଲା । ବିନା ଆହାର ଓ ବିନା ଆଶ୍ରୟରେ ସେହି ଦୁର୍ଗମ ତୁଷାର ଭୂମିରେ ତାର କପରି ଦୁଇଦିନ ଦୁଇ ରାତି କଟିଯାଇଛି, ସେ ଜାଣେ ନାହିଁ ।

× × ×


୨୭ ତାରିଖ ଦିନ କ୍ଷେମରାମକୁ ସାମରିକ ହାସପାତାଳରେ ଭର୍ତ୍ତି କରାଯାଇଥିଲା । କ୍ଷେମରାମର ସଂଜ୍ଞା ଫେରିବାପରେ ତା'ର ଅନୁଭୂତ ସେ ସମସ୍ତଙ୍କୁ ଶୁଣାଇଛି । ବର୍ତ୍ତମାନ ତା'ର ଭଙ୍ଗାହାଡ଼ ଯୋଡ଼ି ହୋଇଗଲାଣି ।

ଆଉ କେତେ ଦିନ ଭିତରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଫେରିପାଇବା ପରେ ସମ୍ମୁଖ ରଣାଙ୍ଗନକୁ ଯାଇ ନିଜର ସାଙ୍ଗସାଥୀମାନଙ୍କୁ ଭେଟିବ ବୋଲି କ୍ଷେମରାମ ଆଶା କରୁଛି ।

## ବ୍ୟବସାୟମୂଳକ ଟିକସ ନିର୍ଦ୍ଧାରଣ ୟୁନିଟ୍‌ମାନଙ୍କ କାର୍ଯ୍ୟ-ପରିସରର ପୁନର୍ଗଠନ

ଗତ କେତେକାଳ ହେଲା ନିମ୍ନଲିଖିତ ବ୍ୟବସାୟମୂଳକ ଟିକସ ନିର୍ଦ୍ଧାରଣ ୟୁନିଟ୍‌ମାନଙ୍କର କାର୍ଯ୍ୟ-ପରିସର (ଜୁରିସ୍‌ଡିକ୍‌ସନ୍)ର ପୁନର୍ଗଠନ ପ୍ରଶ୍ନ ବିଚାରାଧୀନ ଥିଲା । ସାବଧାନତା ସହକାରେ ବିଚାର କରିବା ପରେ, ନିମ୍ନରେ ଦର୍ଶାଯାଇଥିବାମତେ ୟୁନିଟ୍‌ମାନଙ୍କର କାର୍ଯ୍ୟ-ପରିସରକୁ ପୁନର୍ଗଠନ କରାଯାଇଛି । ସଂପୃକ୍ତ ଅଞ୍ଚଳମାନଙ୍କର ବ୍ୟବସାୟୀ ଓ ଟିକସଦାତାମାନଙ୍କୁ ଏହା ଜାଣିରଖିବା ନିମନ୍ତେ ଅନୁରୋଧ କରାଯାଇଛି । ବଡ଼ ବଡ଼ ବ୍ୟବସାୟୀଙ୍କ ଛଡ଼ା ଅନ୍ୟ ବ୍ୟବସାୟୀମାନଙ୍କ ଟିକସ ନିର୍ଦ୍ଧାରଣ କାର୍ଯ୍ୟ ୟୁନିଟ୍ ଦାୟିତ୍ୱରେ ଥିବା ଅଫିସର ହାତକୁ ନେବେ । ରେଜିଷ୍ଟ୍ରେସନ, ସାଜ ନିର୍ଦ୍ଧାରଣ କରିବା. ରିଟର୍ଣ୍ଣ ଦାଖଲ୍ କରିବା , ବ୍ୟବସାୟୀ ଓ କରଦାତାମାନଙ୍କଠାରୁ ପ୍ରାପ୍ୟ ଟିକସ ଆଦାୟ କରିବା ପ୍ରଭୃତି କାର୍ଯ୍ୟ ଏବଂ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଘୋଷଣା ଫର୍ମ (ଡିକ୍ଲାରେସନ୍ ଫର୍ମ) "ସି" ଯୋଗାଇଦେବା କାର୍ଯ୍ୟ ଏହି ୟୁନିଟ୍‌ମାନେ କରିବେ । ତେଣୁ ସଂପୃକ୍ତ ଅଞ୍ଚଳର ବ୍ୟବସାୟୀ ଓ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଏହି ସୁବିଧାର ପୂର୍ଣ୍ଣ ସୁଯୋଗ ନିଅନ୍ତୁ ଏବଂ ନିଜ ନିଜ ଅଞ୍ଚଳର ୟୁନିଟ୍ ଅଫିସରମାନଙ୍କ ସହ ପୂର୍ଣ୍ଣ ସହଯୋଗ କରନ୍ତୁ ।

| (ଟିକସ ନିର୍ଦ୍ଧାରଣ ୟୁନିଟ୍‌ର ନାମ) | | (ପୁନର୍ଗଠନ ହେବାପରେ ୟୁନିଟ୍‌ର ପରିସର) |
|---|---|---|
| ୧ । ବାଣପୁର ଟିକସ ନିର୍ଦ୍ଧାରଣ ୟୁନିଟ୍, ସଦର ମହକୁମା—ବାଲୁଗାଁ | .. | ବାଣପୁର, ଟାଙ୍ଗି, ରଣପୁର ଥାନା ଓ ପାରିକୁଦ ଏବଂ ମାଲୁଦ ଦ୍ୱୀପପୁଞ୍ଜ । |
| ୨ । ଖୁର୍ଦ୍ଦା ଟିକସ ନିର୍ଦ୍ଧାରଣ ୟୁନିଟ୍, ସଦର ମହକୁମା—ଖୁର୍ଦ୍ଦା | .. | ଖୁର୍ଦ୍ଦା ତାଲୁକ ଓ ବେଗୁନିଆ ଥାନା । |
| ୩ । ଯାଜପୁର ଟିକସ ନିର୍ଦ୍ଧାରଣ ୟୁନିଟ୍, ସଦର ମହକୁମା—ଯାଜପୁର ଟାଉନ୍ | .. | ଯାଜପୁର ଥାନା, ବିଞ୍ଝାରପୁର, ଧର୍ମଶାଳା ଓ ବଡ଼ଚଣା । |



# ରାଇଫ୍ଲ-ମ୍ୟାନ୍ ଯଶ ସିଂ

'କିବିଥୁ'—ନେଫା ଅଞ୍ଚଳର ଲୋହିତ ଡିଭିଜନ ଅନ୍ତର୍ଗତ କିବିଥୁ—ମ୍ୟାକ୍‌ମାହନ ରେଖା ଉପରେ ଗୋଟିଏ ଛୋଟ ଘାଟି ।

ଘାଟିଟି ଯିନା ଛୋଟ, ହେଲେ ତାର ଗୁରୁତ୍ୱ କମ୍ ନୁହେଁ । ସେଇଥିପାଇଁ ସବୁବେଳେ ଭାରତର ଟାଣୁଆ ବାହିନୀ 'ଆସାମ ରାଇଫଲ୍‌ସ୍' ଓ 'କୁମାଓଁନ ରେଜିମେଣ୍ଟ'ର ସୈନ୍ୟମାନେ ଏଠାରେ ପହରା ଦିଅନ୍ତି ।

୧୯୬୨ ନଭେମ୍ବର ୧୧ତାରିଖ ରାତିଅଧ—ଚାରିଆଡ଼େ ଅନ୍ଧାରର ପଟଳ ମାଡ଼ିଯାଇଛି । ସାଇଁ-ସାଇଁ ପବନ ବହୁଛି । ସେଇ କନ୍‌କନିଆ ଶୀତରାତିରେ ମଧ୍ୟ ଘାଟି ଭିତରେ ଜାଗର ହୋଇ ପହରା ଦେଉଛନ୍ତି କେତେ ଜଣ ଭାରତୀୟ ପହରାଦାର ସୈନ୍ୟ ।

ଗୁଡୁମ୍ ଗୁଡୁମ୍—ହଠାତ୍ ଦୂରରୁ ଦଳଦଳ ହୋଇ ଚୀନା ସୈନ୍ୟ ଅଜସ୍ର ଗୁଳି ଫୁଟାଇ ମାଡ଼ିଆସିଲେ ଏଇ ଛୋଟ ଘାଟିଆଡ଼କୁ । ଅକ୍ଟୋବର ୨୦ତାରିଖରୁ ସେମାନେ ଏମିତି ଅଜସ୍ର ବହୁଳ ସଂଖ୍ୟାରେ ଆସି ଭାରତର କେତେ ଘାଟି କବଜା କରିନେଲେଣି । ଆଜି କିବିଥୁକୁ ଗ୍ରାସ କରିବା ପାଇଁ ଅଧରାତିଆ ଏ ଅଭିଯାନ ।

ଏ ଆକ୍ରମଣ ହେବାର ବହୁ ପୂର୍ବରୁ ଦିନରେ ଯଶ ସିଂଙ୍କୁ ପଠାଇ ଦିଆଯାଇଥିଲା ଆଉ ଗୋଟାଏ ଘାଟିକୁ । ଗୋଟାଏ ଗୁରୁତର ସମ୍ବାଦ ନେଇ ଯାଇଥିଲେ ସେ । କିବିଥୁ ଉପରେ ଆକ୍ରମଣ ହେବା ପର୍ଯ୍ୟନ୍ତ ସେ ଫେରିପାରି ନ ଥାଏ ।

ଆକ୍ରମଣ ର ଦ୍ରୁତ—ପ୍ଳାବନ । ପଙ୍ଗପାଳ ପରି ଭୁଷାକୁ ଭୁଷା ଚୀନା ସୈନ୍ୟ ମାଡ଼ିଆସିଲେ । ଅନ୍ଧାରରେ କେତେ ମଲେ—ପୁଣି କେତେ ମାଡ଼ି ଆସିଲେ । ସଂଖ୍ୟାଧିକ ଚୀନାସୈନ୍ୟଙ୍କ ଆଗରେ ମୁଷ୍ଟିମେୟ କେତେ ଜଣ ଭାରତୀୟ ପହରାଦାର ସୈନ୍ୟ କେତେବେଳଯାକେ ଯୁଦ୍ଧ ଚଳାନ୍ତେ ! ସେମାନେ ଯୁଦ୍ଧ କରୁ କରୁ ଆସ୍ତେ ଆସ୍ତେ ପଛକୁ ହଟି ଯାଇ ଆଉ ଗୋଟାଏ ସୁରକ୍ଷିତ ଘାଟିରେ ଆଶ୍ରୟ ନେଲେ ଓ ଚୀନାମାନଙ୍କୁ ଖେଦାଳିବା ପାଇଁ ସେଇ ଘାଟିରୁ ପ୍ରସ୍ତୁତ ହେବାକୁ ଲାଗିଲେ ।

ବିଚରା ବଶ ସିଂଙ୍କୁ ଏସବୁ କିଛି ଜଣା ନାହିଁ । ପାହାଡ଼ିଆ ରାସ୍ତାରେ ଧଇଁସଇଁ ହୋଇ ସେ ନିଜ ଘାଟିକୁ ଫେରିଆସିଛି—ରାତି ପ୍ରାୟ ପାହାନ୍ତାବେଳକୁ । କନକନିଆ ଶୀତ, ସାଇଁ-ସାଇଁ ପବନ ବହୁଛି, ଅସ୍ପଷ୍ଟ ଆଲୋକରେ ବଶ ସିଂ ଦେଖିଲା ଘାଟିର ଗୋଟାଏ କଣରେ ତିନିଜଣ ସୈନ୍ୟ ଜାକିଜୁକି ହୋଇ ବସି ରହିଛନ୍ତି ।

କିଏ ସେମାନେ—ଭାରତୀୟ ନା ଚୀନା ? ଦୂରରୁ ଚିହ୍ନି ହେଉ ନାହିଁ; ଖାଲି ତିନି ଜଣ ବୋଲି ବାରି ହେଉଛନ୍ତି ମାତ୍ର । ବଶ ସିଂ ମନରେ ତ ସନ୍ଦେହ ନାହିଁ । ସେ ବେଶ୍ ନିଶ୍ଚିନ୍ତମନେ ଯାଇ ସେ ତିନିଜଣଙ୍କ ସାଥିରେ ମିଶିଗଲା । କିନ୍ତୁ ହାୟ ଦୁର୍ଭାଗା ବଶ ସିଂ ··

ସେ ତିନି ଜଣ କିଛି ସମୟ ଗୁମ୍‌ମାରି ବସିରହିଲେ; ବୋଧହୁଏ ବୁଝିପାରିଲେ ନାହିଁ ଏ ଲୋକଟି କିଏ । ହଠାତ୍ ଜଣେ ଉଠି ବଶ ସିଂଙ୍କୁ ପୁଣି ପ୍ରଶ୍ନ କଲା, "Who is there (କିଏ ସେ) ?" ବଶ ସିଂ ବଡ଼ ପାଟିରେ ଉତ୍ତର ଦେଲା, "Friend (ସାଥୀ)" ।

କିନ୍ତୁ ୩ଜଣଯାକ ଚୀନା ଏଥରବେଳକେ ପାଟିକରି ଉଠିଲେ—"ହିନ୍ଦୀ-ଚୀନା ଭାଇ-ଭାଇ" ।

ସର୍ବନାଶ—ବଶ ସିଂର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ସେ କେଜାଣି କେମିତି ଚୀନା-ସୈନ୍ୟଙ୍କ ହାବୁଡ଼ରେ ପଡ଼ିଯାଇଛି । କିନ୍ତୁ ଭାରତର ଜବାନ ସେ—ଡର କାହାକୁ କହନ୍ତି ତାକୁ ଅଜଣା । ସେ ନିଜର ରାଇଫଲଟାକୁ ଆଣ୍ଠରେ ଧରି ଠିଆ ହୋଇ ରହିଲା—ଚୀନା ତିନିଟାଙ୍କ ଆଖିରେ ଆଖି ମିଳାଇ ।

ଚୀନା ତିନିଜଣ ନିଜ ନିଜର ବନ୍ଧୁକରେ ସଙ୍ଗୀନ୍ ଖୋଷି ବଶ ସିଂଙ୍କୁ ଘେରିଗଲେ । ବଶ ସିଂ ଏକୁଟିଆ କ'ଣ ବା କରନ୍ତା ? ଚୀନାମାନେ ତାକୁ ବନ୍ଦୀଭାବରେ ଠେଲି ଠେଲି ଆଗକୁ ଚଲାଇ ନେଲେ ।

ବଶ ସିଂ ପାହାଡ଼-ମୂଲକର ଲୋକ । କୁମାଉଁନର ପାଇକ ବଡ଼ ଧୂର୍ତ୍ତ—ଦୁର୍ବୃତ୍ତ ସଙ୍ଗରେ ସଂଗ୍ରାମ କରି-କରି ସେମାନେ ଚଟାପଟ୍ ଗୋଟାଏ ଗୋଟାଏ ସିଦ୍ଧାନ୍ତ କରିବାରେ ଧୁରନ୍ଧର···

ବଶ ସିଂ ଚାଲିଥାଏ—ଚାରିଆଡ଼କୁ ଚାହିଁ ଅବସ୍ଥାଟା ମାପି ନେଉଥାଏ । ଚାରିପାଖେ ଆବଡ଼ା ଖାବଡ଼ା ପାହାଡ଼—କେଉଁଠି ମୁଣ୍ଡିଆ ତ କେଉଁଠି ପଥର-ଚଟାଣ; କେଉଁଠି ଝଙ୍କା ବୁଦା ତ ଆଉ କେଉଁଠି ପଥରଭେଦା ଗୁଳ୍ମ । ଉଷାର ଝାପ୍‌ସା ଆଲୁଅରେ ତାର ଆଖି ଏସବୁ ଉପରେ ବୁଲିଗଲା—ଅରେ, ଦ'ଥର । ହାତରେ ରାଇଫଲଟାକୁ ବାଗେଇ ଧରି ସେ ଚୀନାମାନଙ୍କ ସଙ୍ଗୀନ୍ ଆଗେ ଆଗେ ଚାଲିଥାଏ—ଲେଫ୍‌ଟ ରାଇଟ୍···

ହଠାତ୍ ଚୀନାମାନଙ୍କ ମଧ୍ୟରୁ ଜଣେ ମାଟି ଉପରେ ବସିପଡ଼ିଲା । ବିଜୁଳି ବେଗରେ କେତେବେଳେ ବଶ ସିଂ ହଠାତ୍ ବୁଲିପଡ଼ି ନିଜ ରାଇଫଲରେ ସେ ତିନିଙ୍କ ବନ୍ଧୁକ ନଳକୁ ପିଟିଦେଇଛି—ତା ସେମାନେ ପ୍ରଥମେ ଧାରଣା କରିପାରି ନାହାନ୍ତି । ତାଙ୍କର ହସ୍ତସ୍ଥ ଭଙ୍ଗିବାବେଳକୁ ଜଣକ କାନ୍ଧରେ ବସିଛି ରାଇଫଲର ପାହାର । ତିନିଜଣଯାକ ଅବସ୍ଥାର ଗୁରୁତ୍ୱ ଅନୁମାନ କରିବା ବେଳକୁ ବଶ ସିଂ ଆଉ ସେଠାରେ ନାହିଁ ।

ପାହାଡ଼ୀ ବଶ ସିଂ ଆଖିପଲକରେ ତିନିଙ୍କୁ କାବୁ କରିପକାଇ ଚମ୍ପଟ୍ ମାରିଲା । ଚୀନାମାନଙ୍କ ଚମକ ଭାଙ୍ଗିବାପରେ ଜଣେ ଚୀନା ପଳାତକ ବଶ ସିଂ ଆଡ଼େ ଲକ୍ଷ୍ୟ କରି ବନ୍ଧୁକ ଟିପିଲା । ବଶ ସିଂ ଆଉ ଟେଙ୍ଗରା—ସେ ଜାଣେ, ଚୀନାମାନଙ୍କ ଚମକ ବେଶି ବେଳ ରହିବ ନାହିଁ । ତେଣୁ ସେ ଗୋଟାଏ ପଥର ପଛପଟେ ଲୁଚି ଆତ୍ମରକ୍ଷା କଲା—ଅବଶ୍ୟ ଚୀନା ବନ୍ଧୁକର ଗୁଳିରେ ତାର ହାତଟା ଆଘାତ ପାଇଲା ।

ଚୀନା ତିନିଜଣ ବଶ ସିଂ ପଛେ ପଛେ ଧାଇଁଲେ—ତାକୁ ଧରିବା ପାଇଁ । କିନ୍ତୁ କେତେବେଳେ

( ୧୬ ପୃଷ୍ଠା ଦେଖନ୍ତୁ )

# ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀ ଗଠନ

## ( ବିଭିନ୍ନ ରାଜ୍ୟର ଅଗ୍ରଗତି )

ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମିଳିଥିବା ରିପୋର୍ଟରୁ ଜଣାଯାଉଛି ଯେ ଏପର୍ଯ୍ୟନ୍ତ ୯୭ ଲକ୍ଷରୁ ଅଧିକ ଲୋକ ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀରେ ଯୋଗ ଦେଇଛନ୍ତି ଏବଂ ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ୧୮୪ ଲକ୍ଷରୁ ଅଧିକ ଶ୍ରମ-ଦିବସ ମିଳିଛି ।

ସମଗ୍ର ଦେଶରେ ଦିନକୁ ହାରାହାରି ଟ ୧.୨୫ ନ୍ୟା:ପ: ମଜୁରି ମିଳୁଛି ବୋଲି ଧରିନିଆଗଲେ ଏହି ଶ୍ରମର ମୂଲ୍ୟ ୨.୫ କୋଟି ଟଙ୍କା ହେଉଛି ।

ମାଡ୍ରାଜ, କେରଳ, ମଣିପୁର ଓ ଆସାମ ଭଳି କେତେକ ରାଜ୍ୟରେ ମହିଳାମାନଙ୍କ ତରଫରୁ ଏ ପରିକଳ୍ପନା ପ୍ରତି ବିଶେଷ ଆଗ୍ରହ ପ୍ରକାଶ ପାଇଛି ଏବଂ ସେଠାରେ ବହୁସଂଖ୍ୟାରେ ସ୍ୱେଚ୍ଛାସେବୀ-ବାହିନୀରେ ମହିଳା ଶାଖା ସଂଗଠନ କରିବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି ।

ଏହି ବାହିନୀର ଯେଉଁ କାର୍ଯ୍ୟକ୍ରମ ରହିଛି, ସାଧାରଣତଃ ତାହା ଉତ୍ପାଦନମୂଳକ ହୋଇଥିବାରୁ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ବିଭିନ୍ନ ସ୍ଥାନରେ ସେଥିରେ ପ୍ରଭେଦ ଦେଖାଯାଉଛି । ରାସ୍ତାଘାଟ, କ୍ଷେତନାଳୀ ଖୋଳିବା, ପଡ଼ିଆ ଜମି ଉଠିଆ କରିବା, କମ୍ପୋଷ୍ଟ-ଖାତ ଖୋଳିବା, ପୋଖରୀ ଖୋଳିବା ଏବଂ କୁକୁଡ଼ା ଓ ମାଛଚାଷର ଉନ୍ନତି ଘଟାଇବା ପ୍ରଭୃତି ଧରଣର କାର୍ଯ୍ୟ ସାଧାରଣତଃ ସବୁରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଓଡ଼ିଶାରେ ଇଟା-ଭାଟି ଏବଂ ଆନ୍ଧ୍ର, ମଣିପୁର, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ଜାଳେଣିକାଠର ବଗିଚା ତିଆରି କରାଯାଉଛି । ଆଉ ମଧ୍ୟ ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀର ଦଳପତି, ଉପଦଳପତି ଓ ସଭ୍ୟମାନଙ୍କୁ ତାଲିମ ଦେବାଦିଗରେ ଯଥେଷ୍ଟ ଅଗ୍ରଗତି ହୋଇଛି ।

### ଆନ୍ଧ୍ର ପ୍ରଦେଶ

ଏ ରାଜ୍ୟରେ ତାଲିକାଭୁକ୍ତ ସ୍ୱେଚ୍ଛାସେବକଙ୍କ ସଂଖ୍ୟା ୨,୭୩,୦୦୦ ଓ ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ମିଳିଥିବା ଶ୍ରମ-ଦିବସର ସଂଖ୍ୟା ୨୭,୪୮,୦୦୦ । ପ୍ରକୃତରେ ଯେତିକି କାର୍ଯ୍ୟ ହୋଇଛି, ତାହାର ମୂଲ୍ୟ ୧.୮୯ ଲକ୍ଷ ଟଙ୍କା । ଏପର୍ଯ୍ୟନ୍ତ ପ୍ରାୟ ୯,୩୭୮ ଦଳପତି ତାଲିମ ପାଇଛନ୍ତି । ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀର ସଭ୍ୟମାନଙ୍କୁ ତାଲିମ ଦେବା କାର୍ଯ୍ୟକ୍ରମ ଏପ୍ରିଲ ମାସ ସୁଦ୍ଧା ଶେଷ ହୋଇଛି ।

### ଆସାମ

ପ୍ରାୟ ୧,୦୦୦ ମହିଳା ସମେତ ସାଢ଼େଚାରି ଲକ୍ଷରୁ ଅଧିକ ଲୋକ ବାହିନୀରେ ନାମ ଲେଖାଇଛନ୍ତି । ମିଳିଥିବା ଶ୍ରମ-ଦିବସର ସଂଖ୍ୟା ସଂଗ୍ରହ କରାଯାଉଛି । ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀର ସଭ୍ୟମାନଙ୍କ ପାଇଁ ଏକ ତାଲିମ-କାର୍ଯ୍ୟକ୍ରମ ଶୁରୁ କରାଯାଇଛି ।

### ବିହାର

ପ୍ରାୟ ୩୦,୭୫,୦୦୦ ସ୍ୱେଚ୍ଛାସେବକ ବାହିନୀଭୁକ୍ତ ହୋଇଛନ୍ତି । ପ୍ରତିରକ୍ଷା ଶ୍ରମ ବ୍ୟାଙ୍କକୁ ଏପର୍ଯ୍ୟନ୍ତ ୮ ଲକ୍ଷ ଶ୍ରମ-ଦିବସ ସୁଦ୍ଧା ମିଳିଛି । ପ୍ରାୟ ୧୦,୦୦୦

ଦଳପତି ତାଲିମ ପାଇଲେଣି । ସେମାନଙ୍କ ମଧ୍ୟରୁ ୨୫୦୦ ଲୋକଙ୍କୁ ବିଶେଷ ତାଲିମ ଦିଆଯାଇଛି; ଯାହା ଫଳରେ ସେମାନେ ତାଲିମ ଶିବିରମାନଙ୍କରେ ଶିକ୍ଷାଦାତାରୂପେ କାର୍ଯ୍ୟ କରିପାରିବେ । ଏପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ-ବାହିନୀର ୭.୫ ଲକ୍ଷ ସଭ୍ୟ ତାଲିମ ପାଇସାରିଛନ୍ତି ଏବଂ ଜୁନ ଶେଷସୁଦ୍ଧା ଆଉ ୨୦ ଲକ୍ଷ ସଭ୍ୟ ତାଲିମ ପାଇଥିବେ ବୋଲି ଆଶା କରାଯାଉଛି ।

## ଗୁଜରାଟ

ଏ ପର୍ଯ୍ୟନ୍ତ ୨ ଲକ୍ଷ ୨୪ ହଜାର ଲୋକ ସ୍ୱେଚ୍ଛାସେବୀ-ବାହିନୀରେ ନାମ ଲେଖାଇଲେଣି ଓ ୩,୭୨,୦୦୦ ଶ୍ରମ-ଦିବସ ଦାନ ମିଳିଛି । ଏହାଛଡ଼ା ଶ୍ରମ ବଦଳରେ ଟଙ୍କା ଆକାରରେ ୨୨,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଦାନ ମିଳିଛି ।

## କେରଳ

୨,୪୭,୦୦୦ରୁ ଅଧିକ ଲୋକ ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀରେ ଯୋଗ ଦେଲେଣି । ଏଥିମଧ୍ୟରେ ପ୍ରାୟ ଏକ ହଜାର ମହିଳା ଅଛନ୍ତି । ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ୭୪,୪୭୦ ଶ୍ରମ-ଦିବସ ଦାନ ମିଳିଛି । ଶ୍ରମ ପରିବର୍ତ୍ତେ ମିଳିଥିବା ନଗଦ ଦାନର ପରିମାଣ ୨୩,୦୦୦ ଟଙ୍କା । ଦଳପତି ଓ ଉପଦଳପତି ସଂଖ୍ୟା ଯଥାକ୍ରମେ ୯୨୨ ଓ ୭୦୨୯ । ବ୍ଲକମାନଙ୍କରେ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ଦଳପତି ଓ ଉପଦଳପତିମାନେ ତାଲିମ ପାଇସାରିବା ପରେ ସେମାନଙ୍କ ଅଧୀନସ୍ଥ ସ୍ୱେଚ୍ଛାସେବକମାନଙ୍କୁ ତାଲିମ ଦେବେ ।

## ମଧ୍ୟ-ପ୍ରଦେଶ

ରାଜ୍ୟର ଏ ପର୍ଯ୍ୟନ୍ତ ପ୍ରାୟ ୫ ଲକ୍ଷ ଲୋକ ସ୍ୱେଚ୍ଛାସେବୀ-ବାହିନୀରେ ଯୋଗଦେଇଛନ୍ତି । ପ୍ରାୟ ୧୭୦୦୦ ଦଳପତି ଓ ଉପଦଳପତିଙ୍କୁ ତାଲିମ ଦିଆ-ଯାଇଛି । ଏଥିରେ ରାଇଫଲ୍ ଚାଳନାରେ ତାଲିମ ମଧ୍ୟ ଅନ୍ତର୍ଭୁକ୍ତ ।

## ମାନ୍ଦ୍ରାଜ

ଏ ପର୍ଯ୍ୟନ୍ତ ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀରେ ନାମ ଲେଖାଇଥିବା ଲୋକସଂଖ୍ୟା ୧୧,୨୫,୦୦୦ ହେବ । ଏଥିରୁ ପ୍ରାୟ ୪୨,୦୦୦ ଜଣ ମହିଳା । ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ଦାନ ମିଳିଥିବା ଶ୍ରମ-ଦିବସର ସଂଖ୍ୟା ୨୫,୦୮,୦୦୦ । ଦଳପତି ଓ ଉପଦଳପତି ତାଲିମ କରିବା କାର୍ଯ୍ୟକ୍ରମ ଜୁନ ଶେଷସୁଦ୍ଧା ସମାପ୍ତ ହେବାର ଆଶା । ମାନ୍ଦ୍ରାଜରେ ମହିଳାମାନେ ଏ କାର୍ଯ୍ୟରେ ବିଶେଷ ଉତ୍ସାହ ଦେଖାଉଥିବା ଦୃଷ୍ଟିରୁ ରାଜ୍ୟ ସରକାର ମହିଳା ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଗାଢ଼ ତାଲିମ କାର୍ଯ୍ୟକ୍ରମ ଚଳାଇଛନ୍ତି । ଏଥିରେ ଗୃହ-ଶୁଶ୍ରୂଷା, ପ୍ରାଥମିକ ଚିକିତ୍ସା, କୁକୁଡ଼ାପାଳନ ଓ ପନିପରିବା ଚାଷ ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି ।

## ମହାରାଷ୍ଟ୍ର

ସ୍ୱେଚ୍ଛାସେବୀ - ବାହିନୀଭୁକ୍ତ ଲୋକସଂଖ୍ୟା ୨,୩୦,୦୦୦ ଓ ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ମିଳିଥିବା ଶ୍ରମ-ଦିବସ ସଂଖ୍ୟା ୧୯,୧୪,୦୦୦ ।

## ମହୀଶୂର

ଏ ରାଜ୍ୟର ଗ୍ରାମ୍ୟ ସ୍ୱେଚ୍ଛାସେବୀ-ବାହିନୀରେ ୧୧୦୦ ମହିଳା ସମେତ ୨,୧୪,୦୦୦ରୁ ଅଧିକ ଲୋକ ଅଛନ୍ତି । ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ପ୍ରାୟ ୨୪ ଲକ୍ଷ ଶ୍ରମ-ଦିବସ ଦାନ ମିଳିଛି ।

## ଓଡ଼ିଶା

ଏ ରାଜ୍ୟର ପ୍ରାୟ ୨,୭୨,୦୦୦ ଲୋକ ସ୍ୱେଚ୍ଛାସେବୀ-ବାହିନୀରେ ଯୋଗଦେଇଛନ୍ତି ଏବଂ ୨,୩୯,୦୦୦ ଶ୍ରମ-ଦିବସ ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ଦାନ ମିଳିଛି ।

## ରାଜସ୍ଥାନ

ପ୍ରାୟ ୨୨,୦୦୦ ଲୋକବିଶିଷ୍ଟ ସ୍ୱେଚ୍ଛାସେବୀ-ବାହିନୀ ଗଢ଼ାଯାଇପାରିଛି । ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ପ୍ରାୟ

୨,୯୮,୦୦୦ ଶ୍ରମ-ଦିବସ ସେବା ମିଳିଛି । ଶ୍ରମ ସପ୍ତାହରେ ମିଳିଥିବା ନଗଦ ଟଙ୍କାର ପରିମାଣ ୨୩,୦୦୦ ଟଙ୍କାରୁ ଅଧିକ, ପ୍ରାୟ ୩୦୦ରୁ ଅଧିକ ପଞ୍ଚାୟତରେ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି ଓ ଅନ୍ୟାନ୍ୟ ଅଞ୍ଚଳରେ ସ୍ୱେଚ୍ଛାସେବକମାନଙ୍କୁ ତାଲିମ ଦେବା କାର୍ଯ୍ୟ ହାତକୁ ନିଆଯାଇଛି ।

## ଉତ୍ତର-ପ୍ରଦେଶ

ରାଜ୍ୟର ସ୍ୱେଚ୍ଛାସେବୀ-ବାହିନୀରେ ଯୋଗ ଦେଇଥିବା ଲୋକଙ୍କ ସଂଖ୍ୟା ୧୬ ଲକ୍ଷରୁ ଅଧିକ ଏବଂ ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ସେବା ମିଳିଥିବା ଶ୍ରମ-ଦିବସର ସଂଖ୍ୟା ୩୬ ଲକ୍ଷରୁ ଅଧିକ । ଦଳପତିମାନଙ୍କ ତାଲିମ ପାଇଁ ଏକ ବିଶଦ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ଓ ମଇ ମାସ ସୁଦ୍ଧା ଶେଷ ହୋଇଯିବାର ଆଶା । ଏ ରାଜ୍ୟରେ ଗୋଟାଏ ବିଶେଷ କଥା ଦେଖିବାକୁ ମିଳିଲା ଯେ ଗୋଟିଏ ଜିଲ୍ଲାରୁ ୭୪୪ ଦଳପତି ତାଲିମ ପାଇଥିଲେ ଏବଂ ଏ ବାବଦ ସମସ୍ତ ଖର୍ଚ୍ଚ ଗ୍ରାମପଞ୍ଚାୟତ ଓ ତାଲିମ ପ୍ରାର୍ଥୀମାନେ ବହନ କରିଛନ୍ତି ।

## ପଶ୍ଚିମ-ବଙ୍ଗ

ଏ ପର୍ଯ୍ୟନ୍ତ ମିଳିଥିବା ହିସାବରୁ ଜଣାଯାଏ ଯେ ଏ ରାଜ୍ୟର ବାହିନୀସଂଖ୍ୟା ପ୍ରାୟ ୫ ଲକ୍ଷ ଏବଂ ପ୍ରତିରକ୍ଷା ଶ୍ରମ-ବ୍ୟାଙ୍କକୁ ୧୬ ଲକ୍ଷରୁ ଅଧିକ ଶ୍ରମ-ଦିବସ ସେବା ମିଳିଛି । ବର୍ତ୍ତମାନ ପ୍ରାୟ ୫୦ ହଜାର ଦଳପତି ଓ ଅଧିନାୟକଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି ।

## କେନ୍ଦ୍ରଶାସିତ ଅଞ୍ଚଳ

ଦିଲ୍ଲୀ, ହିମାଚଳ ପ୍ରଦେଶ, ତ୍ରିପୁରା, ପଣ୍ଡିଚେରୀ, ଗୋଆ ଓ ଆଣ୍ଡାମାନ-ନିକୋବାର ଦ୍ୱୀପପୁଞ୍ଜ ଏହି କେନ୍ଦ୍ରଶାସିତ ଅଞ୍ଚଳରୁ ମିଳିଥିବା ରିପୋର୍ଟରୁ ଜଣାଯାଏ ଯେ ସେମାନେ ଏ ପର୍ଯ୍ୟନ୍ତ ୭୦,୦୦୦ ସ୍ୱେଚ୍ଛାସେବୀ ତାଲିକାଭୁକ୍ତ କରିଛନ୍ତି ଓ ଶ୍ରମ-ବ୍ୟାଙ୍କକୁ ପ୍ରାୟ ୧୮ ଲକ୍ଷ ଶ୍ରମ-ଦିବସ ସେବା ପାଇଛନ୍ତି ।

ଜାମ୍ମୁ ଓ କାଶ୍ମୀରରୁ ଶେଷ ସମ୍ବାଦ ମିଳି ନାହିଁ । ପୂର୍ବରୁ ଯାହା ସମ୍ବାଦ ମିଳିଥିଲା, ସେଥିରୁ ଜଣାଯାଏ ଯେ ଏ ରାଜ୍ୟରେ ପ୍ରାୟ ୨ ଲକ୍ଷ ଲୋକ ବାହିନୀଭୁକ୍ତ ହୋଇଛନ୍ତି ।

ପଞ୍ଜାବରେ ଏ ପରିକଳ୍ପନା ଏପ୍ରିଲ ମାସରେ ଆରମ୍ଭ କରାଯାଇଥିବାରୁ ସେଠାକାର ହିସାବ ମିଳିନାହିଁ ।

●●

---

( ୧୩ ପୃଷ୍ଠାର ଅବଶିଷ୍ଟାଂଶ )

ପାହାଡ଼ବୁଦା ପଛରେ ଲୁଚି, କେତେବେଳେ ବା ମାଟି ଉପରେ ଘେଟେଇ ଘେଟେଇ ଯାଇ, ଆଉ କେତେବେଳେ ଖଣାଖୋଳ ଭିତରେ ଗୁଡ଼ୁଣ୍ଡି ଗୁଡ଼ୁଣ୍ଡି ବଡ଼ ସିଂ ଚୀନାମାନଙ୍କ କବଳରୁ ଖସିଗଲା ।

ବହୁ ସମୟ ପରେ ଯେତେବେଳେ ସେ ଜାଣିଲା ଯେ ଚୀନାମାନେ ଆଉ ତାକୁ ଧରିପାରିବାର ଆଶଙ୍କା ନାହିଁ, ସେତେବେଳେ ସେ ଝାଡ଼ହୁଡ଼ି ହୋଇ ଠିଆହୋଇ ପଡ଼ିଲା । ହାତର କ୍ଷତଟାକୁ ଖଣ୍ଡେ ରୁମାଲରେ ବାନ୍ଧି ପକାଇ ସେ ଲୋହିତ ଉପକୂଳର ପାହାଡ଼ଶ୍ରେଣୀ କଡ଼େ କଡ଼େ ଚାଲିଲା—ଓ୍ୱାଲଂ ପର୍ଯ୍ୟନ୍ତ । ସେଠି ତାର ଭାରତୀୟ ସାଥୀମାନେ ବଡ଼ ସିଂକୁ କୋଳାଗ୍ରତ କରି ସ୍ୱାଗତ ଜଣାଇଲେ ।

---

( କେନ୍ଦ୍ର ସରକାରଙ୍କ ପ୍ରକାଶନ ବିଭାଗ ପ୍ରକାଶିତ "Brave Sons of the Soil" ପୁସ୍ତକରୁ ସଂଗୃହୀତ )

●●



ନୃତ୍ୟକଳା ମେଳନ ହିଁ ଶୃଙ୍ଖଳାଧୀନ
ଜାତୀୟ ଶୃଙ୍ଖଳା ଯୋଜନା ଅବସରରେ ଶିକ୍ଷା ତାଲିମ କେନ୍ଦ୍ର
ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟକଳା

# ଜାତୀୟ ଶୃଙ୍ଖଳା ଯୋଜନା

●●

## ସୁସ୍ଥ ମନ ଦୃଢ଼ ଶରୀର ଗଠନରେ ଉଲ୍ଲେଖଯୋଗ୍ୟ ଅବଦାନ

ଦେଶର ତରୁଣ-ସମାଜ ମଧ୍ୟରେ ଯେଉଁ ନବ ଜାଗରଣ ଦେଖାଯାଉଛି, 'ଜାତୀୟ ଶୃଙ୍ଖଳା ଯୋଜନା' ତାର ଅନ୍ୟତମ ପ୍ରତୀକ । ଆଠବର୍ଷ ପୂର୍ବେ ୧୯୫୪ ମସିହା ଜୁଲାଇ ମାସରେ ନୂଆଦିଲ୍ଲୀର ଏକ ଶରଣାର୍ଥୀ କଲୋନୀରେ ଏହି ଯୋଜନାଟି ଆରମ୍ଭ ହୋଇଥିଲା । ଏହି ଆଠଟି ବର୍ଷ ମଧ୍ୟରେ ଯୋଜନାର ଯେଉଁ ପ୍ରଗତି ହୋଇଛି, ବାସ୍ତବିକ୍ ତାହା ଉଲ୍ଲେଖଯୋଗ୍ୟ ।

ମନୋରମ ଆରାବଳୀ ପର୍ବତ ନିକଟବର୍ତ୍ତୀ ସାରିସ୍କାଠାରେ ଜାତୀୟ ଶୃଙ୍ଖଳା ଯୋଜନାର କେନ୍ଦ୍ରୀୟ ତାଲିମ ପ୍ରତିଷ୍ଠାନ ଅବସ୍ଥିତ । ଦେଶର ବିଭିନ୍ନ ଅଞ୍ଚଳରୁ ୧୮ରୁ ୨୫ ବର୍ଷ ବୟସ୍କ ବାଳକବାଳିକା-ମାନେ ଶିକ୍ଷାଲାଭ କରିବାକୁ ଏହି ପ୍ରତିଷ୍ଠାନକୁ ଆସନ୍ତି । ଏଠାରେ ଏକ ଛ'ମାସିଆ ପାଠ୍ୟକ୍ରମ ଶିକ୍ଷା ଦିଆଯାଏ । ପ୍ରତ୍ୟେକ ପାଠ୍ୟକ୍ରମରେ ପ୍ରାୟ ୬୫୦ ଜଣ ଛାତ୍ରଛାତ୍ରୀ ତାଲିମ ପାଆନ୍ତି । ଏଠାରୁ ଶିକ୍ଷା ଶେଷ କରିବା ପରେ ସେମାନେ ନିଜ ନିଜ ସହର ବା ଗ୍ରାମକୁ ଫେରିଯାଇ ସେ ଅଞ୍ଚଳର ସ୍କୁଲ ଛାତ୍ରଛାତ୍ରୀଙ୍କୁ ଜାତୀୟ ଶୃଙ୍ଖଳା ଯୋଜନା ଅନୁସାରେ ତାଲିମ ଦିଅନ୍ତି । ପିଲାମାନଙ୍କ ଶରୀର ଓ ମନକୁ ସୁସ୍ଥ ଓ ଦୃଢ଼ କରିବା ଏବଂ ସେମାନଙ୍କର ଶକ୍ତିକୁ ଦେଶର ପ୍ରଗତିରେ ବିନିଯୋଗ କରିବା ହିଁ ଜାତୀୟ ଶୃଙ୍ଖଳା ଯୋଜନାର ଲକ୍ଷ୍ୟ ।




ନୂଆଦିଲ୍ଲୀରେ ଅନୁଷ୍ଠିତ ୨ୟ କମନ୍‌ୱେଲ୍‌ଥ ଶିକ୍ଷା ସମ୍ମିଳନୀକୁ ଆସିଥିବା ଜଣେ ସଭ୍ୟ—ତାଙ୍କ ପାର୍ଶ୍ୱରେ ଝାଂସୀ ନଗରର ଜଣେ ଶିଶୁ-କର୍ତ୍ତ୍ରୀ; ସେ ଜାତୀୟ ଶୃଙ୍ଖଳା ଯୋଜନା ଅନୁସାରେ ସଂଗଠିତ ଏକ ସମାବେଶରେ ଯୋଗ ଦେଇଥିଲେ

୧୯୫୪ ମସିହାରେ ନୂଆଦିଲ୍ଲୀର ଶରଣାର୍ଥୀ ବସ୍ତି ଅନ୍ତର୍ଗତ "କସ୍ତୁରବା ନିକେତନ"ରେ ଯେତେବେଳେ କ୍ଷୁଦ୍ର ଆକାରରେ ଏହି ଯୋଜନାଟି ଆରମ୍ଭ କରାଯାଇଥିଲା, ସେତେବେଳେ ଏହାର ଉଦ୍ଦେଶ୍ୟ ଥିଲା ଦରିଦ୍ର ଓ ନିଃସ୍ୱ ଶରଣାର୍ଥୀ ଶିଶୁମାନଙ୍କ ମନୋବଳ ଦୃଢ଼ କରିବା । ଏହାପରେ ଯୋଜନାର ଆଭିମୁଖ୍ୟ ଓ ପରିସର କ୍ରମେ ସଂପ୍ରସାରିତ ହେଲା ଏବଂ ଆଠଟି ବର୍ଷ ମଧ୍ୟରେ ଯୋଜନାର ଅନେକ ଅଗ୍ରଗତି ହୋଇପାରିଛି ।

## ୧୬ଟି ରାଜ୍ୟରେ କାର୍ଯ୍ୟକାରୀ ହେଉଛି

କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଜାତୀୟ ଶୃଙ୍ଖଳା ଯୋଜନାଟି ପରିଚାଳିତ ହେଉଛି । ଦେଶର ୧୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଆନ୍ଦାମାନ-ନିକୋବର ଦ୍ୱୀପପୁଞ୍ଜରେ ଏହା କାର୍ଯ୍ୟକାରୀ ହେଉଛି । ମୋଟ ଦୁଇ ହଜାରଟି ସ୍କୁଲର ସାଢ଼େ ୧୬ ଲକ୍ଷ ପିଲା ଏହି ଯୋଜନା ଅନୁସାରେ ତାଲିମ ପାଉଛନ୍ତି । ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସଂଗଠନ କରିବା, ଜନ-କଲ୍ୟାଣ କାର୍ଯ୍ୟରେ ସେମାନଙ୍କୁ ସଂଶ୍ଳିଷ୍ଟ କରାଇବା ଏବଂ ସେମାନଙ୍କ ମଧ୍ୟରେ ଯେପରି ନେତୃତ୍ୱ ସଂଗଠନର ମନୋବୃତ୍ତି ପ୍ରକାଶ ପାଏ, ତାହାର ବ୍ୟବସ୍ଥା କରିବା ଏ ଯୋଜନାର ଉଦ୍ଦେଶ୍ୟ । ୧୯୬୦ ମସିହା ଅକ୍ଟୋବର ମାସରେ ଆଲ୍‌ଇଣ୍ଡିଆ



ଜାତୀୟ ଶୃଙ୍ଖଳା ଯୋଜନାଧୀନ ସାରିସ୍କା କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ନୃତ୍ୟକଳା ପ୍ରଦର୍ଶନ

ନିକଟବର୍ତ୍ତୀ ସାରିସ୍କାଠାରେ ଉକ୍ତ କେନ୍ଦ୍ରୀୟ ତାଲିମ ପ୍ରତିଷ୍ଠାନ ସ୍ଥାପିତ ହୋଇଥିଲା । ଯୋଜନା ଅନୁସାରେ ବହୁସଂଖ୍ୟାରେ ଶିକ୍ଷକ ଆବଶ୍ୟକ ହେବାରୁ, ଏଠାରେ ପ୍ରତିଷ୍ଠାନଟି ଖୋଲାଗଲା । ପ୍ରତିଷ୍ଠାନଟି କାର୍ଯ୍ୟକାରୀ ହେବା ପୂର୍ବରୁ ପାଞ୍ଚ ଛଅବର୍ଷ ମଧ୍ୟରେ ମାତ୍ର ୧୨ ହଜାର ଶିକ୍ଷକ ତାଲିମ ପାଇଥିଲେ । କିନ୍ତୁ ସାରିସ୍କା ପ୍ରତିଷ୍ଠାନ ମାତ୍ର ଦୁଇବର୍ଷ ମଧ୍ୟରେ ଦୁଇ ହଜାର ଶିକ୍ଷକଙ୍କୁ ତାଲିମ ଦେଇପାରିଲାଣି ।

ବର୍ତ୍ତମାନ ଦେଶର ପ୍ରତିରକ୍ଷାଶକ୍ତିକୁ ଅଧିକ ଦୃଢ଼ୀଭୂତ କରିବାର ଆବଶ୍ୟକତା ଦେଖାଦେଇଛି । ସେ ଦିଗରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଜାତୀୟ ଶୃଙ୍ଖଳା ଯୋଜନାକୁ ପ୍ରତ୍ୟେକ ବିଦ୍ୟାଳୟରେ ବାଧ୍ୟତାମୂଳକ କରାଯାଉଛି । ୯ରୁ ସାଢ଼େ ୧୬ବର୍ଷ ବୟସ୍କ ବାଳକବାଳିକାମାନଙ୍କୁ ଉପଯୁକ୍ତ ତାଲିମ ଦେବା ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ । ଏହି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ୧ କୋଟି ୨୫ ଲକ୍ଷ ହେବ । ଏହି ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ୧୯୬୩-୬୪ ମସିହାରେ ପ୍ରାୟ ୧୪ ହଜାର ଶିକ୍ଷକଙ୍କୁ ତାଲିମ ଦେବାଲାଗି ନୂଆ ନୂଆ କେନ୍ଦ୍ର ଖୋଲାଯାଉଛି ଏବଂ ଏଥିପାଇଁ ୬ କୋଟି ଟଙ୍କା ବରାଦ କରାଯାଇଛି ।



ଦିଲ୍ଲୀର କୌଣସି ଏକ ତାଲିମ କେନ୍ଦ୍ରରେ 'ଜାତୀୟ ଶୃଙ୍ଖଳା ଯୋଜନା' ଅନୁଯାୟୀ ତାଲିମ ପାଉଥିବା ଶିକ୍ଷାର୍ଥୀ ଦଳ

ଅମୃତସର ଓ ଇନ୍ଦୋରଠାରେ ଏହିଭଳି ଦୁଇଟି ତାଲିମ କେନ୍ଦ୍ର ସ୍ଥାପିତ ହୋଇଛି ।

ଅବଶ୍ୟ ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ ହେବାର ବହୁପୂର୍ବରୁ ଜାତୀୟ ଶୃଙ୍ଖଳା ଯୋଜନା ଆରମ୍ଭ କରାଯାଇଥିଲା । କିନ୍ତୁ ଜରୁରୀ ପରିସ୍ଥିତିରେ ଯୋଜନାର ଗୁରୁତ୍ୱ ଆହୁରି ବଢ଼ିଯାଇଛି । ମାତୃଭୂମିର ଐକ୍ୟ ଓ ଅଖଣ୍ଡତା ରକ୍ଷା କରିବାକୁ ଜାତି ଯେଉଁ ଆହ୍ୱାନ ଦେଇଛି, ତାହା ଯୁବକସମାଜକୁ ଅନୁପ୍ରାଣିତ କରୁଛି । ସେମାନେ ଏହି ମହାନ୍ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରସ୍ତୁତ । ସେମାନଙ୍କର ଏହି ନବଜାଗରଣରେ 'ଜାତୀୟ ଶୃଙ୍ଖଳା ଯୋଜନା'ର ଉଲ୍ଲେଖଯୋଗ୍ୟ ଅବଦାନ ରହିଛି ।

# ପେଟ୍ରୋକେମିକ୍ୟାଲ
# ବା
# ପ୍ରସ୍ତର ରସାୟନ

'ପେଟ୍ରୋକେମିଷ୍ଟ୍ରି'ର ଅର୍ଥ ହେଉଛି ପ୍ରସ୍ତର ରସାୟନ । ଗ୍ରିକ୍‌ଭାଷାରୁ 'ପେଟ୍ରୋ' ଶବ୍ଦର ଉତ୍ପତ୍ତି । ଗ୍ରୀକ୍‌ଭାଷାରେ 'ପେଟ୍ରୋ' ଶବ୍ଦ ପ୍ରସ୍ତରକୁ ବୁଝାଏ । ପେଟ୍ରୋ କେମିକ୍ୟାଲର ଶବ୍ଦଗତ ଅର୍ଥ ହେଉଛି, ଯେଉଁସବୁ କେମିକ୍ୟାଲ ବା ରସାୟନିକ ପଦାର୍ଥ ପ୍ରସ୍ତରରୁ ଜାତ ହୋଇଛି ।

[illegible]ର କାଚଲେ ଯେଉଁ ଲୁଗା କୁଞ୍ଚ ଧରେନାହିଁ ବା [illegible]ଟ ହୁଏ ନାହିଁ, ସେହିସବୁ ଲୁଗାର ପୋଷାକ ଆ[illegible] ଆଜିକାଲି ପିନ୍ଧିବାକୁ ପାଉଛୁ । ଯେଉଁସବୁ ଫ[illegible]ଲ କେବେହେଲେ ଆମ ଦେଶରେ ଜନ୍ମୁ[illegible]ନ [illegible], ଆଜି ତାହା ଉତ୍ପନ୍ନ ହେଉଛି ଓ ସେଥିରୁ ତିଆରି ସୁଖାଦ୍ୟ ଆମେ ଖାଉଛୁ । ଯେଉଁ ମୋଟରଗାଡ଼ି ଆମେ ଆଜି ବ୍ୟବହାର କରୁଁ, ତାହା ଆଗ ଅପେକ୍ଷା ଅନେକ ଗୁଣ ଦ୍ରୁତଗତିରେ ଚାଲେ । ଆମର ଘରର ମେଜଟି ଅତି ମସୃଣ, ଆସବାବପତ୍ର ନିଆଁରେ ପୋଡ଼େ ନାହିଁ । ଆମେ ଆଜି ମଶା ଓ ଅସରପା ଭୟରେ ଭୀତ ହେଉନାହୁଁ । ରୋଗ ଉପଶମ ଓ ପ୍ରତିଷେଧ ଔଷଧ ଏବଂ ଭିଟାମିନ ବର୍ତ୍ତମାନ ତିଆରି କରିପାରୁଛୁଁ ଯଥେଷ୍ଟ ପରିମାଣରେ । କେବଳ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ନୁହେଁ; ଲୁଗା, ଆଉବାସନ ଚକ୍‌ଚକ୍ କରି ମାଜିହା ଛିପନ୍ତୁଁ । ଏହିସବୁ ସମ୍ଭବ ହୋଇଛି ପେଟ୍ରୋ-କେମିକ୍ୟାଲର କଲ୍ୟାଣରୁ ।

ପେଟ୍ରୋ-କେମିକ୍ୟାଲରୁ ବୈଜ୍ଞାନିକମାନେ ଅସଂଖ୍ୟ ବସ୍ତୁର ଉପାଦାନ ସୃଷ୍ଟି କରିଅଛନ୍ତି । ସେହିସବୁ ଉପାଦାନରୁ ଅସଂଖ୍ୟ ଏବଂ ବିଚିତ୍ର ଦ୍ରବ୍ୟାଦି ଉତ୍ପାଦିତ ହେଉଛି ଆମର ଶ୍ରମଶିଳ୍ପ କାରଖାନାଗୁଡ଼ିକରେ । ଧରନ୍ତୁ, ପ୍ଲାଷ୍ଟିକର କଥା । ଏହାର କେତେ ଯେ ବିଚିତ୍ର ରୂପ, ତାହା କହିହେବ ନାହିଁ । ଏଥିରୁ ସୂକ୍ଷ୍ମ ରେଶମ ଭଳି ପତଳା ଓ ପଥର ଭଳି ଶକ୍ତ ଜିନିଷ ତିଆରି କରିହୁଏ । ବ୍ୟବହାର କ୍ଷେତ୍ର ଏହାର ଅଗଣିତ ଓ ଅସୀମ । ପୋଷାକ ପରିଚ୍ଛଦ, ରଙ୍ଗ, ପ୍ରସାଧନ ସାମଗ୍ରୀ, ଔଷଧ, ଆବର୍ଜନା-ପରିଷ୍କାରକ—ସବୁଠିରୁ ପଛରେ ଦେଖାଯିବ ପେଟ୍ରୋ-କେମିକ୍ୟାଲକୁ । ବିଜ୍ଞାନର ଗବେଷଣା ସହିତ ମିଳିଛି କଳ୍ପନା—ସୃଷ୍ଟି ହୋଇଛି ନୂଆ ନୂଆ ଜିନିଷ—ଦିନେ ଯାହା ଥିଲା ସ୍ୱପ୍ନର ଅଗୋଚର ।

ଅଙ୍ଗୁରଭଦନଦାସ ଗୁଡ଼ରୁ ଯେଉଁ ଇଥାଇଲ ଏଲକୋହଲ (ସୁରାସାର) ତିଆରି ହୁଏ, ତାହାଠାରୁ ବର୍ତ୍ତମାନ ପେଟ୍ରୋଲିୟମରୁ ତିଆରି ଇଥାଇଲ ଏଲକୋହଲ କୌଣସି ଗୁଣରେ ନିକୃଷ୍ଟ ନୁହେଁ । ଆଲକତରାରୁ ଯେଉଁ ବେନଜନ ତିଆରି ହେଉଥାଏ, ତାହା ସହିତ ବର୍ତ୍ତମାନ ପେଟ୍ରୋ-କେମିକ୍ୟାଲରୁ ତିଆରି ବେନଜନର ପ୍ରଭେଦ ଆଦୌ ନାହିଁ ।

ଅବଶ୍ୟ ପାର୍ଥକ୍ୟ ରହିଛି ଉତ୍ପାଦନର ସୁବିଧା ଓ ଲାଭ-ହାନି କ୍ଷେତ୍ରରେ । ଇଥାଇଲ, ଏଲକୋହଲ, ବେନଜନ ଓ ଆହୁରି ଅନେକ ଜିନିଷ ତିଆରି କରିବା ପାଇଁ ଯେଉଁସବୁ କଞ୍ଚାମାଲର ପ୍ରୟୋଜନ ହୁଏ, ବର୍ତ୍ତମାନ ଦିନର ଚାହିଦା ମେଣ୍ଟାଇବା ପକ୍ଷରେ ସେସବୁର ପରିମାଣ ଆଦୌ ଯଥେଷ୍ଟ ନୁହେଁ । ସେହିସବୁ କଞ୍ଚାମାଲ ମୂଳରେ ଥିଲା ଧାତୁ କମ୍ବା କୃଷିଜାତ ଦ୍ରବ୍ୟାଦି; କିନ୍ତୁ ପେଟ୍ରୋ-କେମିକ୍ୟାଲର ସହଜଲଭ୍ୟତା ଏବଂ ପ୍ରାଚୁର୍ଯ୍ୟ ବ୍ୟବସାୟ ବାଣିଜ୍ୟ-ପ୍ରସାର ସାଧନରେ ଯେପରି ସହାୟକ ହୋଇଛି; ସେହିପରି କ୍ଷମ ହୋଇଛି ଜନସାଧାରଣଙ୍କ ଚାହିଦା ମେଣ୍ଟାଇବାକୁ । ପ୍ରଚଳିତ ପ୍ରଥାରେ ବ୍ୟବହାର୍ଯ୍ୟ

କଞ୍ଚାମାଲଗୁଡ଼ିକର ଗୁଣ ଏବଂ ପରିମାଣ ଦିଗରୁ ଯଥେଷ୍ଟ ନ ଥିଲା । ପୁଣି ଦର ମଧ୍ୟ ଅନିଶ୍ଚିତ ଦେଖା ଦେଉଥିଲା ।

ଏହିସବୁ ଗୁଣ ପାଇଁ ଯୁକ୍ତରାଷ୍ଟ୍ରର ଶ୍ରମଶିଳ୍ପ-ଜଗତରେ ଏକ ବିଶିଷ୍ଟ ସ୍ଥାନ ଦଖଲ କରି ବସିଛି ପେଟ୍ରୋକେମିକ୍ୟାଲ ଜାତୀୟ ଉପାଦାନଗୁଡ଼ିକ । ଯେତେ ରକମର ରାସାୟନିକ ଦ୍ରବ୍ୟ ବର୍ତ୍ତମାନ ଯୁକ୍ତରାଷ୍ଟ୍ରରେ ପ୍ରତିବର୍ଷ ଉତ୍ପାଦିତ ହେଉଛି, ସେଗୁଡ଼ିକର ମୋଟ ମୂଲ୍ୟର ଅର୍ଦ୍ଧେକରୁ ବେଶି ଉତ୍ପାଦିତ ହେଉଛି ପେଟ୍ରୋଲିୟମ ଓ ସ୍ୱାଭାବିକ ଗ୍ୟାସ ହାଇଡ୍ରୋକାର୍ବନରୁ ।

ପେଟ୍ରୋଲିୟମଜାତ ରାସାୟନିକର ସଂଖ୍ୟା ବର୍ତ୍ତମାନ ତିନି ହଜାରରୁ ବେଶି ହୋଇଉଠିଛି । ଏଥିରୁ ଉଲ୍ଲେଖଯୋଗ୍ୟ ହେଲା—ଏସିଟିଲିନ, ଏସିଟାଲଡିହାଇଡ, ଗ୍ଲାଇକୋଲରୁ ଆରମ୍ଭ କରି କୃତ୍ରିମ ରବର ଓ ପ୍ଲାଷ୍ଟିକ ପର୍ଯ୍ୟନ୍ତ ।

ପୋଲିଥାଇଲିନ ନାମକ ପ୍ଲାଷ୍ଟିକ ଉତ୍ପାଦନ ପାଇଁ ଯୁକ୍ତରାଷ୍ଟ୍ରରେ ବର୍ଷକୁ ୭୦୦ କୋଟି ପାଉଣ୍ଡ ଇଥାଇଲିନ ବ୍ୟବହାର କରାହୁଏ । ଯାବତୀୟ ପେଟ୍ରୋ-କେମିକ୍ୟାଲ ମଧ୍ୟରୁ ସମ୍ଭବତଃ ଏହାର ଉତ୍ପାଦନ ପରିମାଣ ସବୁଠାରୁ ବେଶି ।

ଏହାପରେ ସମ୍ଭବତଃ ବେନଜିନ ଦ୍ୱିତୀୟ ସ୍ଥାନ ଅଧିକାର କରିବ । ଆଗ କାଳରେ ଇସ୍ପାତ କାରଖାନାରୁ ବେନଜିନ ମିଳୁଥିଲା; କିନ୍ତୁ ଏହି ବସ୍ତୁର ଚାହିଦା ଏପରି ବୃଦ୍ଧି ପାଉଛି ଯେ ସାଧାରଣ ପଦ୍ଧତି ଓ ଉପାଦାନରୁ ତାହା ମେଣ୍ଟାଇବା ସମ୍ଭବପର ହୋଇନାହିଁ । ବର୍ତ୍ତମାନ ଏହି ଚାହିଦାର ଅଧିକାଂଶ ପୂରଣ ହେଉଛି ପେଟ୍ରୋ-କେମିକ୍ୟାଲରୁ । ଟୋଲୁଇନ, ଜାଇଲିନ ପ୍ରଭୃତି ସମ୍ବନ୍ଧରେ ଏହି କଥା କୁହାଯାଏ ଏବଂ ନେପ୍‌ଥାଲିନ ସମ୍ବନ୍ଧରେ ମଧ୍ୟ ଏହା ଅଚିରେ କୁହାଯିବ ।

ଅନେକଗୁଡ଼ିଏ ପଣ୍ୟ ଉତ୍ପାଦନର ମୂଳ ଉପାଦାନ ହେଉଛି ବେନଜିନ । ଏ ଗୁଡ଼ିକରୁ ଗୋଟିଏ ହେଲା ସୁପରିଚିତ ନାଇଲନ୍ ଏବଂ ଅପରଟି ହେଲା ଡୋଡୋସିଲ ବେନଜିନ—ଯେଉଁଥିରେ ତିଆରି ହୁଏ ଗୃହକାର୍ଯ୍ୟରେ ବ୍ୟବହୃତ ପରିଷ୍କାରକ ଦ୍ରବ୍ୟ । ବିଶେଷ ଉଲ୍ଲେଖଯୋଗ୍ୟ ଆଉ ଏକ ପେଟ୍ରୋ-କେମିକ୍ୟାଲ ହେଲା ଏନ୍‌ହାଇଡ୍ରସ ଏମୋନିଆ । ଆଗେ ଏହାର ବହୁଳ ବ୍ୟବହାର ଥିଲା କୃଷିକ୍ଷେତ୍ରରେ । ତୁଳା, ମକ୍କା, ସରଗମ, ଗହମ ଇତ୍ୟାଦି ଫସଲର ଉର୍ବରତା ଓ ପରିମାଣ ବୃଦ୍ଧି କରାଯାଇପାରେ ଏହାର ବ୍ୟବହାରରେ । ୧୯୨୦ରୁ ୧୯୪୦ ମସିହା ମଧ୍ୟରେ ପେଟ୍ରୋ-କେମିକ୍ୟାଲ ସଂଶ୍ଳିଷ୍ଟ ବ୍ୟବସାୟ-ବାଣିଜ୍ୟର ଯଥେଷ୍ଟ ଉନ୍ନତି ସାଧିତ ହୋଇଥିଲା । କିନ୍ତୁ ଦ୍ରୁତ-ପ୍ରଦ ଉନ୍ନତି ଘଟିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ । ଅଳ୍ପ ସମୟ ମଧ୍ୟରେ ସମଗ୍ର ଦେଶସାରା ଗଢ଼ିଉଠିଲା ପେଟ୍ରୋ-କେମିକ୍ୟାଲ କାରଖାନା । ନାନା ଧରଣର ଜିନିଷ ତିଆରି ହେବାକୁ ଲାଗିଲା । ବିସ୍ଫୋରକ ଏମୋନିୟମ ନାଇଟ୍ରେଟ ତିଆରି କରିବା ପାଇଁ ଏମୋନିଆ, ଟ୍ରାଇ-ନାଇଟ୍ରେଟ ଟୁଲୁଇନର (TNT) ପାଇଁ ଟଲୁଇନ, କୃତ୍ରିମ ରବର ପାଇଁ ଉତ୍ପନ୍ନ କରାହେଲା ବୁଟାଡ଼ିନ ଓ ଷ୍ଟାଇରିନ୍ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ରରେ ପେଟ୍ରୋ-କେମିକ୍ୟାଲ ବ୍ୟବସାୟ ବାଣିଜ୍ୟର ପ୍ରସାର ଓ ଉନ୍ନତି ହୋଇଥିଲା ବିସ୍ମୟକର ଭାବରେ । ଏହିମାନଙ୍କ ପଣ୍ୟାଦି ବିକ୍ରୟର ପରିମାଣ ବର୍ଷକୁ ୧୦୦ କୋଟି ଡଲାରକୁ ଆସି ପହଞ୍ଚିଥିଲା । ବର୍ତ୍ତମାନ ଏହା ଆହୁରି ଦଶଗୁଣ ବୃଦ୍ଧି ପାଇଛି । ବର୍ଷକୁ ଅନ୍ତତଃ ୫୦୦ ରକମର ନୂଆ ପଣ୍ୟର ଉଦ୍ଭାବନ ହେଉଛି ଏହି ପେଟ୍ରୋ-କେମିକ୍ୟାଲଠାରୁ ।

( ୨୪ ପୃଷ୍ଠା ଦେଖନ୍ତୁ )

# ଦେଶରକ୍ଷା ସଂବାଦ

## ସାମୁଦ୍ରିକ ସମସ୍ୟା ସମ୍ପର୍କରେ ଗବେଷଣା

ସ୍ଥଳବାହିନୀ ଓ ବିମାନ-ବାହିନୀ ଭଳି ନୌବାହିନୀର ମଧ୍ୟ କେତେକ ସ୍ୱତନ୍ତ୍ର ସମସ୍ୟା ରହିଛି । ଭାରତର ନୌବାହିନୀ ଗବେଷଣା ସଂସ୍ଥା ସମୁଦ୍ର-ବିଦ୍ୟା ସଂକ୍ରାନ୍ତ ଅନେକ ବିଷୟରେ ଗବେଷଣା କରୁଛନ୍ତି । ଜଳପୃଷ୍ଠ, ଜଳପୃଷ୍ଠର ନିମ୍ନ ଅଞ୍ଚଳ ଓ ଜଳ-ପୃଷ୍ଠର ଊର୍ଦ୍ଧ୍ୱ—ଏହି ତିନୋଟି ସ୍ଥାନରେ ନୌ-ବାହିନୀର ସୈନିକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି, ଏହି ସଂସ୍ଥା ସେ ବିଷୟରେ ଗବେଷଣା ଚଳାଇଛନ୍ତି । ସମୁଦ୍ର ମଧ୍ୟରେ ଭୂତତ୍ତ୍ୱ, ପ୍ରାଣୀତତ୍ତ୍ୱ, ପଦାର୍ଥ-ବିଜ୍ଞାନ, ରସାୟନଶାସ୍ତ୍ର, ଶବ୍ଦତତ୍ତ୍ୱ ଓ ବାୟୁ-ବିଜ୍ଞାନର କି ତାତ୍ପର୍ଯ୍ୟ ରହିଛି, ଏହି ଗବେଷଣାଗାର-ମାନେ ଅନୁସନ୍ଧାନ ଚଳାଇଛନ୍ତି । ବାସ୍ତବିକ୍ ସମୁଦ୍ର ସହିତ ସଂଶ୍ଳିଷ୍ଟ ଯେ କୌଣସି ବିଜ୍ଞାନ "ସାମୁଦ୍ରିକ ବିଜ୍ଞାନ"ର ଅନ୍ତର୍ଗତ । ନୌବାହିନୀ ଯେପରି ଯୁଦ୍ଧ ପାଇଁ ଉପାଦେୟ ସଠିକ ତଥ୍ୟ ପାଇପାରେ; ତାହାହିଁ ଏହି ଗବେଷଣାର ଉଦ୍ଦେଶ୍ୟ । ବମ୍ବେଠାରେ ନୌବାହିନୀର ରସାୟନିକ ଓ ଧାତୁବିଦ୍ୟା ଗବେଷଣାଗାର ଅବସ୍ଥିତ । ଜାହାଜ କଳଙ୍କି ଲାଗିବା ସଂକ୍ରାନ୍ତ ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ଗବେଷଣାଗାର ଅନୁସନ୍ଧାନ ଚଳାଇଛି । ଗତ ବର୍ଷ ଏକପ୍ରକାର ଚୂର୍ଣ୍ଣର "ଫେନୋଲିକ୍ ରେଜିନ୍ ସିଣ୍ଟେକ୍ସ-୨୩୩୨" ଉଦ୍ଭାବନ ଫଳରେ କଳଙ୍କ-ନିରୋଧକ ରଙ୍ଗ ଏବେ ସହଜରେ ଉତ୍ପାଦନ କରାଯାଇ ପାରିବ । ଏହି ରଙ୍ଗ ଉତ୍ପାଦନ ପାଇଁ ଖୁବ୍ ଶୀଘ୍ର ଏକ ପଥପ୍ରଦର୍ଶକାରୀ କାରଖାନା ମଧ୍ୟ ସ୍ଥାପନ କରାଯାଉଛି ।

ଦୈନନ୍ଦିନ ଆବଶ୍ୟକତାର ପୂରଣ ପାଇଁ ଗବେଷଣା କରିବା ଛଡ଼ା ନୌବାହିନୀ ଗବେଷଣା ସଂସ୍ଥାଦ୍ୱାରା କେତେକ ସ୍ଥାୟୀ ସମସ୍ୟାର ପର୍ଯ୍ୟାଲୋଚନା ଗବେଷଣା ମଧ୍ୟ କରାଯାଉଛି । କୋଚିନ୍‌ଠାରେ ନୌବାହିନୀର ପଦାର୍ଥ ବିଜ୍ଞାନ ଗବେଷଣାଗାର ଅବସ୍ଥିତ । ସମୁଦ୍ରତଳର ବିଭିନ୍ନ ସମସ୍ୟା, ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ, ସମୁଦ୍ର ଜଳ ମାଇନ୍ ସର୍ଭିଂ ଆଦି ବିଭିନ୍ନ ବିଷୟରେ ଏହି ଗବେଷଣାଗାର ଅନୁସନ୍ଧାନ ଚଳାଇଛି । ଭାରତର ଜାତୀୟ ସାମୁଦ୍ରିକ ଗବେଷଣା କମିଟିଦ୍ୱାରା ଯେଉଁ ବୈଜ୍ଞାନିକ ସମୁଦ୍ର-ଭ୍ରମଣର ବ୍ୟବସ୍ଥା କରାଯାଇଥିଲା, ଏହି ଦୁଇଟି ଗବେଷଣାଗାର ସେଥିରେ ଭାଗ ନେଇଛନ୍ତି । ପ୍ରଥମ ଭ୍ରମଣ ପରେ ଯେଉଁ ତଥ୍ୟ ସଂଗୃହୀତ ହୋଇଛି, ତାହା ବର୍ତ୍ତମାନ ଅନୁସନ୍ଧାନ କରାଯାଉଛି ।

●

## ସୈନ୍ୟଙ୍କ ପାଇଁ କୃଷିଜମି

ଦେଶର ସୀମାନ୍ତର ସୁରକ୍ଷାରେ ନିଯୁକ୍ତ ଥିବା ଆମର ସୈନିକମାନଙ୍କୁ ଜମି ଦେବାପାଇଁ ଦେଶର ପ୍ରାୟ ସବୁ ରାଜ୍ୟ ବ୍ୟବସ୍ଥା କରିସାରିଲେଣି । ଅବଶ୍ୟ ଏହା ବିଶେଷ ଆନନ୍ଦର କଥା । ଆନ୍ଧ୍ର ପ୍ରଦେଶରେ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ପତିତ ଜମି ସୈନ୍ୟମାନଙ୍କ ପାଇଁ ସଂରକ୍ଷିତ ହୋଇଛି । ଆସାମରେ ୨୧ ହଜାର ବିଘା କୃଷୋପଯୋଗୀ ପଡ଼ିଆ ଜମି ଏଥିପାଇଁ ରଖାଯାଇଛି । ପୂର୍ବତନ ସୈନିକ ଏବଂ ସୀମାନ୍ତ-ଯୁଦ୍ଧରେ ନିହତ ବା ଅକର୍ମଣ୍ୟ ସୈନିକ ବା ତାଙ୍କ ପରିବାରବର୍ଗଙ୍କ ଥଇଥାନ ପାଇଁ ଏହି ଜମି ଦିଆଯାଇଛି । ବିହାରରେ ପ୍ରତ୍ୟେକ ସୈନିକ-ପରିବାରକୁ ପାଞ୍ଚ ଏକର ଲେଖାଏଁ ଜମି ଦେବାର ବ୍ୟବସ୍ଥା କରାଯାଉଛି । କେରଳର ପ୍ରତ୍ୟେକ ଗ୍ରାମରେ ସୈନିକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ

ନଳିତା ଦୁଇ ପ୍ରକାର—(୧) ପିଠା ନଳିତା, (୨) ମଧୁର ନଳିତା ।

**ପିଠା ନଳିତା:**—ଏହାର ଫଳ ଗୋଲ (ରୁଦ୍ରାକ୍ଷ ପରି) ଓ ମଂଜି ବାଦାମୀ ରଙ୍ଗର । ଏହା ଖାଲ ଓ ନଗିଡ଼ା ଉଭୟ ପ୍ରକାର ଜମିରେ ହୁଏ । ସମୟ ମୁତାବକ ବୁଣା ହେଲେ ଖାଲ ଜମିରେ ବର୍ଷା ଆରମ୍ଭରେ ଏହା ମୂଳରେ ପାଣି ଜମିଲେ କ୍ଷତି ହୁଏ ନାହିଁ । ତେଣୁ ପିଠା ନଳିତାକୁ ଗହୀର ଓ ମଝିଆଳିଆ ଜମିରେ ଚୈତ୍ର ଶେଷ ଓ ବୈଶାଖରେ ବୁଣି ଶ୍ରାବଣ ମାସରେ କାଟି ସେହି ଜମିରେ ଧାନ ରୁଆଯାଏ । ଏହାର ଝୋଟ ଦେଖିବାକୁ ଧଳା ।

**ମଧୁର ନଳିତା:**—ଏହାର ଫଳ ଲମ୍ବା । ଛୁଇଁ ଓ ମଂଜି ଈଷତ୍ ନେଳିଆ । ଏହା ନଗିଡ଼ା ଜମିରେ ହୁଏ । କାରଣ ବର୍ଷା ଆରମ୍ଭରେ ଜମିରେ ପାଣି ଜମିଲେ ଗଛ ସହି ପାରେନାହିଁ । ଉଚ୍ଚ ନଗିଡ଼ା ଜମିରେ ବେଶ୍ ଭଲ ହୁଏ । ନଳିତା କଟା ପରେ ସେ ଜମିରେ ଆଳୁ, ଗହମ ଇତ୍ୟାଦି ରବିଫସଲ ଚାଷ କରାଯାଇଥାଏ । ଏହାର ଝୋଟ ଦେଖିବାକୁ ଈଷତ୍ ହଳଦିଆ ।

## ଉନ୍ନତ ବିହନ

| ପିଠା ନଳିତା | ସମୟ | ଅମଦାନୀ (ଏକର ପ୍ରତି) | ମନ୍ତବ୍ୟ |
|---|---|---|---|
| ଜେ.ଆର୍.ପି.୩୨୧ ... | ୧୧୦ରୁ୧୧୫ ଦିନ | ୧୬ ମହଣ ... | ଝୋଟକଟା ପରେ ସେ ଜମିରେ ଧାନ ରୁଆଯାଏ । ଝୋଟ ଉଚ୍ଚ କିସମର ହୁଏ । |
| ଡାକା ୧୫୪ ... | ୧୨୦ ଦିନ | ୨୦ ମହଣ ... | ଝୋଟକଟା ପରେ ଧାନ ରୁଆଯାଏ । କାଣ୍ଡପଚା ରୋଗ ପ୍ରାୟ ଧରେ ନାହିଁ । |
| ଜେ.ଆର୍.ପି.୨୧୨ .. | ୧୨୫ ଦିନ | ୨୨ ମହଣ | ଝୋଟକଟା ପରେ ଧାନ ରୁଆଯାଏ । ଝୋଟ ଭଲ କିସମର ହୁଏ । |
| ଜେ.ଆର୍.ପି.୨୩୨ ... | ୧୨୫ ଦିନ | ୨୨ରୁ ୨୫ ମହଣ ... | ଏପ୍ରିଲ ମାସ ୧୫ ତାରିଖ ପରେ ବୁଣାଯାଏ । ଆଗରୁ ବୁଣିଲେ ଗଛର ଶ୍ରେଷ୍ଠ ଅବସ୍ଥାରେ ଫୁଲ ଆସିଯାଏ । |

ଏହି ବିହନ କୃଷି ବିଭାଗ ଯୋଗାଇଥାନ୍ତି ।


ନଳିତା ପାଇଁ ଖରସ୍ଥିଆ ଚାଷ ଦରକାର । ବର୍ଷା ହେଲେ ବା ପାଣି ମଡ଼ାଇବାର ସୁବିଧା ଥିଲେ, ପାଣି ମଡ଼ାଇ ମାଟି ଗୁଣ୍ଡ ହେବା ପର୍ଯ୍ୟନ୍ତ ଜମିକୁ ଭଲ ଭାବରେ ଚାଷ କରାଯାଏ । ଜମି ଚାଷବେଳେ ଏକର ପ୍ରତି ୭।୧୦ ଗାଡ଼ି ଗୋବର ଖତ, ୩୦।୪୦ ସେରରୁ ଦେଢ଼ ମହଣ ପର୍ଯ୍ୟନ୍ତ ସୁପରଫସ୍‌ଫେଟ ଓ ୨୫ ସେର ପୋଟାସ ସାର ପ୍ରୟୋଗ କର । ସୁପରଫସଫେଟ ଓ ପଟାସ୍ ସାର ଦେଲେ ଗଛ ରୋଗିଣା ହୁଏ ନାହିଁ ବା ଶୋଇଯାଏ ନାହିଁ ।

## ନୀରୋଗ ଉନ୍ନତ ବିହନ ସର୍ବଦା ସଂଗ୍ରହ କରନ୍ତୁ

ମଞ୍ଜି ଭଲ ଗଜା ହେଉଛି କି ନା, ପରୀକ୍ଷା କରି ଦେଖିନେବା ଉଚିତ । ବୁଣିବା ପୂର୍ବରୁ ମଞ୍ଜିକୁ ଆଗ୍ରେସନ୍ ଜି. ଏନ୍. ବା ସେରେସାନ୍ ଗୁଣ୍ଡ ଗୋଳାଇ ଦେବା ଉଚିତ । ତଦ୍ୱାରା କାଣ୍ଡପଚା ରୋଗ ଧରେ ନାହିଁ । ମହଣେ ମଞ୍ଜି ପାଇଁ ୨୫୦ ଗ୍ରାମ (ଦୁଇ ଛଟାଙ୍କ) ଆଗ୍ରେସନ ଗୁଣ୍ଡ ଦରକାର । ଏକରେ ଜମିର ପିଠା ନଳିତା ପାଇଁ ୩ରୁ ୪ ଓ ମଧୁର ନଳିତା ପାଇଁ ୩ କିଲୋଗ୍ରାମ ଦରକାର ।

ହଲସ୍ୱଭରେ ବତର ଥିବାବେଳେ ନଳଡା ବୁଣାଯାଏ । ବୁଣା ପରେ ମଇଦେଲେ ଜମିରେ ବତର ରହେ ଓ ଶୀଘ୍ର ୩।୪ ଦିନରେ ଗଛ ଉଠିଯାଏ । ନଳଡା ସାଧାରଣତଃ ଛଟା-ବୁଣା ହୋଇଥାଏ; କିନ୍ତୁ ଛଟା-ବୁଣା ଅପେକ୍ଷା ଧାଡ଼ି-ବୁଣା ଭଲ । ଏଥିରେ—

* ଧାଡ଼ିରେ ବୁଣିଲେ ଅଳ୍ପ ବିହନ ଲାଗେ ।
* ବଛା, ଖୁସା କାମ ଶୀଘ୍ର ଓ ସହଜରେ ହୁଏ ଓ ଖର୍ଚ୍ଚ ବହୁତ କମିଯାଏ ।
* ଫସଲରେ ସାର ପ୍ରୟୋଗ କରିବାର ସୁବିଧା ହୁଏ ।
* ଗଛଗୁଡ଼ିକ ଧାଡ଼ିରେ ଉଠିଥିବାରୁ ରୋଗ, ପୋକ ଲାଗିଲେ ସହଜରେ ବାରିହୁଏ । ରୋଗ ପୋକ ନ ଲାଗିବା ପାଇଁ ପ୍ରତିକାର ଓ ପ୍ରତିରୋଧ ବ୍ୟବସ୍ଥା ଧାଡ଼ି ଭିତରେ ଖୁବ ସହଜରେ କରି ହୁଏ ।
* ମାଟିରୁ ଗଛଗୁଡ଼ିକ ସହଜରେ ଖାଦ୍ୟ ଗ୍ରହଣ କରନ୍ତି ଓ ସମାନଭାବରେ ବଢ଼ନ୍ତି ।
* ଏକର ପ୍ରତି ୧୫% ଅଧିକ ଅମଳ ମିଳେ ।
* ବୋଝ ସରସା ଓ ଏକମନ୍ତ୍ର ହୁଏ ।



ଧାଡ଼ିବୁଣା ଯନ୍ତ୍ର

**ଧାଡ଼ିବୁଣା ଯନ୍ତ୍ର** (Seed-drill) ସାହାଯ୍ୟରେ ସୁବିଧାରେ ଧାଡ଼ି ଧାଡ଼ି ହୋଇ ବୁଣିହୁଏ । ପ୍ରଥମେ ଜମିକୁ ଭଲଭାବେ ଚାଷ କରି ମଇ ଦିଆଯାଏ ଓ ସଙ୍ଗେ ସଙ୍ଗେ ସିଡ୍-ଡ୍ରିଲ ସାହାଯ୍ୟରେ ଧାଡ଼ି ଧାଡ଼ି ହୋଇ ବିହନ ପ୍ରସଙ୍ଗ

ବୁଣାଯାଏ । ଏ ଯନ୍ତ୍ରରେ ମଞ୍ଜି ରହିବା ପାଇଁ ନଳ ଅଛି । ଜମିରେ ଏ ଯନ୍ତ୍ର ଚଳାଇଲେ ସିଆର ହୋଇଯାଇ ଆବଶ୍ୟକ ମଞ୍ଜି ସିଆରରେ ପଡ଼ିଯାଏ ଓ ମାଟି ଘୋଡ଼େଇ ହୋଇଯାଏ । ଧାଡ଼ିକୁ ଧାଡ଼ି ୧ ଫୁଟ ପାଇଁ ରୋଟିଏ ଗାର ପଡ଼ିପାରେ । ଏହିପରି ବୁଣିବା ପରେ ଆବଶ୍ୟକ ମତେ ଆଉ ଥରେ ମଇ ଦିଆଯାଏ । ଏହି ଯନ୍ତ୍ରଟିର ମୂଲ୍ୟ ପ୍ରାୟ ଟ୮୦୯ ।



ଚକ୍ରବିଧା

ବଛାବଛି ଓ ଖୁସାଖୁସି କାମ **ଚକ୍ରବିଦା** ସାହାଯ୍ୟରେ କରାଯାଏ । ଚକ୍ରବିଦା ମଝିରେ ମଝିରେ ଚଳାଇଲେ ନଳଡା ଧାଡ଼ିରେ ଆଉ ଘାସ ଉଠେ ନାହିଁ । ନଳଡା ଚାଷରେ ବଛାବଛି ଖର୍ଚ୍ଚ ସବୁଠାରୁ ବେଶି; ତେଣୁ ଧାଡ଼ିରେ ବୁଣିଲେ ଖର୍ଚ୍ଚ କମିଯିବା ସଙ୍ଗେ ସଙ୍ଗେ ଉତ୍ପାଦନ ଖର୍ଚ୍ଚ ମଧ୍ୟ କମିଯିବ । ଗଛ ୫।୭ ଇଞ୍ଚ ହେଲେ ଚକ୍ରବିଦା ବ୍ୟବହାର କରିବ । ଏହି ଯନ୍ତ୍ରଟିର ଦାମ ପ୍ରାୟ ଟ୩୦୯ ।

## ଛଟା-ବୁଣା ନଳିତା

ଗଛ ୩।୪ ପତ୍ର ହୋଇଗଲେ ବିଦା ଦିଆଯାଏ । ଏହାଦ୍ୱାରା ବଳକା ଗଛ ଉପୁଡ଼ିଯାଏ ଓ ଗଛମୂଳ ହାଲୁକା ହୁଏ । ବିଦା ଦେବା ପରେ ବଛାବଛି କରାଯାଏ । ବଛାବେଳେ ଗଛକୁ ଗଛ ୫।୭ ଇଞ୍ଚ ଛଡ଼ାରେ ରଖି ବଳକା ଗଛ ଉପାଡ଼ି ଦିଆଯାଏ । ଗଛ ବେଶି ପତଳା ହୋଇଗଲେ ବହୁତ ଶାଖା-ପ୍ରଶାଖା ବାହାରେ ଓ ବୋଝ ସୁବିଧାରେ ବାହାରେ ନାହିଁ ଓ

ମାଇସା ଷ୍ଟୋଟ୍ ହୁଏ । ତେଣୁ ନଳିତା ଗଛ ଜମିରେ ବେଶି ପତଳା ବା ବେଶି ବହଳ ହେବା ଉଚିତ ନୁହେଁ ।

ଧାଡ଼ି-ବୁଣା ନଳିତାରେ ପ୍ରତି ଧାଡ଼ିରେ ଗଛ ୨।୩ ଇଞ୍ଚ ବ୍ୟବଧାନରେ ରହିବା ଉଚିତ । ନଳିତା କଅଁଳରେ କାଦୁଅ ଥିବା ଅବସ୍ଥାରେ ପାଣି ଜମା କରିବା ଉଚିତ ନୁହେଁ ।

ବଗ୍ଲୁବଛା ଓ ଚଲା ଉପୁଡ଼ା ପରେ ଖାଗ ଦେଇ ଆମୋନିଆ ସଲଫେଟ୍ ବା କାଲସିୟମ ଆମୋନିଆ ନାଇଟ୍ରେଟ୍ ମଧ୍ୟରୁ ନଳିତା ପାଇଁ ୫୦ କେ. ଜି. ଓ ପିଠା ନଳିତା ପାଇଁ ୫୦ କେ. ଜି.ରୁ ୯୦ କେ. ଜି. ପର୍ଯ୍ୟନ୍ତ ଏକର ପ୍ରତି ପ୍ରୟୋଗ କର । ସାରକୁ ୪।୫ ଗୁଣ ମାଟିରେ ଗୋଳାଇ ବିନିଯୋଗ କର ।

**ରୋଗ : କାଣ୍ଡପଚା ରୋଗ**—ବିହନ ଓ ମାଟିରେ ରୋଗର ବୀଜାଣୁ ଥିଲେ ଗଛ ଛୋଟ ଛୋଟ ହୋଇଥିବା ଅବସ୍ଥାରେ କେତେକ ଗଛର ମୂଳ ପଚି ଝାଉଁଳି ପଡ଼ି ମରିଯାଏ ।

ରୋଗର ବୀଜାଣୁ ରୋଗୀ ଗଛରୁ ଭଲ ଗଛକୁ ଛୁଇଁଲେ ପତ୍ରରେ ବାଦାମୀ ରଙ୍ଗର ଦାଗ ଦେଖାଯାଏ । ପତ୍ରରୁ କ୍ରମେ ରୋଗ କାଣ୍ଡକୁ ବ୍ୟାପିଲେ ଭିନ୍ନ ଭିନ୍ନ ସ୍ଥାନ ପଚି କଳା ଦେଖାଯାଏ । ଏହି କଳା ଦାଗ କାଣ୍ଡର ଚାରିପାଖେ ମାଡ଼ି ଗଛ ଝାଉଁଳି ମରିଯାଏ । କେତେକ ରୋଗାକ୍ରାନ୍ତ କାଣ୍ଡର ରୋଗାକ୍ରାନ୍ତ ସ୍ଥାନଟି ଫାଟିଯାଏ । ସେଥିରୁ ଛୋଟ ଛୋଟ ଚଲୁ କାହାରିକୁ ଦେଖାଯାଏ । ଆକ୍ରାନ୍ତ ହୋଇଥିବା ଗଛ ପାଣିରେ ପଚାଇବାକୁ ବେଶି ସମୟ ଲାଗେ; ମାଇସା ଷ୍ଟୋଟ୍ ଆମଦାନି ହୁଏ ।


**ପ୍ରତିକାର—**

୧ । ବିହନ ବୁଣିବା ପୂର୍ବରୁ ମହଣ ପ୍ରତି ୧୫୦ ଗ୍ରାମ ସେରେସାନ୍ ବା ଆଗ୍ରେସନ୍ ଜି. ଏନ୍. ଭଲଭାବରେ ଗୋଳାଇ ବୁଣିବ ।

୨ । ନଳିତା ଜମିରେ ୪-୪-୫୦ "ବୋର୍ଡୋ ମିକ୍ସଚର" "ପେରିନକ୍ସ" ବା ଅନ୍ୟ କୌଣସି "କପର ଫଙ୍ଗିସାଇଡ୍" ୧୨½ ଟିଣ ପାଣିରେ ଏକ କଲେ ଔଷଧ ଅନୁପାତରେ ମିଶାଇ ୧୦।୧୨ ଦିନ ଅନ୍ତରରେ ୨।୩ ଥର ସିଞ୍ଚିଲେ ରୋଗକୁ ଆୟତ୍ତ କରାଯାଇ ପାରିବ ।

୩ । ମାଟିରେ ରୋଗର ବୀଜାଣୁ ରହୁଥିବାରୁ ଫସଲ-ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ ।

**ପୋକ :**



**ଘୋଡ଼ାପୋକ**—ପୋକଗୁଡ଼ିକ ଦେଖିବାକୁ ସବୁଜ ରଙ୍ଗର । ମୁଣ୍ଡପାଖ ଦେଖିବାକୁ ହଳଦିଆ । ମୋଡ଼ ମୋଡ଼ ହୋଇ ଚାଲନ୍ତି । ପୂର୍ଣ୍ଣାଙ୍ଗ ଅବସ୍ଥାରେ

୧୫ଇଞ୍ଚ ଲମ୍ବ ହୁଅନ୍ତି । ଗଛର ପତ୍ରଗୁଡ଼ିକ ଖାଇ ନଷ୍ଟ କରି ଦିଅନ୍ତି ।

ସୁଂବାଲୁଆ—ଏ ପୋକ ଦେଖିବାକୁ ନାଲି ରଙ୍ଗର । ଆଗ ପଛ ଦେଖିବାକୁ କଳା । ଏମାନେ ଗଛର ପତ୍ରଗୁଡ଼ିକ ଖାଇ ନଷ୍ଟ କରି ଦିଅନ୍ତି; ଏପରିକି ସମୟ ସମୟରେ ଗଛଗୁଡ଼ିକ ପତ୍ରଶୂନ୍ୟ ହୁଏ ।



ନଳିତା ପତ୍ରକଟା ପୋକ

**ପତ୍ରକଟାପୋକ**—ଗୋଟି - ପୋକଗୁଡ଼ିକ ଦେଖିବାକୁ ସବୁଜ ରଙ୍ଗର । ଏମାନେ ଗଛର ଛୋଟ ଅବସ୍ଥାରେ ପତ୍ରଗୁଡ଼ିକ ଖାଇ ନଷ୍ଟ କରି ଦିଅନ୍ତି ।

**ପ୍ରତିକାର—**

୧ । ପ୍ରାୟ ଛଟାଙ୍କି ଓଜନର ଏଣ୍ଡୋସଲ୍‌ଫାନ (୨୦ଇ. ସି.)କୁ ୧୫ଟିଣ ପାଣିରେ (କିରାସିନି ଟିଣ) ଭଲଭାବରେ ମିଶାଇ ଛିଞ୍ଚିବ ।

୨ । ଏକର ପ୍ରତି ଦୁଇ ଛଟାଙ୍କି ଓଜନର ଫଲିଡଲକୁ ୧୨।୧୩ଟିଣ ପାଣିରେ ମିଶାଇ ପିଚକାରୀ ସାହାଯ୍ୟରେ ଛିଞ୍ଚିବ ।

୩ । ଏକର ପ୍ରତି ୧ କିଲୋ ୫୦୦ଗ୍ରାମ (୧୨ସେର) ଗାମାକ୍ସିନ ବା ଡି. ଡି. ଟି. (୫୦%)ଓ୍ୱେଟେବଲ ଗୁଣ୍ଡ ୧୫ଟିଣ ପାଣିରେ ମିଶାଇ ସ୍ପ୍ରେୟର ସାହାଯ୍ୟରେ ଛିଞ୍ଚିବ ।

୪ । ଏକର ପ୍ରତି ୮ କିଲୋ ଗାମାକ୍ସିନ୍ ଗୁଣ୍ଡ ୧୦%ବି.ଏଚ୍. ସି (୭୨କିଲୋ) ଡଷ୍ଟର ସାହାଯ୍ୟରେ ଛିଞ୍ଚିବ ।

*.ଫଲିଡଲ ବା ଏଣ୍ଡ୍ରେକ୍ସ ସ୍ପ୍ରେ ହୋଇଥିବା ନଳିତା ଗଛର ପତ୍ର ବିଷାକ୍ତ ।

## ଅମଳ : ସଢ଼ାଇବା

ଖୋଳବିଡ଼ାଗୁଡ଼ିକୁ ଆଣି ଧୀର ଚଳ ପାଣିରେ ସଢ଼ାଇବାକୁ ହୁଏ । ସ୍ରୋତ ପାଣିରେ ଖୋଳ ଭଲ ଭାବରେ ସଢ଼େ ନାହିଁ । ସ୍ଥିର ପାଣିରେ ଉତ୍ତାପ ସ୍ଥିର ରହୁଥିବାରୁ ଗଛଗୁଡ଼ିକ ସମାନଭାବରେ ସଢ଼ିବାକୁ ଆରମ୍ଭ କରେ । ବିଡ଼ାଗୁଡ଼ିକର ଆଗପଛ କରି ଭେଳା ବାନ୍ଧି ଭେଳାକୁ ଓଜନିଆ ଭର ଦେଇ ପାଣି ଭିତରେ ବୁଡ଼ାଇ ଦିଆଯାଏ । କାଦୁଅ ବା ପଙ୍କ ଲଗିବା ଉଚିତ ନୁହେଁ । କାଦୁଅ ଲଗିଲେ ଖୋଳ କଳା ହୁଏ । କାଠ-ଗଣ୍ଡି ବା ସିମେଣ୍ଟ ରିଙ୍ଗ୍ ଇତ୍ୟାଦି ଦେଇ ଖୋଳ ଜଗାଇବା ଭଲ ।

## ନଳିତା କାଟିବା

ନଳିତା ସଢ଼ିବା ବା କାଟିବା ଉପରେ ଖୋଳ ଭଲ ବା ମନ୍ଦ ହୁଏ । ପରିଷ୍କାର ପାଣିରେ ସଢ଼ାଇଲେ ଭଲ ଖୋଳ ବାହାରେ । ଗଛର ବୟସ ଅନୁଯାୟୀ ସଢ଼ିବାର ସମୟ କମ୍ ବେଶୀ ହୁଏ । ଫଳ ଧରି ଆସୁଥିବା ନଳିତା ପଚିବାକୁ ପ୍ରାୟ ୧୨ଦିନ ଲାଗେ । ଡେରିରେ କାଟିଲେ ଡେରିରେ ପଚେ । ୧୦ ଦିନ

ପରେ ଝୋଟ ପଚିଲାଣି କି ନା, ବଢ଼ିଆ ବଡ଼ାରୁ ପରୀକ୍ଷା କରିବା ଉଚିତ । ଯେତେବେଳେ ଝୋଟ ସହଜରେ କାଉଁରିଆ ଦେହରୁ ଛାଡ଼ିଯାଏ, ତାହା କାଟିବା ପାଇଁ ହେଲା ବୋଲି ଜାଣିବ ଓ ସଙ୍ଗେ ସଙ୍ଗେ କାଟିବା ଉଚିତ । ସଢ଼ିଥିବା ବଡ଼ାକୁ ଆଣି ମୂଳକୁ ପିଟଣାରେ ପିଟି ତାକୁ ଏକାଠି କରି କାଉଁରିଆ ମୂଳକୁ ଏକମୁଠି ଧରି ଦିଆଯାଏ । ମୂଳ ଝୋଟକୁ ଟାଣି ଧରି ପାଣିରେ ଆଗ-ପଛ କରି ହଲାଇଲେ ଝୋଟଗୁଡ଼ିକ ବାହାରି ଆସେ; କାଉଁରିଆଗୁଡ଼ିକ ଅଲଗା ହୋଇଯାଏ । ଏ ଉପାୟରେ ଗୋଟିଏ ଲୋକ ଦିନକେ ପ୍ରାୟ ୨୦କିଲୋ ଶୁଖିଲା ଝୋଟ କାଢ଼ିପାରେ । ଅଧିକ ପଚିଗଲେ ଝୋଟ କୋଣିଆ ହୋଇଯାଏ ଓ ଦର କମ୍ ହୁଏ ।

## ଉନ୍ନତ ଧରଣର ଝୋଟ କଳ

ଝୋଟକଳଯନ୍ତ୍ର ପଚା ଝୋଟବଡ଼ାକୁ ଶୁଖିଲାକୁ ଆଣି ଗୋଟି ଗୋଟି କରି ଗଛରୁ ଝୋଟ କାଢ଼େ । ଏ ଉପାୟରେ ଜଣେ ଲୋକ ୧୦।୧୨କିଲୋ ଶୁଖିଲା ଝୋଟ ଦିନକୁ କାଢ଼ିପାରିବ । ଏ ଉପାୟରେ ଝୋଟ କାଟି ସଫା ଚଲା ପାଣିରେ ଧୁଆଯାଏ । ଏଥିରେ ଝୋଟ ଅଣ୍ଡୁଆ ହୁଏ ନାହିଁ କି ଦାଗ ପଡ଼େ ନାହିଁ; ତନ୍ତୁ ଶକ୍ତ ରହେ ଓ ଝୋଟ ଭଲ ଦରରେ ବିକ୍ରି ହୁଏ ।

ଝୋଟ ବାହାରିଲା ପରେ ଦଉଡ଼ି ଟାଙ୍ଗି ବା ବାଉଁଶରେ ଶୁଖାଇବ । ଭଲଭାବରେ ଶୁଖିଗଲେ ମୋଡ଼ା ବାନ୍ଧି ରଖିଦିଆଯାଏ । ମୋଡ଼ା ବାନ୍ଧିବା ପୂର୍ବରୁ ଝୋଟ ଓଦା ରହିଗଲେ ଝୋଟର ରଙ୍ଗ ଦାଗୀ ହୋଇଯାଏ ।

● ●

# ବୈଶାଖ ମାସରେ ଝୋଟ ଚାଷୀ କଣ କରିବେ ?

**ଝୋଟ ବୁଣା ହୋଇଥିବା ଅଞ୍ଚଳରେ—**

ଗଛ ପ୍ରାୟ ୩ଇଞ୍ଚ ହୋଇଗଲେ ମାଟିକୁ ଖୁସାଇବ ଓ ବଛାବଛି କରିବ ।

ପ୍ରଥମେ ହଦା ଦେଇ ପରେ ଅନାବନା ଘାସ ବାଛିଦେବ ।

ଧାଡ଼ିରେ ବୁଣା ହୋଇଥିବା ଜମିରେ ଚକହଦା ଚଳାଇବ ।

ଆମୋନିଆ ସାର ସଂଗ୍ରହ କରି ରଖିବ ।

ପ୍ରଥମ ଥର ବଛାବଛି କରିବା ପରେ ଅବସ୍ଥା ଜାଣି ଦ୍ୱିତୀୟ ଥର ଜମିରୁ ଘାସ ବାଛିଦେବ । ବହଳ ହୋଇ ଉଠିଥିବା ଗଛରୁ କେତେକ ଉପାଡ଼ି ପାତଳ କରିଦେବ ।

ରୋଗା ଗଛଗୁଡ଼ିକୁ ଉପାଡ଼ି ପୋଡ଼ି ପକାଇବ ।

ଗଛ ୪-୬ ସପ୍ତାହର ହେଲେ ଓ ଜମିରେ ଯଥେଷ୍ଟ ପରିମାଣରେ ଆର୍ଦ୍ରତା ଥିଲେ ଏକର ପ୍ରତି ୫୦ ସେର (୪୮ କିଲୋଗ୍ରାମ୍) ଆମୋନିଆ ସାର ପ୍ରୟୋଗ କରିବ ।

ଆମୋନିଆ ସାର ଏକର ପ୍ରତି ୧୫ ସେର ଅନୁପାତରେ ଜମିରେ ୨ଦଫାରେ ପ୍ରୟୋଗ କଲେ ଭଲ । ଗଛ ୨-୩ ସପ୍ତାହର ହେଲେ ପ୍ରଥମ ଥର ଓ ୪-୬ ସପ୍ତାହର ହେଲେ ଦ୍ୱିତୀୟ ଥର ସାର ପ୍ରୟୋଗ କରିବ ।

ଆମୋନିଆ ସାର ଠାରୁ ପାଞ୍ଚ ଗୁଣ ମାଟି ସହିତ ମିଶାଇ ପ୍ରୟୋଗ କରିବ ।

ଆବଶ୍ୟକ ମୁତାବକ ଫସଲରେ ପାଣି ମଡ଼ାଇବ ।

ଫସଲରେ ସଂବାଳୁଆ ପୋକ ଲାଗିଲେ ଏକର ପ୍ରତି ୧୨ରୁ ୧୫ ପାଉଣ୍ଡ (୬ରୁ ୭କିଲୋଗ୍ରାମ) ଡି. ଏଚ୍. ସି. ଗୁଣ୍ଡ ୧୦% ଛିଞ୍ଚିବ ।

ଫସଲରେ ଘୋଡ଼ାପୋକ ଲାଗିଲେ ଏକର ପ୍ରତି ୧୯ ପାଉଣ୍ଡ ଏନଡ୍ରେକ୍ସ ୨୦ ଇ.ସି. ବା ଏନ୍ଡ୍ରିନ

୨୦ ଇ. ସି.କୁ (କଡ଼ସିନ ଟିଣ) ପାଣିରେ ଭଲ ଭାବରେ ମିଶାଇ ୧୫ ଟିଣ ପିଚକାରୀ ସାହାଯ୍ୟରେ ଛିଞ୍ଚିବ ।

ବା

ଏକର ପ୍ରତି ୬-୭ ଆଉନ୍‌ସ ଫଲିଡଲ ଇ. ୬୦୫କୁ ୧୨।୧୩ ଟିଣ (କଡ଼ସିନ ଟିଣ) ପାଣିରେ ଗୋଳାଇ ଛିଞ୍ଚିବ ।

ବା

ଏକର ପ୍ରତି ୭ ପାଉଣ୍ଡ ଗାମାକ୍ସିନ ଗୁଣ୍ଡ ବା ଡି. ଡି. ଟି. ଗୁଣ୍ଡ (୫୦% ୱେଟେବଲ ପାଉଡର) ୧୫ ଟିଣ (କଡ଼ସିନ ଟିଣ) ପାଣିରେ ଗୋଳାଇ ଛିଞ୍ଚିବ ।

## ଝୋଟ ବୁଣା ନ ହୋଇଥିବା ଅଞ୍ଚଳରେ—

ପାଗ ଦେଖି ଜମିକୁ ଚାଷ କରିବ ।

ପହିଲି ଚାଷବେଳେ ଏକର ପ୍ରତି ୪୫ ଗାଡ଼ି କମ୍ପୋଷ୍ଟ ଖତ, ଦେଢ଼ ମହଣ ସୁପରଫସ୍‌ଫେଟ ଓ ୨୫ ସେର ପୋଟାସ୍ ଜମିରେ ଦେଇ ଓଡ଼େ ଦୁଇ ଓଡ଼ ଚାଷ କରିବ ।

କୃଷି ବିଭାଗଦ୍ୱାରା ଯୋଗାଇ ଦିଆଯାଉଥିବା ଭଲ ଓ ଉନ୍ନତ ବିହନ ସଂଗ୍ରହ କରିବ ।

## ଖାଲ ଜମି ପାଇଁ ପିତା ନଳିତା—

ଜେ. ଆର୍. ସି. ୩୨୧ ।

ଜେ. ଆର୍. ସି. ୨୧୨ ।

ଚାକା ୧୫୪ ।

## ଡିପ ଜମି ପାଇଁ ମଧୁର ନଳିତା—

ଜେ. ଆର୍. ଓ. ୬୩୨ ।

ବିହନରେ ଆଗ୍ରସେନ୍ ଜି. ଏନ୍. ବା ସେରେସାନ୍ ଗୋଳାଇ ଶୋଧନ କରି ବୁଣିବ । ପ୍ରତ୍ୟେକ ୪ସେର ବିହନ ପାଇଁ ୧ ତୋଳା ଔଷଧ ବ୍ୟବହାର କରିବ ।

ଔଷଧ ଗୋଳା ହୋଇଥିବା ବିହନକୁ ପିଲା ଓ ଗୋରୁଗାଈଙ୍କଠୁ ଦୂରରେ ରଖିବ ।

ଖାଲୁଆ ଜମିରେ ବୁଣା ଶେଷ କରିବ ।

ବୈଶାଖ ମାସରେ ମଧୁର ନଳିତା ବୁଣିବ ।

ଧାଡ଼ିକୁ ଧାଡ଼ି ୧ ଫୁଟ ବ୍ୟବଧାନରେ ମଞ୍ଜି ବୁଣିବ । ସିଡ-ଡ୍ରିଲ ସାହାଯ୍ୟରେ ଧାଡ଼ିରେ ବୁଣିବା ସୁବିଧା ହୁଏ ।

ଜମିରେ ଉଇ ବା ହିଣ୍ଡିକା ଲାଗୁଥିଲେ ମଞ୍ଜି ବୁଣିବାର ୧୫ ଦିନ ପୂର୍ବରୁ ଜମିରେ ଏକର ପ୍ରତି ୧୫ ସେର ଡାଏଲଡ୍ରିନ ୩% ପ୍ରୟୋଗ କରିବ ।

## ନେଫା ଉନ୍ନୟନ

ଶିଲଂରୁ ଷ୍ଟେଟ୍‌ସମେନ୍‌ର ସ୍ୱତନ୍ତ୍ର ସମ୍ବାଦଦାତା ଲେଖିଛନ୍ତି ଯେ ନେଫାର ଟାୱାଙ୍ଗ ଅଞ୍ଚଳରେ ଉନ୍ନୟନ ଓ କୃଷି ବିକାଶ ବାବଦ ଦୁଇ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ ।

ଚୀନ ଆକ୍ରମଣବେଳେ ନେଫାର ଅଧିକାଂଶ ଗ୍ରାମର ଉପଜାତିମାନେ ସବୁ ଧ୍ୱଂସ କରିଦେଇ ପଳେଇ ଯାଇଥିଲେ, ଏପରିକି ସେମାନେ ତାଙ୍କର ଗୋରୁଗାଈ-ଆଦିକୁ ମାରିଦେଇ କିମ୍ବା ସଙ୍ଗରେ ଧରି ପଳେଇ ଯାଇଥିଲେ । ଟୁଟଙ୍ଗ୍, ମେଚୁକା, ମଣିଗଙ୍ଗ୍ ଓ ଅନ୍ୟ ଅଞ୍ଚଳରେ ଗୃହପାଳିତ ପଶୁ ଯୋଗାଇବା ସମ୍ପର୍କରେ ଯୋଜନା ପ୍ରସ୍ତୁତ ହୋଇଛି ।

ଟାୱାଙ୍ଗ ଅଞ୍ଚଳରେ ଗୃହପାଳିତ ପଶୁ ଯୋଗାଇବା ବାବଦ ତିନ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଆଶା କରାଯାଉଛି । ଖର୍ଚ୍ଚର ବ୍ୟବସ୍ଥାକୁ ଅଧେ ଦେଇ ଟାୱାଙ୍ଗର ଲୋକମାନେ ଗୃହପାଳିତ ପଶୁ ପାଇବେ ଏବଂ ସରକାର ବାକିତକ ଟଙ୍କା ଦେବେ ।

ଟାୱାଙ୍ଗର ଲୋକମାନେ ଯେଉଁମାନେ କି ସେମାନଙ୍କର ଅଧିକାଂଶ ଗଚ୍ଛିତ ଖାଦ୍ୟ ଏପରିକି ବାସନ-କୁସନ ସବୁ ହରାଇଥିଲେ, ସେମାନଙ୍କୁ ବିନା ମୂଲ୍ୟରେ ଏକ ଲକ୍ଷ ଟଙ୍କା ମୂଲ୍ୟର ଚାଉଳ, ଲୁଗାପଟା, ଢେଲ୍‌ଡ ଓ ଘି ଦିଆଯିବ ।

# ସବୁଜ ସାର

**ଅଧିକ** ଫସଲ ଉତ୍ପାଦନ ପାଇଁ ଭଲ ଚାଷ ପ୍ରଣାଳୀ, ଉନ୍ନତ ବିହନ ଓ ଅନୁକୂଳ ଜଳବାୟୁ ଯେପରି ଦରକାର, ଜମିର ଉର୍ବରତା ଓ ଉତ୍ପାଦିକା ଶକ୍ତି ମଧ୍ୟ ସେପରି ଦରକାର । ପ୍ରତି ବର୍ଷ ଜମିରେ ଫସଲ ଚାଷ କରିବାଦ୍ୱାରା ଜମିର ଉର୍ବରତା କ୍ରମଶଃ କମିଯାଉଛି । ଯଦି କୃତ୍ରିମ ଉପାୟରେ ଆମେ ଜମିର ଉତ୍ପାଦିକା ଶକ୍ତି ନ ବଢ଼ାଇବା, ତେବେ ଆମର ଆମଦାନୀ ଯେ କମିଯିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଫସଲ ଆମଦାନୀ ବଢ଼ାଇବାକୁ ହେଲେ ଜମିରେ ଯଥେଷ୍ଟ ପରିମାଣ ଯବକ୍ଷାରଜାନ, ଫସଫରସ୍, ପଟାସିୟମ୍ ଓ କାଲ୍‌ସିୟମ୍ ସାର ପ୍ରୟୋଗ କରିବା ଦରକାର । ଆଜିକାଲି ଯେଉଁସବୁ ରାସାୟନିକ ସାର ବାହାରିଛି, ସେଗୁଡ଼ିକ ପ୍ରୟୋଗ କରିବାଦ୍ୱାରା ଜମି ଏହିସବୁ ସାର ପାଇଥାଏ । କିନ୍ତୁ ଖାଲି ରାସାୟନିକ ସାର ପ୍ରୟୋଗ କଲେ ଜମିର ଉତ୍ପାଦିକାଶକ୍ତି ବଢ଼ିଯିବ ନାହିଁ । ଉତ୍ପାଦନ ବଢ଼ାଇବା ପାଇଁ ଜମିର ପ୍ରାକୃତିକ ବା ଭୌତିକ ଅବସ୍ଥା ପ୍ରତି ଦୃଷ୍ଟି ଦେବାକୁ ହେବ । ଭୌତିକ ଅବସ୍ଥା ଅନୁକୂଳ ନ ହେଲେ, ରାସାୟନିକ ସାର କୌଣସି କାମ ଦେବ ନାହିଁ । ଗୋଟିଏ ଉଦାହରଣ ଦେଲେ କଥାଟି ବୁଝିବା ସହଜ ହେବ । ଜଣେ ଲୋକ ବେମାରରୁ ଉଠିବାପରେ ଖୁବ୍ ଦୁର୍ବଳ ହୋଇପଡ଼ିଲା । ତାର ପୂର୍ବ ସ୍ୱାସ୍ଥ୍ୟ ଫେରାଇ ଆଣିବା ପାଇଁ ଡାକ୍ତରଙ୍କ ତାକୁ ଟନିକ୍ ଖାଇବାକୁ ଦେଲେ । ଟନିକ୍ ଖାଇ ଲୋକଟିର ସ୍ୱାସ୍ଥ୍ୟ କ୍ରମେ ଭଲ ଆଡ଼କୁ ଆସିଲା । ତା' ପରେ ସେ ଟନିକ୍ ଖାଇବା ବନ୍ଦ କରିଦେଲା । ଦେଖାଗଲା ଯେ ତା'ର ସ୍ୱାସ୍ଥ୍ୟ ପୁଣି ଖରାପ ହୋଇଯାଉଛି । ସେ ପୁଣି ଟନିକ୍ ଖାଇଲା; କିନ୍ତୁ କିଛି ଫଳ ହେଲା ନାହିଁ । କାହିଁକି ଏପରି ହେଲା, କହିପାରିବେ କି ? ଲୋକଟିର ଜୀବନୀଶକ୍ତିର ଅଭାବ ହିଁ ଏହାର କାରଣ । ଜୀବନୀଶକ୍ତି ହିଁ ମଣିଷର ପ୍ରାକୃତିକ ବୃଦ୍ଧିରେ ସାହାଯ୍ୟ କରେ । ଯେଉଁ ଲୋକଠାରେ ଜୀବନୀଶକ୍ତିର ଅଭାବ, ସେ ଲୋକକୁ ଯେତେ ଟନିକ୍ ଖାଇବାକୁ ଦେଲେ ମଧ୍ୟ କିଛି ଫଳ ହେବ ନାହିଁ । ମଣିଷ ପକ୍ଷରେ ଯାହା ଠିକ୍, ମାଟିପକ୍ଷରେ ମଧ୍ୟ ତାହା ଠିକ୍ । ଯେଉଁ ମାଟିର ପ୍ରାକୃତିକ ବା ଭୌତିକ ଶକ୍ତି ଦୁର୍ବଳ, ସେଥିରେ ରାସାୟନିକ ସାର ପ୍ରୟୋଗ କଲେ ତାହା ପ୍ରଥମେ ପ୍ରଥମେ ଭଲ ଫଳ ଦେଇପାରେ । କିନ୍ତୁ ଶେଷରେ ତାହା ଫସଲର କୌଣସି ଉପକାର କରିପାରେ ନାହିଁ । ତେଣୁ ଜମିର ଭୌତିକ ଅବସ୍ଥା ବା ପ୍ରାକୃତିକ ଶକ୍ତି ଯେପରି ଅତୁଟ ରହେ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।

ଜୈବିକ ସାର ଜମିର ପ୍ରାକୃତିକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ମାଟିର ପାଣି ଓ ଉତ୍ତାପଧାରଣ ଶକ୍ତି ବଢ଼ାଇବା ଓ ଗଛକୁ ମାଟିରୁ ଖାଦ୍ୟ ସଂଗ୍ରହ କରିବାରେ ଏହା ବହୁ ସାହାଯ୍ୟ କରିଥାଏ । ଆଉ ମଧ୍ୟ ଗଛକୁ ହୃଷ୍ଟପୁଷ୍ଟ କରି ବଢ଼ାଇବାର ଯେଉଁସବୁ ପ୍ରାକୃତିକ ଉପାଦାନ ମାଟିରେ ରହିଛି, ତାହା ଅତୁଟ ରଖିବାରେ ଜୈବିକ ସାର ସାହାଯ୍ୟ କରିଥାଏ ।

## ଜୈବିକ ସାର ପାଇ ଉପାଦାନ

ଗୋବର ଖତ, କମ୍ପୋଷ୍ଟ ଖତ, ବିଭିନ୍ନ ପ୍ରକାର ପିଡ଼ିଆ, ଗୃହପାଳିତ ପଶୁମାନଙ୍କର ମଳ, ମୂତ୍ର ଓ ସବୁଜସାର ପ୍ରୟୋଗ କରିବାଦ୍ୱାରା ମାଟି ଜୈବିକ ସାର ପାଇଥାଏ । ଆମ ଓଡ଼ିଶାରେ ସାଧାରଣତଃ କୃଷୀମାନେ ବିଲରେ ଗୋବର ଖତ ପ୍ରୟୋଗ

କରିଥାଆନ୍ତି । ମାତ୍ର ଏହାର ପରିମାଣ ଏତେ ଅଳ୍ପ ଯେ ତାହା ଜମିକୁ ଆବଶ୍ୟକୀୟ ଜୈବିକ ସାର ଯୋଗାଇବାକୁ ଅସମର୍ଥ ହୋଇଥାଏ । ଆମ ରାଜ୍ୟରେ ସାଧାରଣ ଚାଷୀ ଯେତିକି ଗୋବର ପାଆନ୍ତି, ତହିଁର ବାଉପଣ ଜାଳିଦିଅନ୍ତି ଓ ଘର ଲିପାପୋଛାରେ ବ୍ୟୟ କରନ୍ତି; ଅବଶିଷ୍ଟ ଚାରିପଣ ଜମିକୁ ଯାଏ । ତାହା ମଧ୍ୟ ଉପଯୁକ୍ତଭାବରେ ଖତ ହୋଇ ନ ଥାଏ । ଏହି କାରଣରୁ କେବଳ ଗୋବର ଖତ ଆମ ଜମିକୁ ଆବଶ୍ୟକୀୟ ଜୈବିକ ସାର ଯୋଗାଇବା ପାଇଁ ଯଥେଷ୍ଟ ନୁହେଁ ।

## ସବୁଜସାର

ତେବେ ଜମିର ଜୈବିକ ସାର ଅଭାବ ପୂରଣ କରାଯାଇ ପାରିବ ?—ଏହାର ଏକମାତ୍ର ସହଜ ଓ ସୁବିଧା ଉପାୟ ହେଉଛି ସବୁଜସାର ପ୍ରୟୋଗ । ଆମ ରାଜ୍ୟରେ ଧଣିଚା, ଛଣପଟ ଓ ସେସ୍‌ବାନିଆ ଏହି ତିନି ପ୍ରକାର ସବୁଜସାର ଲୋକପ୍ରିୟ । ଓଡ଼ିଶା ମାଟିରେ ଓ ଜଳବାୟୁରେ ଏହି ସବୁଜସାରଗୁଡ଼ିକ ଭଲ ଫଳ ଦେଉଥିବାର ଦେଖାଯାଇଛି । ଛଣପଟକୁ ଛାଡ଼ିଦେଲେ ଅନ୍ୟ ଦୁଇ ପ୍ରକାର ସବୁଜସାର ଯେ କୌଣସି ଅଞ୍ଚଳରେ ଓ ଯେ କୌଣସି ଜମିରେ ଚାଷ କରାଯାଇ ପାରିବ । ଛଣପଟ ଆଟ ଓ ମାଳ ଜମି ପାଇଁ ଭଲ ।

ଏହା ଛଡ଼ା ଗୁକୁଣ୍ଡା, ପାଳଧୂଆ, ଅରଖ, କରଞ୍ଜ, ଜୟନ୍ତୀ ପ୍ରଭୃତି ଗଛର ଡାଳ ଓ ପତ୍ର ମଧ୍ୟ ସବୁଜସାରରୂପେ ବ୍ୟବହାର କରାଯାଇପାରେ । ବିଶେଷ କରି ଯେଉଁମାନେ ନିଜ ଜମିରେ ସବୁଜସାର ଚାଷ କରିପାରିବେ ନାହିଁ, ସେମାନଙ୍କ ପକ୍ଷରେ ବାହାରୁ ଏହି ସବୁ ଗଛର ଡାଳପତ୍ର ସଂଗ୍ରହ କରି ତାହାକୁ ସଢ଼ାଇ ଜମିରେ ପ୍ରୟୋଗ କରିବା ସୁବିଧାଜନକ ।

## ସବୁଜସାର ଚାଷ

ଧଣିଚା, ଛଣପଟ ବା ସେସ୍‌ବାନିଆ ସାଧାରଣତଃ ବୈଶାଖ-ଜ୍ୟେଷ୍ଠ ମାସରେ ବୁଣାଯାଏ । ଏହି ସମୟରେ ଅତିକମ୍‌ରେ ଦୁ'ଅସରା ବର୍ଷା ହୋଇଗଲା ପରେ ଏକର ପ୍ରତି ୧୦ସେର ଧଣିଚା ବା ସେସ୍‌ବାନିଆ ମଞ୍ଜି ୧୫ସେର ଛଣପଟ ମଞ୍ଜି ବୁଣିବା ଉଚିତ । ମଞ୍ଜି ବୁଣିବା ପୂର୍ବରୁ ଜମିରେ ଏକର ପ୍ରତି ମହଣେ ଦେଢ଼-ମହଣ ସୁପରଫସ୍‌ଫେଟ୍ ବା ହାଡ଼ଗୁଣ୍ଡ ଦେବା ଉଚିତ । ତାହାହେଲେ ସବୁଜସାର ଗଛଗୁଡ଼ିକ ଭଲ ବଢ଼ିବ । ଅତି ଗରିବା ମାଟିରେ ଗୋବରଖତ ବା କମ୍ପୋଷ୍ଟ ଖତ ଦେବା ଭଲ ।

## ପ୍ରୟୋଗ ବିଧି

ଓଡ଼ିଶାର ପ୍ରଧାନ ପ୍ରଧାନ ଫସଲ; ଯଥା— ଧାନ, ରବିଫସଲ, ଆଳୁ ଓ ଆଖୁ ଫସଲରେ ସବୁଜସାର କିପରି ପ୍ରୟୋଗ କରିବାକୁ ହେବ, ତଳେ ତାହାର ସୂଚନା ଦିଆଯାଉଛି ।

### (କ) ଧାନ ଫସଲ—

ଖରିଫ ବୁଣା ବିଲରେ ଧାନ ବିହନ ସଂଗେ ସଂଗେ ସବୁଜସାର ମଞ୍ଜି ମିଶାଇ ବୁଣିବା ଦରକାର । ଏକରେ ଜମିରେ ୫/୬ ସେର ଧଣିଚା ବା ସେସ୍‌ବାନିଆ ମଞ୍ଜି ବୁଣାଯାଇପାରେ । ବେଉଷଣକଲେ ଏହି ଗଛଗୁଡ଼ିକ ମାଟି ଭିତରେ ପୋତି ହୋଇ ସଢ଼ିଯାଏ ଓ ଜମିକୁ ଜୈବିକ ସାର ଯୋଗାଇଥାଏ । ଯେଉଁ ଗଛଗୁଡ଼ିକ ବେଉଷଣକଲେ ମାଟି ସଙ୍ଗେ ମିଶି ନ ଯାଇ ରହିଯିବ, ତାକୁ ହାତରେ ଉପାଡ଼ି ମାଟିରେ ପୋତିଦେବା ଉଚିତ ।

ରୁଆ ଧାନ ପାଇଁ ଜମିରେ ବୈଶାଖ-ଜ୍ୟେଷ୍ଠ ମାସରେ ସବୁଜସାର ମଞ୍ଜି ବୁଣିବା ଦରକାର । ଧାନ ରୋଇବା ପୂର୍ବରୁ ସବୁଜସାରକୁ ଜମିରେ ଭଲଭାବରେ ମିଶାଇ ଜମିକୁ ଚପି ଦେବାକୁ ହେବ ଓ ତା'ପରେ ଧାନ ରୋଇବାକୁ ହେବ ।

### (ଖ) ରବିଫସଲ—

ରବିଫସଲ ଓ ଆଳୁ, ଗହମ ପ୍ରଭୃତି ଶୀତଦିନିଆ ଫସଲ ପାଇଁ ସବୁଜସାର ମଂଜି ଆଷାଢ଼ ମାସରେ ବୁଣିବା ଦରକାର । ଶ୍ରାବଣ ବେଳକୁ ଏହାକୁ ଜମିରେ ହଳ କରିଦେଇ ମିଶାଇଦେବ । ଏହାର ଦୁଇ ମାସ ପରେ ଆଳୁ, ଗହମ ପ୍ରଭୃତି ଶୀତଦିନିଆ ଫସଲ ଲଗାଇବାକୁ ହେବ ।

### (ଗ) ଆଖୁ—

ଯେଉଁ ଅଞ୍ଚଳରେ ବର୍ଷାଦିନେ ଆଖୁ ଲଗାଯାଏ, ସେ ଅଞ୍ଚଳରେ ବର୍ଷାଦିନ ଆରମ୍ଭ ସଂଗେ ସଂଗେ ବିଲରେ ସବୁଜସାର ମଂଜି ବୁଣିଦେବାକୁ ହେବ । ମାସେ ଦେଢ଼ମାସ ପରେ ଜମିରେ ଏହାକୁ ହଳ କରିଦେଇ ଆଖୁ ଲଗାଇବାକୁ ହେବ । ଯେଉଁଠି ମାଘ-ଫାଲ୍‌ଗୁନ ମାସରେ ଆଖୁ ଲଗାଯାଏ, ସେଠାରେ ଆଖୁ ଲଗାଇଲାବେଳେ ଆଖୁ ସିଆର ମଝିରେ ସବୁଜସାର ମଂଜି ବୁଣିଦେବାକୁ ହେବ । ଆଖୁଗଛରେ ପ୍ରଥମ ଥର ହୁଡ଼ା ଟେକିଲାବେଳେ ଏହି ଗଛଗୁଡ଼ିକ କାଟି ହୁଡ଼ାତଳେ ପୋତିଦେଲେ ତାହା ମାଟି ସହିତ ମିଶି ଯିବ ।

### ସବୁଜସାର ବିହନ ଅମଳ—

ଅନେକ ସମୟରେ କୃଷୀମାନେ ଯଥେଷ୍ଟ ପରିମାଣ ମଂଜି ଅଭାବରୁ ବିଲରେ ସବୁଜସାର ଚାଷ କରିପାରୁ ନାହାନ୍ତି । ତେଣୁ ପ୍ରତି କୃଷୀ ସବୁଜସାର ମଂଜି ସଂଗ୍ରହ କରି ରଖିବା ଉଚିତ । ତାହାହେଲେ ଦରକାର ଅନୁଯାୟୀ ତାହା ଚାଷ କରାଯାଇ ପାରିବ ।

ବିଲର ହିଡ଼ରେ ବା ହିଡ଼ର ଠିକ୍ ତଳକୁ ଧନିଚ୍ଛ ବା ସେସ୍‌ବାନିଆ ଲଗାଇଲେ ତାହା ମଂଜି ଯୋଗାଇବ । ଧାନ ବେଉଷଣର ମାସକ ଆଗରୁ ସବୁଜସାର ମଂଜି ତଳ ପକାଇବା ଦରକାର । ବେଉଷଣ ପରେ ପରେ ତଳ ଉପାଡ଼ି ଧାନବିଲ ହିଡ଼ କଡରେ ପୋତିଦେବାକୁ ହେବ । ଗଛଗୁଡ଼ିକ ଲଗି ଲଗି ଲଗାଇବ ନାହିଁ । ରୁଆ ବିଲରେ ଧାନ ରୋଇବା ସାଙ୍ଗରେ ସବୁଜସାର ତଳ ମଧ୍ୟ ରୁଆଯାଇପାରେ । ଏହି ଗଛରୁ ମଂଜି ସଂଗ୍ରହ କରି ଆସନ୍ତା ବର୍ଷ ପାଇଁ ରଖିବାକୁ ହେବ ।

ସବୁଜସାର ଚାଷ କରିବା ଅତି ସହଜ ଓ ଏଥିରେ ଖର୍ଚ୍ଚ ମଧ୍ୟ ଖୁବ୍ ଅଳ୍ପ । ତେଣୁ କୃଷୀମାନେ ବହୁଳ ପରିମାଣରେ ସବୁଜସାର ଚାଷ କରି ଜମିକୁ ଯଥେଷ୍ଟ ପରିମାଣରେ ଜୈବିକ ସାର ଯୋଗାଇବା ଉଚିତ । ତାହାହେଲେ ଜମିର ପ୍ରାକୃତିକ ଶକ୍ତି ଅତୁଟ ରହିବ ଓ ତାହା ଫସଲକୁ ବହୁତ ସାହାଯ୍ୟ କରିବ ।


[ ଭାରତୀୟ କୃଷି ଗବେଷଣା ପରିଷଦର ସୂଚନା ବିଭାଗ ସୌଜନ୍ୟରୁ ପ୍ରାପ୍ତ ]

## ଡାକଘରମାନଙ୍କରେ ସଞ୍ଚୟ ବ୍ୟାଙ୍କ୍ ସୁବିଧା

ଭାରତ ସରକାରଙ୍କ ସିଦ୍ଧାନ୍ତ ଅନୁସାରେ ଗ୍ରାମପଞ୍ଚାୟତ, ଗ୍ରାମଗୋଷ୍ଠୀ ଯୋଜନା ଓ ସଂପ୍ରସାରଣ ବ୍ଲକ୍ ସଦର କାର୍ଯ୍ୟାଳୟ ଥିବା ସ୍ଥାନମାନଙ୍କରେ ଅବସ୍ଥିତ ଡାକଘରମାନଙ୍କରେ ସଞ୍ଚୟ ବ୍ୟାଙ୍କର ସୁବିଧା ଦିଆଯିବ । ଏହାଛଡ଼ା ଯେଉଁ ସ୍ଥାନମାନଙ୍କରେ ସଞ୍ଚୟ ବ୍ୟାଙ୍କ୍ ପାଇଁ ଜନସାଧାରଣଙ୍କର ସ୍ପୃହା ଥିବ, ସେଠାରେ ମଧ୍ୟ ଏ ବ୍ୟବସ୍ଥା କରାଯିବ । ଶାଖା ଡାକଘରମାନଙ୍କୁ ଏଭଳି ସଞ୍ଚୟ ବ୍ୟାଙ୍କ୍ କ୍ଷମତା ଦେବା କାର୍ଯ୍ୟ ଯଥାସମ୍ଭବ ତୃତୀୟ ପଞ୍ଚବାର୍ଷିକ ଯୋଜନା, ଅର୍ଥାତ୍ ୧୯୬୬ ମସିହା ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ହେବ । ବାର୍ଷିକ ୭ ହଜାରଟି ଡାକଘରକୁ ଏହି କ୍ଷମତା ଦିଆଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

୧୯୫୭ ମସିହାଠାରୁ ସରକାର ଯେଉଁ ନୀତି ଗ୍ରହଣ କରିଛନ୍ତି, ଗ୍ରାମାଞ୍ଚଳ ଡାକଘରମାନଙ୍କରେ ସଞ୍ଚୟ ବ୍ୟାଙ୍କ୍ ସୁବିଧା ଥିବା ଡାକଘର ସଂଖ୍ୟା ୧୯୬୧ ମସିହାରେ ୯,୫୦୦ ଥିବା ସ୍ଥଳେ ବର୍ତ୍ତମାନ ୨୦ ହଜାର ହେଲାଣି ।

# କୁକୁଡ଼ା ଚାଷର ବ୍ୟାପକ ବ୍ୟବସ୍ଥା



କୁକୁଡ଼ା ଚାଷର ବ୍ୟାପକ ପ୍ରଚାର ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ରାଜ୍ୟରେ ଚେଷ୍ଟା ଚାଲିଛି । ପୂର୍ବ-ଭାରତର ସର୍ବପ୍ରଥମ କୃଷି-ବୈଷୟିକ ବିଦ୍ୟାଳୟ ଭୁବନେଶ୍ୱରଠାରେ ସଂପ୍ରତି କୁକୁଡ଼ା ଚାଷର ଉନ୍ନତି ପାଇଁ ଏକ ବ୍ୟାପକ ଯୋଜନା ଗ୍ରହଣ କରାହୋଇଛି ।

କୁକୁଡ଼ା ଚାଷ ଏକ ପ୍ରଧାନ ଲାଭଜନକ ଧନ୍ଦା । ବୈଜ୍ଞାନିକ ପଦ୍ଧତିରେ ଏହି ଚାଷର ପ୍ରଚଳନ ହେଲେ ଆମେ ଦେଶୀ କୁକୁଡ଼ାଠାରୁ ଯେଉଁଭଳି ପରିମାଣରେ ଡିମ୍ବ ପାଉଥାଉଁ, ତାହା ଅପେକ୍ଷା ଅନେକ ଗୁଣ ବେଶି ଡିମ୍ବ ପାଇ ପାରିବୁଁ ।


ଭାରତର ସର୍ବାଧୁନିକ ପକ୍ଷୀପାଳନ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଜୋରହାଟର ଆସାମ କୃଷି କଲେଜ ହେଉଛି ଅନ୍ୟତମ । ଏହି କେନ୍ଦ୍ର ସ୍ଥାପନ ପାଇଁ ୧ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ କରାହୋଇଛି ଓ ତାହା ମିଳିଛି ଭାରତସ୍ଥ ଯୁକ୍ତରାଷ୍ଟ୍ରର ଉନ୍ନୟନ ସଂସ୍ଥା ଓ ଆସାମ ସରକାରଙ୍କ ନିକଟରୁ । ଏହି କେନ୍ଦ୍ରର ଯନ୍ତ୍ରପାତି ହେଉଛି ସର୍ବାଧୁନିକ । ଏଥିରେ ଅଛି—୧୦ ହଜାର ଡିମ୍ବ ଫୁଟାଇବା ଭଳି ବିଦ୍ୟୁତ୍‌ଚାଳିତ ଇନକ୍ୟୁବେଟର, ବ୍ୟାଟରି, ବ୍ରୁଡ଼ର ଓ ପିଞ୍ଜରା ପ୍ରଭୃତି ।

ଏହି ପ୍ରତିଷ୍ଠାନରେ ଯେତେବେଳେ ବିଦ୍ୟୁତ୍-ସରବରାହ ନିୟମିତ ନ ଥିଲା, ସେତେବେଳେ ୧୦୮ଟି ଡିମ୍ବ ଫୁଟାଇବା ପାଇଁ କିରାସିନ ଚାଳିତ ଇନକ୍ୟୁବେଟର ନାଗା ପାହାଡ଼ରୁ ଅଣା ହୋଇଥିଲା । ଏହି ଯନ୍ତ୍ରରେ ଏକ ସାଥିରେ ୧୦୮ଟି ଡିମ୍ବ ରଖା ଦେଇଥାଏ ଏବଂ ଏହା ଭିତରୁ ପ୍ରତିଥର ୮୦ରୁ ୮୫ଟି କୁକୁଡ଼ା ଛୁଆ ମିଳିଥାଏ ।


କିନ୍ତୁ ଆହୁରି ବେଶି ଓ ଉତ୍କୃଷ୍ଟ ଶ୍ରେଣୀର କୁକୁଡ଼ା ଛୁଆର ପ୍ରୟୋଜନ ଥିବାରୁ ମିସୌରୀ ବିଶ୍ୱବିଦ୍ୟାଳୟକୁ ଉତ୍କୃଷ୍ଟ ଜାତିର ସାଦା ଲେଗହର୍ଣ୍ଣ କୁକୁଡ଼ାର ଡିମ୍ବ ପଠାଇବାକୁ ଅନୁରୋଧ କରାହୋଇଥିଲା ।

ମିସୌରୀ ବିଶ୍ୱବିଦ୍ୟାଳୟ ୪୫୦ ଡିମ୍ବ ବିମାନଯୋଗେ ପଠାଇଥିଲେ ଓ ଏଥିରୁ ୩୯୬ଟି କୁକୁଡ଼ା ଛୁଆ ମିଳିଥିଲା । ଏଥିରୁ ୧୮୫ଟି କୁକୁଡ଼ାକୁ ଡିମ୍ବ ଦେବାଲାଗି ରଖା ହୋଇଥିଲା । ଖାଣ୍ଟି ଧଳା ଲେଗହର୍ଣ୍ଣ କୁକୁଡ଼ା ଛୁଆ ମିଳିବା ପାଇଁ ଦୁଇଟି ପିଞ୍ଜରାରେ ମୋଟ ୧୪୦ଟି କୁକୁଡ଼ାକୁ ରଖାହୋଇଥିଲା ଏବଂ ସାତ ମାସ ମଧ୍ୟରେ ପ୍ରତି କୁକୁଡ଼ାଠାରୁ ୧୩୫ଟି ଲେଖାଏ ଡିମ୍ବ ମିଳିଥିଲା ।

ଏହି କେନ୍ଦ୍ରରୁ ଛୁଆ ଫୁଟାଇବା ପାଇଁ ୧୫ ହଜାର ଡିମ୍ବ ଖାନାପଡ଼ାସ୍ଥ ଆସାମର ପଶୁପାଳନ କଲେଜକୁ ପ୍ରେରିତ ହୋଇଥିଲା । ଭୁବନେଶ୍ୱରସ୍ଥ କୃଷି କଲେଜ, ନାଗା ଅଞ୍ଚଳ ଏବଂ ଅନ୍ୟାନ୍ୟ ସ୍ଥାନକୁ ଏଠାରୁ ଡିମ୍ବ ପ୍ରେରିତ ହୋଇଛି ପଶୁପାଳନ କେନ୍ଦ୍ର ପ୍ରତିଷ୍ଠାରେ ସହାୟତା କରିବା ପାଇଁ ।



# ଦକ୍ଷିଣ-ପୂର୍ବ ରେଳବାଇ



ଲେଖକ—ଶ୍ରୀ ଜି. ଡ଼. ଖାଣ୍ଡେଲ୍‌ୱାଲ,

( ଜେନେରାଲ ମେନେଜର )

ଦକ୍ଷିଣ-ପୂର୍ବ ରେଳବାଇର ଭୌଗୋଳିକ ଅବସ୍ଥିତି ଏହାକୁ ଏହି ଅଞ୍ଚଳର ଶିଳ୍ପବିକାଶପଥର ସମ୍ମୁଖସାରିରେ ଆଣି ଥୋଇଛି । ଏହି ରେଳବାଇଦ୍ୱାରା ଉପକୃତ ହେଉଥିବା ଛଅଟି ବନ୍ଦର ସୁପ୍ରତିଷ୍ଠ ଓ ଉର୍ବିନ୍ତ ପଶ୍ଚାଦ୍‌ଭୂମିର ଅନୁସନ୍ଧାନ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନ ହୋଇଥିଲେ ମଧ୍ୟ ଏଇ ରେଳବାଇକୁ ଦେଶର ପାଞ୍ଚଟିଯାକ ବଡ଼ ଇସ୍ପାତ କାରଖାନା, ସମୃଦ୍ଧିମନ୍ତ କୋଇଲା କ୍ଷେତ୍ର, ଲୁହା ଓ ମାଙ୍ଗାନିଜ ଖଣି, କାଗଜ, ଆଲୁମିନିଅମ୍ ଏବଂ ଅନ୍ୟାନ୍ୟ ବହୁ ଶିଳ୍ପର ସୁବିଧା ମେଣ୍ଟାଇବାକୁ ପଡ଼ୁଛି ।

ସମସ୍ତେ ବୋଧ ହୁଏ ଜାଣନ୍ତି ନାହିଁ, ଏକ ଟନ୍ ଇସ୍ପାତ ଉତ୍ପାଦନ କରିବାକୁ ହେଲେ ଇସ୍ପାତ କାରଖାନାକୁ ପାଞ୍ଚ ଟନ୍ କଞ୍ଚାମାଲ ପଠାଇବାକୁ ପଡ଼ିଥାଏ । ଦଶଲକ୍ଷ ଟନ୍ କ୍ଷମତାବିଶିଷ୍ଟ ଗୋଟିଏ ଇସ୍ପାତ କାରଖାନା ପାଇଁ ୧୮ ଲକ୍ଷ ଟନ୍ କୋଇଲା, ୧୬ ଲକ୍ଷ ଟନ୍ ଲୁହା-ପଥର, ପାଞ୍ଚଲକ୍ଷ ଟନ୍ ଚୂନପଥର ଓ ଡୋଲୋମାଇଟ୍ ଏବଂ ମାଙ୍ଗାନିଜ ପଥର, ଚକ୍ଷକ, ଫେରୋସିଲିକୋନ୍ ଭଳି ଅନ୍ୟାନ୍ୟ ବହୁ ପ୍ରକାରର କଞ୍ଚାମାଲ ଦରକାର । ଏସବୁକୁ ପୁଣି ବହୁଦୂର ଅଞ୍ଚଳରେ ଥିବା ଖଣିମାନଙ୍କରୁ ବୋହିବାକୁ ହୋଇଥାଏ । ତେଣୁ ଇସ୍ପାତ କାରଖାନାଗୁଡ଼ିକ ପାଇଁ କେଉଁ ପରିମାଣର ପରିବହନ ଦାୟିତ୍ୱ ରେଳବାଇ ଉପରେ ପଡ଼ିଥାଏ; ତାହା ଏଥିରୁ ଅନୁମାନ କରିହେବ ।

ପ୍ରତ୍ୟେକ ଇସ୍ପାତ କାରଖାନାରେ ବ୍ୟବହୃତ ହେଉଥିବା ବିଭିନ୍ନ ବିଶେଷ ଧରଣର ସରଞ୍ଜାମ ଲାଗି ଅବସ୍ଥା ଅଧିକ ଜଟିଳ ହୋଇଉଠୁଛି । ଉଦାହରଣ ସ୍ୱରୂପ, ଟାଟା ଲୁହା ଓ ଇସ୍ପାତ କାରଖାନାକୁ 'ସେଣ୍ଟର ଡିସ୍‌ଚାର୍ଜ ହପର୍' ( ସେ. ଡି. ଓ ବି. ଓ. ବି. ସି. ) ଓ୍ୱାଗନ୍'ରେ ଲୁହାପଥର ଯୋଗାଇ ଦିଆଯାଇଥାଏ । ମାତ୍ର ରାଉରକେଲା, ବର୍ଣ୍ଣପୁର ଓ ଭିଲାଇଠାରେ ଥିବା ଇସ୍ପାତ କାରଖାନାଗୁଡ଼ିକୁ 'ସାଇଡ୍ ଡିସ୍‌ଚାର୍ଜ ହପର୍' (ସ. ଓ ସ. ଏସ୍.) ଓ୍ୱାଗନ୍‌ରେ ଲୁହାପଥର ଯୋଗାଇ ଦିଆଯାଏ । ଅଥଚ ଦୁର୍ଗାପୁର କାରଖାନାକୁ 'ସାଇଡ୍ ଡିସ୍‌ଚାର୍ଜ ହପର୍' ସାହାଯ୍ୟରେ ଆଂଶିକଭାବରେ ଏବଂ ବଗି ଟାଇପ୍, ବକ୍ସ ଓ୍ୱାଗନ୍ ସାହାଯ୍ୟରେ ଆଂଶିକ ଭାବରେ ଲୁହାପଥର ଯୋଗାଯାଏ । ଟାଟାନଗର, ବର୍ଣ୍ଣପୁର ଓ ରାଉରକେଲା କାରଖାନାଗୁଡ଼ିକୁ 'ସେଣ୍ଟର ଡିସ୍‌ଚାର୍ଜ ସେ. ଡି. ଟାଇପ୍ ଓ୍ୱାଗନ୍'ରେ ଚୂନପଥର ବୁହାହେଉଥିବାବେଳେ ଦୁର୍ଗାପୁର ଓ ଭିଲାଇ କାରଖାନାକୁ ସାଧାରଣ ଖୋଲା ଓ୍ୱାଗନ୍‌ରେ ପଠା-ଯାଇଥାଏ । ତେଣୁ ବିଭିନ୍ନ ଇସ୍ପାତ କାରଖାନା ପାଇଁ ବିଭିନ୍ନ ଧରଣର ପିଣ୍ଡ ବୋଝାଇ କରିବାକୁ ବିଭିନ୍ନ ଧରଣର ଓ୍ୱାଗନ୍ ଯୋଗାଡ଼ କରିବା ଏକ ବଡ଼ କୌଶଳପୂର୍ଣ୍ଣ କାର୍ଯ୍ୟ ।

ଏହିସବୁ କାରଖାନାର ସମ୍ପ୍ରସାରଣ ସଙ୍ଗେ ସଙ୍ଗେ ଅବସ୍ଥା ମଧ୍ୟ ଅଧିକ ଜଟିଳ ହୋଇଉଠୁଛି । ଇସ୍ପାତ୍ କାରଖାନାଗୁଡ଼ିକୁ କୋଇଲା ଛଡ଼ା ଅନ୍ୟାନ୍ୟ କଞ୍ଚାମାଲ୍ ବୋହିବା ପାଇଁ ୧୯୫୫-୫୬ରେ ଦୈନିକ ୪୮୦ ୱାଗନ୍ ଯୋଗାଇ ଦିଆଯାଉଥିଲା । ୧୯୬୨-୬୩ରେ ଏହି ସଂଖ୍ୟା ବଢ଼ି ୨,୦୦୦ ହୋଇଥିଲା ଏବଂ ତୃତୀୟ ଯୋଜନା ଶେଷବେଳକୁ ୩୩୦୪ ହୋଇଥିବ ବୋଲି ଅନୁମାନ କରାଯାଉଛି ।

କାରଖାନାରେ ଉତ୍ପାଦିତ ହେଉଥିବା ବହୁଳ ଦ୍ରବ୍ୟ ଓ ଉପଜାତ ସାମଗ୍ରୀ ଚଳାଚଳ ସମ୍ପର୍କୀୟ ସମସ୍ୟାମାନ ମଧ୍ୟ ରହିଛି । ସେସବୁ ଦ୍ରବ୍ୟ ଚଳାଚଳ ପାଇଁ ସ୍ୱତନ୍ତ୍ର ଧରଣର ୱାଗନ୍‌ମାନ ଦରକାର ।

## କୋଇଲା ପରିବହନ

ଏ ତ ଗଲା ଇସ୍ପାତ କଥା । ବର୍ତ୍ତମାନ କୋଇଲା କଥା ବିଚାର କରାଯାଉ । ଦ୍ୱିତୀୟ ଓ ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ କେନ୍ଦ୍ର ଭାରତ, କୋରବା, ତାଳଚେର ଓ ଅନ୍ୟାନ୍ୟ ସ୍ଥାନରେ ବହୁ ନୂଆ ନୂଆ କୋଇଲା ଖଣି ଖୋଲାଯିବା ଫଳରେ କୋଇଲା ଚଳାଚଳ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ପୂର୍ବରୁ କୋଇଲା ଯୋଗାଣ ମୁଖ୍ୟତଃ ବଙ୍ଗ-ବିହାର କୋଇଲାଖଣିଗୁଡ଼ିକ ମଧ୍ୟରେ ସୀମାବଦ୍ଧ ଥିଲା । ୧୯୫୦ ମସିହାରେ ଦୈନିକ ୧୦୫୦ ୱାଗନ୍ କୋଇଲା ଚଳାଚଳ ହେଉଥିବା ସ୍ଥଳେ ୧୯୬୨-୬୩ରେ ଦୈନିକ ୨୦୫୦ ୱାଗନ୍ କୋଇଲା ଚଳାଚଳ ହୋଇଛି ଏବଂ ତୃତୀୟ ଯୋଜନାକାଳ ଶେଷ ସୁଦ୍ଧା ଏହା ବଢ଼ି ୪୫୦୦ ୱାଗନ୍ ହେବ ବୋଲି ଆଶା କରାଯାଉଛି ।

କେନ୍ଦ୍ର ଭାରତ କୋଇଲା ଖଣିଗୁଡ଼ିକରେ କୋଇଲା ଚଳାଚଳ ବିଶେଷ ଭାବରେ ବଢ଼ିଯାଇଛି । ଏଠାରେ ଜାତୀୟ କୋଇଲା ଉନ୍ନୟନ କର୍ପୋରେସନ ପକ୍ଷରୁ ଅକ୍ଷତ କୋଇଲା ଖଣିଗୁଡ଼ିକର ବ୍ୟାପକ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସେଥିମଧ୍ୟରୁ କେତୋଟି ଖଣିରେ ଉତ୍ପାଦନ ଆରମ୍ଭ ହେଲାଣି । ୧୯୫୦ରେ ଏଠାରେ ଦୈନିକ ହାରହାରି ୨୨୦ ୱାଗନ୍ ବୋଝେଇ ହେଉଥିଲା । ୧୯୬୨-୬୩ ବେଳକୁ ତାହା ବଢ଼ି ୬୦୦ ୱାଗନ୍ ହୋଇଥିଲା ଏବଂ ତୃତୀୟ ଯୋଜନା ଶେଷବେଳକୁ ୧୬୦୦ ହୋଇପାରେ । ତାଳଚେର କୋଇଲା ଖଣିରେ ଏହି ବୋଝେଇ ୱାଗନସଂଖ୍ୟା ଯଥାକ୍ରମେ ୨୬,୧୦୦ ଓ ୩୦୦ ହୋଇଛି । ତେଣୁ କୋଇଲା ପରିବହନ କେତେ ଦ୍ରୁତ ବୃଦ୍ଧିଲାଭ କରୁଛି, ସେକଥା ଏଥିରୁ ସ୍ପଷ୍ଟ ଜଣାଯିବ ।

ବାଟରେ କେଉଁଠି ଅଟକି ନ ରହି କୋଇଲା ଯୋଗାଣ ଯେପରି ନିୟମିତ ହେବ, ସେଥିପାଇଁ ବୋଝେଇ ଓ ଖାଲାସୀ କେନ୍ଦ୍ର ମଧ୍ୟରେ ସମନ୍ୱୟ ସ୍ଥାପନପୂର୍ବକ ସାବଧାନତାର ସହିତ ପରିକଳ୍ପନା କରାଯାଉଛି ।

ଜାମାଡ଼ୋବା, କାରଗଲି, ଦୁଗଦା ଓ ପାଥରଡ଼ିହଠାରେ କୋଇଲା ବିଶୋଧନାଗାରଗୁଡ଼ିକ କାର୍ଯ୍ୟକ୍ଷମ ହେବା ଫଳରେ କୋଇଲା ଚଳାଚଳ ପଦ୍ଧତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ଅଶୋଧିତ କୋଇଲାକୁ ବିଶୋଧନାଗାରକୁ ନେବାକୁ ହେବ । ସେଠାରୁ ବିଭିନ୍ନ ଇସ୍ପାତ୍ କାରଖାନାକୁ ବିଶୋଧିତ କୋଇଲା ଯୋଗାଇଦିଆଯିବ । ଡବଲ୍ ଇଞ୍ଜିନ୍ ସାହାଯ୍ୟରେ ବଡ଼ ବଡ଼ ଗାଡ଼ି ଚଳାଇ ବିଶୋଧନା-ଗାରରୁ ମୋଟା ପରିମାଣର କୋଇଲା ପରିବହନ ବ୍ୟବସ୍ଥା କରାଯାଉଛି ।

ଦକ୍ଷିଣ-ପୂର୍ବ ରେଳବାଇଦ୍ୱାରା ଉପକୃତ ହେଉଥିବା ଅଞ୍ଚଳରେ ଲୁହା, ମାଙ୍ଗାନିଜ, ଡଲୋମାଇଟ୍, କ୍ରୋମ୍, କାଇନାଇଟ୍ ଓ ସେଇଭଳି ଧାତୁପିଣ୍ଡ ପ୍ରଚୁର ପରିମାଣରେ ରହିଛି । ତେଣୁ ରପ୍ତାନି ଧାତୁପିଣ୍ଡ ଚଳାଚଳ ଉଦ୍ଦେଶ୍ୟରେ ବିମଳଗଡ଼ଠାରୁ କିରିବୁରୁ

(୪୦ କିଲୋମିଟର) ପର୍ଯ୍ୟନ୍ତ ଏବଂ କୋଣ୍ଡାଗାଲଠା-ଠାରୁ ଦେଟେଲ (୪୩୩ କିଲୋମିଟର) ପର୍ଯ୍ୟନ୍ତ ଏଭଳି ଦୁଇଟି ସ୍ୱତନ୍ତ୍ର ରେଳରାସ୍ତା ନିର୍ମିତ ହେଉଛି । ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ରପ୍ତାନି ଧାତୁପିଣ୍ଡ ଚଳାଚଳ ଖୁବ୍ ବଢ଼ାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଅଞ୍ଚଳରୁ ବର୍ଷକୁ ପ୍ରାୟ ୬୦ ଲକ୍ଷ ଟନ୍ ଅଧିକ ରପ୍ତାନିଯୋଗ୍ୟ ଧାତୁପିଣ୍ଡ ବାହାରକୁ ଚାଲାଣ ହେବ ବୋଲି ଆଶା କରାଯାଉଛି ।

## ମୋଟ ବୋଝେଇ

ଅନ୍ୟାନ୍ୟ ଶିଳ୍ପରେ ଉତ୍ପାଦନ କରିବା ଏବଂ ଅଧିକ ପରିମାଣର ଖାଦ୍ୟଶସ୍ୟ ଚଳାଚଳ ହେବା ଫଳରେ ରେଳଯୋଗେ ସାଧାରଣ ମାଲ୍ ପରିବହନ ବହୁ ପରିମାଣରେ ବଢ଼ିଯାଇଛି । ୧୯୫୫-୫୬ରେ ଉକ୍ତ ରେଳୱାଇରେ ଦୈନିକ ୨୯୨୪ ୱାଗନ ବୋଝେଇ ହେଉଥିଲା । ୧୯୬୩ ମସିହା ଜାନୁୟାରି ମାସରେ ଦୈନିକ ୬,୧୦୦ ୱାଗନ ବୋଝେଇ ହେଉଥିଲା ଏବଂ ତୃତୀୟ ଯୋଜନା ଶେଷବେଳକୁ ଦୈନିକ ୧୦,୫୦୦ ୱାଗନ ବୋଝେଇ ହେଉଥିବ ବୋଲି ଆଶା କରାଯାଉଛି; ଅର୍ଥାତ୍ ଦଶବର୍ଷରେ ଏହା ଶତକଡ଼ା ୨୫୦ ଭାଗ ବୃଦ୍ଧି ପାଇବ ।

## ଉନ୍ନୟନ କାର୍ଯ୍ୟକ୍ରମ

ଏହି ଅଞ୍ଚଳରେ ବିଭିନ୍ନ ଶିଳ୍ପର ଅଭିବୃଦ୍ଧିକୁ ଦୃଷ୍ଟି ରେଳୱାଇର କ୍ଷମତାକୁ ମଧ୍ୟ ସଂପ୍ରସାରଣ କରିବା ଆବଶ୍ୟକ । ଶିଳ୍ପ ସଂପ୍ରସାରଣ ସହିତ କ୍ଷମତା ରକ୍ଷା କରିବା ଉଦ୍ଦେଶ୍ୟରେ ରେଳୱାଇ ପକ୍ଷରୁ ଏକ ବ୍ୟାପକ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଦ୍ୱିତୀୟ ଯୋଜନାକାଳରେ ପଡ଼ାପାହାଡ଼ଠାରୁ ବଂଶପାଣି (୨୩ କିଲୋମିଟର), ବଡ଼ଯାମଡ଼ାଠାରୁ ବୋଲାନି (୧୬ କିଲୋମିଟର), ବଣ୍ଡାମୁଣ୍ଡାଠାରୁ ବରସୁଆ (୬୫ କିଲୋମିଟର), ଭିଲାଇଠାରୁ ଧାଲିରାଜହର (୮୫ କିଲୋମିଟର), ଭିଲାଇଠାରୁ ଅହିଉଆର (୨୨ କିଲୋମିଟର) ଓ ଚନ୍ଦ୍ରପୁରଠାରୁ ମୁଦି (୧୩୬ କିଲୋମିଟର) ନୂଆ ରେଳରାସ୍ତା ନିର୍ମାଣ କରାଯାଇଛି ଏବଂ ମୁରି-ରାଞ୍ଚି ଶାଖାକୁ ନ୍ୟାରୋଗେଜରୁ ବ୍ରଡଗେଜକୁ ରୂପାନ୍ତରିତ କରାଯାଇଛି । ତୃତୀୟ ଯୋଜନାରେ କୋରିଆବାଣ୍ଡାଠାରୁ ବରାମପୁର ପର୍ଯ୍ୟନ୍ତ ଗୋଟିଏ ନୂଆ ବ୍ରାଞ୍ଚ କାମ ଶେଷ ହୋଇଛି । ଆଉ କେତୋଟି ନୂଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ସେଗୁଡ଼ିକ ମଧ୍ୟରେ ପ୍ରଧାନ ପ୍ରଧାନ ରାସ୍ତା ହେଲା—

ହଟିଆ-ବଣ୍ଡାମୁଣ୍ଡା (୧୭୭ କିଲୋମିଟର),<br>
କରିମୁଣ୍ଡି-ବିମଳାଗଡ଼ (୪୦ କିଲୋମିଟର),<br>
ସମ୍ବଲପୁର-ଟିଟିଲାଗଡ଼ (୧୮୧ କିଲୋମିଟର),<br>
କୋଣ୍ଡାଗାଲ-ଦେଟେଲ (୪୩୩) କିଲୋମିଟର ।

ଏହିସବୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଗଲେ ତୃତୀୟ ଯୋଜନା ଶେଷବେଳକୁ ଦକ୍ଷିଣ-ପୂର୍ବ ରେଳୱାଇର ମୋଟ ରାସ୍ତାର ଦୈର୍ଘ୍ୟ ୬,୮୦୦ କିଲୋମିଟର ହୋଇଥିବ । ୧୯୫୫-୫୬ରେ ଏହା ୫,୪୫୨ କିଲୋମିଟର ଥିଲା ।

ରେଳରାସ୍ତାଗୁଡ଼ିକର କ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅନେକଗୁଡ଼ିଏ ଏକ-ରାସ୍ତା-ଶାଖାକୁ ଦୋହରି କରାଯାଉଛି । ନାଗପୁର ପର୍ଯ୍ୟନ୍ତ ପ୍ରଧାନ ରାସ୍ତାର ଦୋହରି କାର୍ଯ୍ୟ ଶେଷ ହୋଇଆସିଲାଣି । ପୂର୍ବ-ଉପକୂଳରେ ଖଡ଼ଗପୁରଠାରୁ ବିଜୟନଗରମ୍ ପର୍ଯ୍ୟନ୍ତ ରାସ୍ତାକୁ ଦୋହରି କରିବା କାମ ହାତକୁ ନିଆଯାଉଛି ଏବଂ ବିଜୟନଗରମ୍‌ଠାରୁ ୱାଲଟିଅର ପର୍ଯ୍ୟନ୍ତ ରାସ୍ତା ଦୋହରି ହୋଇସାରିଲାଣି । ଆଉ ଅନେକ ରାସ୍ତାର ଦୋହରି କାମ ତ୍ୱରିତ ସରିଲାଣି କମ୍ପା ଚାଲିଛି । ରାସ୍ତାକୁ ଦୋହରି କରିବା ଛଡ଼ା ହାଓଡ଼ା-ଖଡ଼ଗପୁର ସହରତଳି ଶାଖାରେ ତୃତୀୟ ରାସ୍ତା ନିର୍ମାଣର ବ୍ୟବସ୍ଥା ମଧ୍ୟ କରାଯାଉଛି ।

## ଡିଜେଲ ଓ ବିଦ୍ୟୁତ୍‌ଚାଳିତ ଟ୍ରେନ ପ୍ରଚଳନ

ଯେଉଁସବୁ ଅଞ୍ଚଳରେ ଟ୍ରେନ୍ ଚଳାଚଳ ବହୁତ ବଢ଼ିଯାଇଛି, ସେଠାରେ ଡିଜେଲ ବିଦ୍ୟୁତ୍‌ଚାଳିତ ଟ୍ରେନ୍ ପ୍ରଚଳନ କରିବା ବ୍ୟବସ୍ଥା ହାତକୁ ନିଆଯାଇଛି । କୋଇଲା ଓ ଇସ୍ପାତ କଟିବନ୍ଧର ପ୍ରଧାନ ପ୍ରଧାନ ରାସ୍ତାଗୁଡ଼ିକରେ ଡିଜେଲଚାଳିତ ଟ୍ରେନ୍ ପ୍ରଚଳନ କାମ ୧୯୫୮ରେ ଆରମ୍ଭ ହୋଇଥିଲା । ଫଳାଫଳ ବିଶେଷ ଉତ୍ସାହଜନକ ହୋଇଛି । ରାଉରକେଲା ଓ ଭିଲାଇର କୋଇଲା ଗାଡ଼ିଗୁଡ଼ିକ ଛଡ଼ା ଭାଟନ ଶାଖା ଏବଂ ବଣ୍ଡାମୁଣ୍ଡା-ଭିଲାଇ ସେକସନ୍‌ର ଅଧିକାଂଶ କୋଇଲା-ଟ୍ରେନ୍ ଡିଜେଲ ଇଞ୍ଜିନ୍‌ଦ୍ୱାରା ଟଣା ହୋଇଛି । ଅଧିକ ଡିଜେଲ ଇଞ୍ଜିନ୍ ଆସିବା ସଙ୍ଗେ ସଙ୍ଗେ ପୂର୍ବ-ଉପକୂଳ ସେକସନ୍‌ରେ ଦୂରଗାମୀ ଟ୍ରେନଗୁଡ଼ିକୁ ଡିଜେଲଚାଳିତ କରିବାର ପ୍ରସ୍ତାବ ରହିଛି । କିରିବୁରୁ ଓ ବଚେଲିଠାରୁ ବିଶାଖାପଟ୍ଟମ୍ ବନ୍ଦର ପର୍ଯ୍ୟନ୍ତ ଯାଉଥିବା ରପ୍ତାନି ଧାତୁପିଣ୍ଡବାହୀ ଟ୍ରେନ୍‌ଗୁଡ଼ିକ ମଧ୍ୟ ଡିଜେଲ ଇଞ୍ଜିନଦ୍ୱାରା ଚାଳିତ ।

ଏହା ସଂଗେ ସଂଗେ ଇସ୍ପାତ ଓ କୋଇଲା କଟିବନ୍ଧରେ ବଡ଼ ବଡ଼ ରାସ୍ତାଗୁଡ଼ିକରେ ବ୍ୟାପକ ବିଦ୍ୟୁତ୍‌ଚାଳିତ ଟ୍ରେନ୍ ପ୍ରଚଳନ ବ୍ୟବସ୍ଥା ମଧ୍ୟ କରାଯାଉଛି । ଆସନସୋଲଠାରୁ ରାଉରକେଲା ଏବଂ ଖଡ଼ଗପୁରଠାରୁ ଡାଙ୍ଗୋଆପୋଷି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଶେଷ ହୋଇଛି । ବଡ଼ଜାମଡ଼ା ସେକ୍ଟରର ବିଭିନ୍ନ ଧାତୁପିଣ୍ଡ ଖୋଳାଇ କେନ୍ଦ୍ର ଏବଂ ମେଘାହାତୁବୁରୁ, ସୁଧା-ନଗର ଓ ଡଞ୍ଜରଗିଠାରେ ଥିବା କୋଇଲାଖଣିଗୁଡ଼ିକ ପର୍ଯ୍ୟନ୍ତ ବିଦ୍ୟୁତ୍‌ଚାଳିତ ରେଳରାସ୍ତା ପକାଯାଉଛି । ୟାର୍ଡ଼ ପୁନର୍ଗଠନ କାର୍ଯ୍ୟ ଶେଷ ହେବା ସଙ୍ଗେ ସଙ୍ଗେ ହାଓଡ଼ାଠାରୁ ଖଡ଼ଗପୁର ପର୍ଯ୍ୟନ୍ତ ବିଦ୍ୟୁତ୍ -ଟ୍ରେନ ଚାଲିବ । ବର୍ତ୍ତମାନ ସୁଦ୍ଧା ୫୩୭ କିଲୋମିଟର ରାସ୍ତାରେ ବିଦ୍ୟୁତ୍‌ଟ୍ରେନ୍ ପ୍ରଚଳନର ବ୍ୟବସ୍ଥା ହୋଇସାରିଥିବା ସ୍ଥଳେ, ଆଉ ୨୮୮ କିଲୋମିଟର ରାସ୍ତାରେ ଏଭଳି ବ୍ୟବସ୍ଥା ବର୍ତ୍ତମାନ ଆଗେଇ ଚାଲିଛି ।

ରେଳବାଇ ପରିବହନ କ୍ଷେତ୍ରରେ ଦକ୍ଷିଣ-ପୂର୍ବ ରେଳବାଇ କ'ଣ କରିଛି ଏବଂ କ'ଣ କରିବାକୁ ଯାଉଛି, ତାର ଏକ ଚିତ୍ର ଏଥିରୁ ମିଳିବ ବୋଲି ଆଶା । ସ୍ୱାଧୀନ ଭାରତର ଅର୍ଥନୈତିକ ପୁନର୍ଗଠନ ଦିଗରେ ଦକ୍ଷିଣ-ପୂର୍ବ ରେଳବାଇର ଅବଦାନ କମ୍ ନୁହେଁ । ଉଜ୍ଜ୍ୱଳ ଭବିଷ୍ୟତର ଶୁଭ ଆଗମନ ପାଇଁ ବହୁ ପ୍ରସ୍ତୁତିମୂଳକ ଆୟୋଜନର ଆବଶ୍ୟକତା ପଡ଼ିଥାଏ । ଏଥିପାଇଁ ବୋଧେ ଦକ୍ଷିଣ-ପୂର୍ବ ରେଳବାଇର ସୌନ୍ଦର୍ଯ୍ୟ ପରିସ୍ଫୁଟ ହୋଇନାହିଁ; କିନ୍ତୁ ଏହି ରେଳବାଇ ସେବା କରୁଥିବା ଅଞ୍ଚଳରେ ବର୍ତ୍ତମାନ ଯେଉଁ ନୀରବ ବିପ୍ଳବ ଘଟିଚାଲିଛି, ସେଥିରେ ନିଜ ନିଜର ଦାୟିତ୍ୱ ସମ୍ପାଦନ ପାଇଁ ଏହି ରେଳବାଇର ଏକ ଲକ୍ଷ ପଚାଶ ହଜାର କର୍ମଚାରୀ ଆନନ୍ଦର ସହିତ, ଅତି ତୃପ୍ତିର ସହିତ ସର୍ବଦା ପ୍ରସ୍ତୁତ ରହିଛନ୍ତି ।

## ଏଷ୍ଟିମେଟ କମିଟିରେ ଓଡ଼ିଶା ସଭ୍ୟ

ଚଳିତ ବର୍ଷ ନିମନ୍ତେ ଲୋକସଭା ସଭ୍ୟମାନଙ୍କୁ ନେଇ ଯେଉଁ ଏଷ୍ଟିମେଟ କମିଟି ଗଠନ କରାଯାଇଛି, ସେଥିରେ ଓଡ଼ିଶାର ଦୁଇଜଣ ସଭ୍ୟଙ୍କୁ ଗ୍ରହଣ କରାଯାଇଛି । ଏମାନେ ହେଉଛନ୍ତି ମହାରାଜା ଶ୍ରୀ ପ୍ରତାପକେଶରୀ ଦେଓ (ସ୍ୱତନ୍ତ୍ର) ଓ ଶ୍ରୀ କାହ୍ନୁଚରଣ ଜେନା (କଂଗ୍ରେସ) ।

ଏହି ୩୦ ଜଣିଆ ଏଷ୍ଟିମେଟ କମିଟିର କାର୍ଯ୍ୟକାଳ ଆସନ୍ତା ବର୍ଷ ଅପ୍ରେଲ ୩୦ ତାରିଖରେ ପୂରିଯିବ । ଲୋକସଭାର ବାଚସ୍ପତି ଏହି କମିଟିର ସଭାପତିଭାବେ ଶ୍ରୀ ଅରୁଣଚନ୍ଦ୍ର ଗୁହଙ୍କୁ ନିଯୁକ୍ତ କରିଛନ୍ତି ।

# ଦେଶର ପ୍ରତିରକ୍ଷାପାଇଁ
# ସ୍ମଲ୍ ସେଭିଂସ୍ ସିକ୍ୟୁରିଟିରେ
# ଅର୍ଥ ବିନିଯୋଗ କରନ୍ତୁ

୧ । ବାରବର୍ଷିଆ ଜାତୀୟ ପ୍ରତିରକ୍ଷା ସାର୍ଟିଫିକେଟ୍ ( ଟ୍ୱେଲ୍‌ଭ-ଇଅର୍ ନ୍ୟାସ୍‌ନାଲ୍ ଡିଫେନ୍ସ୍ ସାର୍ଟିଫିକେଟ୍)—ବାର୍ଷିକ ସୁଧ ଶତକଡ଼ା ୬.୨୫ (ମ୍ୟାଚୁରିଟିରେ) ।

୨ । ଦଶବର୍ଷିଆ ପ୍ରତିରକ୍ଷା ଅମାନତ ସାର୍ଟିଫିକେଟ୍ (ଟେନ୍-ଇଅର୍ ଡିଫେନ୍ସ ଡିପୋଜିଟ ସାର୍ଟିଫିକେଟ୍)—ବର୍ଷକୁ ସୁଧ ଶତକଡ଼ା ୪.୫୦ (ବର୍ଷକୁ ବର୍ଷ ଦିଆଯିବ) ।

୩ । ପନ୍ଦର-ବର୍ଷିଆ ଆନ୍ୟୁଇଟି ସାର୍ଟିଫିକେଟ୍ ( ଫିଫ୍‌ଟିନ୍-ଇଅର୍ ଆନ୍ୟୁଇଟି ସାର୍ଟିଫିକେଟ୍ )—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ । ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ ।

୪ । ପୋଷ୍ଟଅଫିସ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—୧୦,୦୦୦ ଟଙ୍କା ପର୍ଯ୍ୟନ୍ତ (ଯୁଗ୍ମ-ଆକାଉଣ୍ଟରେ ଟ୨୦୦୦୦/-) ଜମା ଉପରେ ଶତକଡ଼ା ବାର୍ଷିକ ଟ୩/- ଏବଂ ଟ୧୦୦୦୦/- (ଯୁଗ୍ମ-ଆକାଉଣ୍ଟରେ ଟ ୨୦୦୦୦/-)ରୁ ଅଧିକ ଜମା ଉପରେ ଶତକଡ଼ା ବାର୍ଷିକ ୨½ ହାରରେ ସୁଧ ।

୫ । କ୍ୟୁମୁଲେଟିଭ୍ ଟାଇମ୍ ଡିପୋଜିଟ୍ ଆକାଉଣ୍ଟ—ପାଞ୍ଚବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୩.୩, ଦଶବର୍ଷିଆ ହିସାବ ପାଇଁ ଶତକଡ଼ା ୩.୮ ଓ ପନ୍ଦରବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୪.୩ ହାରରେ ଚକ୍ରବୃଦ୍ଧି ସୁଧ ।

୬ । ପ୍ରିମିୟମ୍ ପ୍ରାଇଜ୍ ବଣ୍ଡ—ପୁରସ୍କାର ମିଳିବା ସଙ୍ଗେ ସଙ୍ଗେ ୫ ବର୍ଷ ପରେ ସୁଧ ସହିତ ଜମା ଟଙ୍କା ଫେରସ୍ତ ମିଳେ ।

**ମନେ ରଖନ୍ତୁ :**


ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିଜପରି ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ । ସ୍ୱଳ୍ପସଞ୍ଚୟରେ ବିନିଯୋଗ କରାଯାଉଥିବା ଅର୍ଥ ଦେଶର ପ୍ରତିରକ୍ଷା-ବ୍ୟବସ୍ଥାକୁ ସୁଦୃଢ଼ ହେବାରେ ସାହାଯ୍ୟ କରିବ ।

ବିଶେଷ ବିବରଣ ପାଇଁ—


- **ଦି ରିଜିଓନାଲ୍ ଡିରେକ୍ଟର, ନ୍ୟାସନାଲ ସେଭିଂସ, ଓଡ଼ିଶା, କଟକ କିମ୍ବା**
- **ଡେପୁଟୀ ଡିରେକ୍ଟର, ସ୍ମଲ୍ ସେଭିଂସ, ଫାଇନାନ୍ସ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର କିମ୍ବା**
- **ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ ।**

# ପ୍ରକୃତି-ସଂଗ୍ରାମରେ ମାନବ-ବିଜୟର ପ୍ରତୀକ ମହାରାଷ୍ଟ୍ରର କୋଇନା ବନ୍ଧ···


ପୂର୍ଣ୍ଣାଙ୍ଗ ହେବା ପରେ ଏଥିରୁ ଯେପରି ୬.୩୦ ଲକ୍ଷ କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ବାହାରିବ ଓ ଏକ ଲକ୍ଷ ଏକର ଜମିକୁ ଜଳ ଯୋଗାଇ-ଦିଆଯାଇପାରିବ, ସେହି ଦୃଷ୍ଟିରୁ ମହାରାଷ୍ଟ୍ରର କୋଇନା ବନ୍ଧ ପରିକଳ୍ପିତ ହୋଇଛି । ମହାରାଷ୍ଟ୍ରୀୟ ଦ୍ରୁତପ୍ରଗତିର ଏହା ଏକ ପ୍ରତୀକ ମାତ୍ର ।



ତଳରେ—ପତାଳଠାରେ ମାଟିତଳେ ତିଆରି ହୋଇଥିବା ବିଦ୍ୟୁତ୍-କକ୍ଷ ( ପାୱାର ହାଉସ୍ )ର ବିଦ୍ୟୁତ୍-ଉତ୍ପାଦକ ଯନ୍ତ୍ର



କୋଇନା ବନ୍ଧର ଏକ ଦୃଶ୍ୟ (ପୃଷ୍ଠଭୂମିରେ ଶିବାଜୀ ସାଗରର ଜଳ ଦେଖାଯାଉଛି )



କୋଇନା ବନ୍ଧ ନିକଟରେ ନିର୍ମିତ ଶକ୍ତି-ସଂଗ୍ରାହକ ସ୍ତମ୍ଭ (ଇନ୍‌ଟେକ ଟାୱାର)

## କ୍ରୀଡ଼ା-ଜଗତ

( ୮ମ ପୃଷ୍ଠା ଦ୍ରଷ୍ଟବ୍ୟ )



ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦର ବାର୍ଷିକ ଶାରୀରିକ ଶିକ୍ଷା ସପ୍ତାହ ଉଦ୍‌ଘାଟନ ଅବସରରେ ରାଜ୍ୟର ସାଂସ୍କୃତିକ ବିଷୟ ଉପମନ୍ତ୍ରୀ ଶ୍ରୀ ସନ୍ତୋଷକୁମାର ସାହୁଙ୍କର ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ

ରାଜ୍ୟ ସରକାରଙ୍କ ଆର୍ଥିକ ସାହାଯ୍ୟରେ ଓ ବେସରକାରୀ ଉତ୍ସାହୀ ଲୋକଙ୍କ ଉଦ୍ୟମରେ ବହୁ ସ୍ଥାନରେ ବ୍ୟାୟାମ କେନ୍ଦ୍ରମାନ ଗଠିତ ହୋଇ ଜାତି-ଧର୍ମ-ନିର୍ବିଶେଷରେ ଯୁବକମାନଙ୍କୁ ଶାରୀରିକ ଶକ୍ତି ଆହରଣ ଦିଗରେ ସାହାଯ୍ୟ କରୁଛି । ଏଥିମଧ୍ୟରୁ ପୁରୀ ସହରସ୍ଥ 'ଓଡ଼ିଶା ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦ'ର କାର୍ଯ୍ୟ ଉଲ୍ଲେଖଯୋଗ୍ୟ । ଉପଯୁକ୍ତ ତାଲିମପ୍ରାପ୍ତ କର୍ମଚାରୀ ଓ ଯୁଗୋପଯୋଗୀ କ୍ରୀଡ଼ୋପକରଣ ସାହାଯ୍ୟରେ ଏହି ପରିଷଦ ଯୁବକମାନଙ୍କୁ ଶରୀର ଗଠନ ସମ୍ପର୍କରେ ଶିକ୍ଷା ଦେଉଛି ।

ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଅଖିଳ ଭାରତ ତଥା ଅଖିଳ ଓଡ଼ିଶା ପ୍ରତିଯୋଗିତାମାନଙ୍କରେ ଯୋଗଦାନ କରି ନିଜର କୃତିତ୍ୱ ପ୍ରଦର୍ଶନ ସଙ୍ଗେ ସଙ୍ଗେ ପୁରସ୍କାରମାନ ଲାଭ କରିଛନ୍ତି ।

ଗତ ମଇ ମାସ ୫ ତାରିଖଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଅନୁଷ୍ଠାନରେ ବାର୍ଷିକ ଶାରୀରିକ ଶିକ୍ଷା ସପ୍ତାହ ପାଳିତ ହୋଇଥିଲା । ସାଂସ୍କୃତିକ ବ୍ୟାପାର ବିଭାଗୀୟ ଉପମନ୍ତ୍ରୀ ଶ୍ରୀ ସନ୍ତୋଷକୁମାର ସାହୁ ଗତ ୫-୫-୮୩ ତାରିଖରେ ଏହି ଉତ୍ସବରେ ପୌରୋହିତ୍ୟ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ସେହି ଉତ୍ସବ ଉପଲକ୍ଷେ ଗୃହୀତ ଗୋଟିଏ ଚିତ୍ର ଏଠାରେ ଦିଆଗଲା ।


## —କ୍ରୀଡ଼ା-ଜଗତ—



ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦର ମନ୍ତ୍ରୀ ତଥା ଓଡ଼ିଶାର ବର୍ଷ୍ୟା● କୁସ୍ତି ମଲ୍ଲଦ୍ୱୟ—ଶ୍ରୀ ଶ୍ୟାମସୁନ୍ଦର ନାୟକ ଓ ଶ୍ରୀ ଦାମୋଦର କରଙ୍କ ମଧ୍ୟରେ କୁସ୍ତି ପ୍ରତିଯୋଗିତା । ପରିଷଦର କୁସ୍ତି-ଶିକ୍ଷକ ଶ୍ରୀ ମୁକୁନ୍ଦ ବରାଳ ସେମାନଙ୍କ ନିକଟରେ ଉଦ୍ଧ ନିର୍ଦ୍ଦେଶ ଦେଉଛନ୍ତି



ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦର କୁସ୍ତି-ବୀରଙ୍କ ଗହଣରେ ଉପମନ୍ତ୍ରୀ ଶ୍ରୀ ସନ୍ତୋଷକୁମାର ସାହୁ



ସାଂସ୍କୃତିକ ବିଭାଗୀୟ ଉପମନ୍ତ୍ରୀ ଶ୍ରୀ ସନ୍ତୋଷକୁମାର ସାହୁ ଗତ ୨୧ । ୫ । ୭୩ ତାରିଖରେ ବାରିପଦା ଗୃହରକ୍ଷୀ ବାହିନୀର ନେତା ଶ୍ରୀ ସୁରେଶକୁମାର ଦାସଙ୍କୁ 'କପ୍' ପ୍ରଦାନ କରୁଛନ୍ତି

( ବିସ୍ତୃତ ୫୭ ପୃଷ୍ଠାରେ ଦେଖନ୍ତୁ )

# ଅଲିମ୍ପିକ୍ ଗେମ୍

**ଶ୍ରୀ ନନ୍ଦକୃଷ୍ଣ ଦାସ**
( ଓଡ଼ିଶା ସରକାରଙ୍କ ଶରୀର-ଚର୍ଚ୍ଚା ବିଭାଗର ଡେପୁଟି ଡାଇରେକ୍ଟର )

**ତୁମମାନଙ୍କୁ** ଆଜ ଖେଳକୁଦ ବିଷୟରେ କିଛି କହିବା ଆଗରୁ ତୁମରି ପରି ପିଲାମାନଙ୍କର ଖେଳ-କସରତର କେତୋଟି କଥା ଶୁଣାଉଛି । ଯୁକ୍ତରାଷ୍ଟ୍ର ଆମେରିକାର ଲଙ୍ଗ୍ ଆଇଲାଣ୍ଡ ପ୍ରଦେଶରେ ଇଜ୍‌ରାଏଲ, ସୁଇଡେନ, ଗ୍ରେଟ୍ ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା, ରୁଷ ସମେତ ନାନା ଦେଶ-ମହାଦେଶରୁ ପ୍ରାୟ ୪୦୦ ଛୋଟ ଛୋଟ ସ୍କୁଲପିଲାଙ୍କୁ ନେଇ ଏକ ଜୁନିଅର୍ ଅଲିମ୍ପିକ୍ ଗେମସ୍ ଅନୁଷ୍ଠିତ । ଆଜିର ଦୁନିଆରେ ଜାତି-ଜାତି ଦେଶ-ଦେଶ ଭିତରେ କେତେ ମନଫଟାଫଟି ନ ରହିଛି । ହେଲେ ଜୁନିଅର୍ ଅଲିମ୍ପିକ୍‌ସ୍‌ରେ ବିଭିନ୍ନ ଜାତି ଓ ଦେଶର ପିଲାଏ ଯେତେବେଳେ ଏକାଠି ଧାଇଁଲେ—କୁଦିଲେ, ସେତେବେଳେ ସେମାନଙ୍କ ମନରେ କୌଣସି ପ୍ରକାର ଦେଶ-ଜାତି-ବିଦ୍ୱେଷ ଦେଖା ଦେଇ ନାହିଁ । ପରସ୍ପର ପ୍ରତି ବନ୍ଧୁତା—ଏଇତକ ହେଲା ଅଲିମ୍ପିକ ଗେମସ୍‌ର ମୂଳକଥା ବା ମୂଳମନ୍ତ୍ର । ଖେଳକୁଦ ଛୁଆ-ଛେଉଁ ପ୍ରତିଯୋଗିତାରେ ହାର-ଜିତ୍ ଥିଲେ ସୁଦ୍ଧା ପ୍ରତ୍ୟେକ ଖେଳାଳି ପ୍ରତ୍ୟେକର ବନ୍ଧୁ—ସମସ୍ତେ ସମସ୍ତଙ୍କର ମିତ୍ର ।

ଏଇଥର ଶୁଣ—ଏଇ ଖେଳକୁଦ ପ୍ରତିଯୋଗିତାର ନାମକରଣ ଅଲିମ୍ପିକ୍ ଗେମ୍‌ସ୍ ହେଲା କାହିଁକି । ଗ୍ରୀସ୍ ଇଉରୋପ ମହାଦେଶର ଏକ ରାଜ୍ୟ । ସେଠିକାର ରାଜା ପଲ୍ ଓ ରାଣୀ ଫ୍ରେଡ଼ରିକା କେତେ ମାସ ତଳେ ବିଶିଷ୍ଟ ଅତିଥିଭାବରେ ଭାରତ ପରିଦର୍ଶନ କରିଗଲେ । ଏଇ ଗ୍ରୀସ୍‌ର ଦକ୍ଷିଣଭାଗରେ ଅଲିମ୍ପିଆ ସହର । ସେଇଠି -ଦେବତା ଜିଅସ୍‌ଙ୍କ ମନ୍ଦିର । ମନ୍ଦିର ସାମନାରେ ମାଉଣ୍ଟ ଅଲିମ୍ପସ୍‌କୁ ଲାଗି ସମତଳ ଭୂଇଁରେ ଖେଳକୁଦ ଉତ୍ସବର ଉତ୍ପତ୍ତି ଯୋଗୁ ହେଲା ତାର ନାଁ 'ଅଲିମ୍ପିକ୍ ଗେମସ୍' । ଆଜିକି ପ୍ରାୟ ୩୦୦୦ ବର୍ଷ ପୂର୍ବେ ଖ୍ରୀ:ପୂ: ୭୭୬ରେ ଅଲିମ୍ପିକ୍ ଖେଳ ପ୍ରତିଯୋଗିତା ଆରମ୍ଭ ହୁଏ—ଏଇ ଅଲିମ୍ପିଆରେ ।

ସେ କାଳର ଗ୍ରୀକ୍ ସଭ୍ୟତାରେ ଗ୍ରୀକ୍‌ବାସୀ 'ସୌନ୍ଦର୍ଯ୍ୟ'କୁ ଭଗବାନଙ୍କ ଶ୍ରେଷ୍ଠ ଆଶୀର୍ବାଦ ମନେ କରି ନିୟମିତ ଉପାସନା କରୁଥିଲେ । ଫଳରେ ଧାଁ-ଦୌଡ଼ରେ ଶ୍ରେଷ୍ଠ ସ୍ଥାନ ପାଇଥିବା ବଳିଷ୍ଠ ଦେହ, ସୁନ୍ଦର ସ୍ୱାସ୍ଥ୍ୟ ଥାଇ ଅଲିମ୍ପିକ୍ ବିଜେତାଙ୍କୁ ଗ୍ରୀକ୍‌ମାନେ ଦେଶର ଓ ଜାତିର ଶ୍ରେଷ୍ଠ ଗୌରବ ହିସାବରେ ଗ୍ରହଣ କରୁଥିଲେ । ଏମିତି କି ମୃତ୍ୟୁପରେ ସେମାନଙ୍କୁ ଆରାଧ୍ୟ-ଦେବତାର ସ୍ଥାନ ଦେଇ ଧୂପଦୀପ ଫୁଲଚନ୍ଦନ ଚଢ଼ାଉଥିଲେ । ଏମାନଙ୍କ ଖେଳ-କୌଶଳ ସୁନ୍ଦର । ସ୍ୱାସ୍ଥ୍ୟ ବିଷୟରେ ଗ୍ରୀକ୍ କବିମାନେ କବିତା ରଚନା କରୁଥିଲେ—ଯାହାକୁ ପଢ଼ି ସେଇ ଅଲିମ୍ପିକ ବିଜେତାଙ୍କ ପରି କ୍ଷିପ୍ରପାଦ ଓ ବଳିଷ୍ଠ-ବାହୁ ହେବାର ଆଶା ଓ କାମନା ପୁରୁଷାନୁକ୍ରମେ ଗ୍ରୀକ୍ ଜନତାଙ୍କ ମନରେ ଜୀବନ୍ତ ହୋଇ ରହୁଥିଲା ।

ଆରମ୍ଭ ସମୟରେ ଅଲିମ୍ପିକ୍ ଖେଳ ପ୍ରତିଯୋଗିତାର ନିୟମାବଳୀ ଅତି କଠୋର ଥିଲା । ପ୍ରଥମତଃ ପୁରାପୁରି ଗ୍ରୀସ୍‌ବାସିନ୍ଦା ନ ହେଲେ କେହି ଏଇ କ୍ରୀଡ଼ା-ଉତ୍ସବରେ ଯୋଗ ଦେଇପାରୁ ନ ଥିଲେ । ପ୍ରତିଯୋଗୀମାନଙ୍କର ଚରିତ୍ରରେ ତ୍ରୁଟି ଥିଲେ ଅଂଶ ଗ୍ରହଣ କରିବାର ଅନୁମତି ମିଳୁ ନ ଥିଲା । ସ୍ତ୍ରୀ-ଜାତି

ସବୁ ନିୟମାବଳୀ ଅତ୍ୟନ୍ତ କଠୋର । ତାଙ୍କର ଖେଳରେ ଯୋଗଦେବା ତ ଦୂରର କଥା, ଦେଖଣାହାରୀ ଭାବରେ ଅଲିମ୍ପିକ ଖେଳପଡ଼ିଆ ଭିତରକୁ ଆସିବାର ଅଧିକାର ମଧ୍ୟ ନ ଥିଲା । ଏହି ସମ୍ପର୍କରେ ସେ କାଳର ଅଲିମ୍ପିକ୍ ଗେମ୍ସ୍ ଇତିହାସରୁ ଜଣାଯାଏ ଯେ ଦୌଡ଼-ବୀର ଫେସିଡୋରସ୍ ତାଙ୍କ ପିତାଙ୍କ ମୃତ୍ୟୁପରେ ମା'ଙ୍କ ନିକଟରୁ ଖେଳ-କୌଶଳ ଶିଖି ଅଲିମ୍ପିକ୍ ଦୌଡ଼ରେ ବିଜୟୀ ହେଲେ । ଦେଖଣାହାରୀଙ୍କ ଭିତରୁ ଛଦ୍ମ-ପୁରୁଷ ବେଶଧାରୀ ତାଙ୍କ ମା, ପୁଅର ବିଜୟ ଗୌରବରେ ଆନନ୍ଦବିହ୍ୱଳ ହୋଇପଡ଼ିବା ଅବସ୍ଥାରେ ଧରାପଡ଼ିଲେ । ନିୟମଭଙ୍ଗ ଯୋଗୁ ଖେଳପଡ଼ିଆରେ ଚହଳ ପଡ଼ିଗଲା । ସେ କାଳର ନିୟମାନୁଯାୟୀ ଛଦ୍ମ-ପୁରୁଷବେଶଧାରୀ ସ୍ତ୍ରୀଲୋକଙ୍କର ପ୍ରାଣଦଣ୍ଡ ସୁନିଶ୍ଚିତ; ହେଲେ ଏ କ୍ଷେତ୍ରରେ ତା କରାଗଲା ନାହିଁ । କାରଣ କ୍ରୀଡ଼ାନୁରାଗୀ ଭାବରେ ଜଣେ ସ୍ତ୍ରୀଲୋକଙ୍କର ଉପସ୍ଥିତି ଉଚିତ ବିବେଚିତ ହେଲା ଓ କ୍ରମେ ପରବର୍ତ୍ତୀ ଅଲିମ୍ପିକ ଗେମ୍ସରେ ସ୍ତ୍ରୀଲୋକେ ଅଂଶଗ୍ରହଣ କରିବାର ଅନୁମତି ପାଇଲେ ।

ଗ୍ରୀକ୍-ସଭ୍ୟତାର ପ୍ରସାର ସହିତ ପରବର୍ତ୍ତୀ ୧୫୦୦ ବର୍ଷରୁ ଅଧିକ କାଳବ୍ୟାପୀ ଏହି ଖେଳ-ସମାବେଶ ବଢ଼ିଚାଲିଲା । ଅଲିମ୍ପିଆଠାରେ ସୁନ୍ଦର, ସୁଶୋଭିତ ଷ୍ଟାଡିୟମ୍ ଗଢ଼ିଉଠିଲା । ଖେଳକୁଦ ମାଧ୍ୟମରେ ଭେଦଭାବବୋଧକୁ ଦୂର କରିବାର ମହାନ୍ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରାଇଲା ଏହି ଅଲିମ୍ପିକ୍ ଗେମ୍ସ୍ । ଏହି ସମୟରେ ଇଉରୋପରେ ରୋମାନ୍ ସଭ୍ୟତାର ବିକାଶ; ଯାହା ସାମନାରେ ଗ୍ରୀକ୍-ସଭ୍ୟତା ମୁଣ୍ଡ ନୁଆଁଇଲା ଓ ଉତ୍ସବ-ପାଳନରେ କ୍ରମାଗତ ବିଭ୍ରାଟ ଉପୁଜିବା ଯୋଗୁଁ ରୋମାନ୍ ସମ୍ରାଟଙ୍କ ଆଦେଶରେ ଅଲିମ୍ପିକ୍ ଖେଳ-ସମାବେଶ ବନ୍ଦ ହେଲା । ଯୁଦ୍ଧ ଓ ଭୂମିକମ୍ପ ଫଳରେ ଅଲିମ୍ପିକ୍ ଗେମ୍ସର ଜନ୍ମଭୂମି ଅଲିମ୍ପିଆ ତଥା ସେଠାକାର ଷ୍ଟାଡିଅମ୍‌ର ଚିହ୍ନବର୍ଣ୍ଣ ଆଜି ରହିଲା ନାହିଁ । କ୍ରମେ ପରବର୍ତ୍ତୀ କାଳ ଭିତରେ ଅଲିମ୍ପିକ୍ ଗେମ୍ସ୍ ବିଷୟ ମଣିଷ ତଥା ସଭ୍ୟଜଗତ ଏକବାରେ ଭୁଲିଗଲେ ।

୧୮୨୯ରୁ ୧୮୭୫ ସାଲ ଭିତରେ ଭୂଗର୍ଭତଳେ ପୋତିହୋଇ ରହିଥିବା ପୁରୁଣା ସଭ୍ୟତାର ଯୋଗସୂତ୍ର ଖୋଳି ଉଦ୍ଧାର କରିବାକୁ ଫରାସି ଓ ଜର୍ମାନ୍ ବିଶେଷଜ୍ଞମାନେ ଆସି ପହଞ୍ଚିଲେ ଅଲିମ୍ପିଆରେ । ଖୋଳାଖୋଳି କାମ ଚାଲିଲା । ଧୀରେ ଗ୍ରୀକ୍ ଆଦି-ଦେବତା ଜିଉସଙ୍କ ମନ୍ଦିର ଓ ତା ସହିତ ଅଲିମ୍ପିକ ଷ୍ଟାଡ଼ିୟମ୍‌ର ଭଗ୍ନାବଶେଷ ଉଦ୍ଧାର କରାଗଲା । କେବଳ ନୁହେଁ, ଐତିହାସିକମାନେ ଭୂଗର୍ଭରୁ ମିଳିଥିବା ସୂଚନା-ମାନ ଖୋଜି ସାରା ପୃଥିବୀ ସାମନାରେ ଆଣି ଥୋଇଲେ ପ୍ରାଚୀନ ଅଲିମ୍ପିକ ଗେମସ୍‌ର ରୂପରେଖ । ପ୍ରାୟ ୯୦ ବର୍ଷତଳେ ସେହି ଦିନ ଆଧୁନିକ ଅଲିମ୍ପିକ ଗେମସ୍‌ର ମୂଳଦୂଆ ପଡ଼ିଲା । ସେତିକିବେଳେ ଫ୍ରାନ୍ସର ଜଣେ ପରୋପକାରୀ କର୍ମବୀର ବାରନ-ପେରେ ଡି କବରଟିନ ଖେଳକୁଦ ମାଧ୍ୟମରେ ପୃଥିବୀ-ବ୍ୟାପୀ ଶାନ୍ତି ଓ ବନ୍ଧୁତ୍ୱର ବାର୍ତ୍ତା ପ୍ରଚାର କରିବାରେ ଲାଗିପଡ଼ିଲେ । ତାଙ୍କର ଅକ୍ଳାନ୍ତ ପରିଶ୍ରମ, ୧୮୮୦ରୁ ୧୮୯୬ ଯାଏଁ ପାଖ ୧୬ ବର୍ଷବ୍ୟାପୀ ନିଃସ୍ୱାର୍ଥ ସାଧନା ଓ ତ୍ୟାଗ ଫଳରେ ହଜିଯାଇଥିବା ଅଲିମ୍ପିକ ଗେମସ୍ ଉତ୍ସବ ପୁନର୍ଜନ୍ମ ପାଇଲା । ୧୮୯୬ ସାଲରେ ପ୍ରାଚୀନକାଳର ଅଲିମ୍ପିକ ଗେମ୍ସ୍‌ର ଜନ୍ମପୀଠ ଗ୍ରୀସ୍‌ର ରାଜଧାନୀ ଏଥେନସରେ ପ୍ରଥମ ଆଧୁନିକ ଯୁଗର ଅଲିମ୍ପିକ ଖେଳ ଅନୁଷ୍ଠିତ ହୁଏ । ନୂଆ ଯୁଗର ପ୍ରଥମ ଅଲିମ୍ପିକ ଖେଳରେ ଇଂଲଣ୍ଡ, ଜର୍ମାନୀ, ଡେନମାର୍କ, ହଙ୍ଗେରୀ, ସୁଇଜରଲାଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ସମେତ ୬ଟି ଦେଶରୁ ପ୍ରାୟ ୮୦ ଜଣ ଖେଳାଳି ଯୋଗ ଦେଇଥିଲେ । ତୁଳନାକ୍ରମେ ୧୯୬୦, ସପ୍ତଦଶ ଅଲିମ୍ପିକ ଗେମସ୍‌ରେ ରୋମ୍‌ଠାରେ ସର୍ବମୋଟ ୮୨ଟି ଦେଶରୁ ପ୍ରାୟ ୫୦୦୦ ଖେଳାଳି ଅଂଶ ଗ୍ର

କରିବାକୁ—ବୁଝୁଥିବ—ଅଲିମ୍ପିକ ଖେଳର ଉଦ୍ଦେଶ୍ୟ ଓ ପ୍ରସାର ଦିନକୁ ଦିନ କେତେ ଦ୍ରୁତ ବଢ଼ିଚାଲିଛି ।

ପ୍ରତ୍ୟେକ ଚାରିବର୍ଷରେ ଥରେ ଏହି ବିଶ୍ୱ ଅଲିମ୍ପିକସ୍ ଅନୁଷ୍ଠିତ ହୁଏ । ବିଶ୍ୱ ଅଲିମ୍ପିକ ଖେଳର ସ୍ୱତନ୍ତ୍ର ନିଦର୍ଶନ—ନେଳି, ହଳଦିଆ, କଳା, ସାଗୁଆ ଓ ନାଲି—ଏହି ପାଞ୍ଚ ରଙ୍ଗର ପାଞ୍ଚଟି ବୃତ୍ତ ପାଞ୍ଚଟି ମହାଦେଶର ପ୍ରତୀକ ହିସାବରେ ପରସ୍ପର ଆଲିଙ୍ଗନବଦ୍ଧ ହୋଇ ଶାନ୍ତିମୟ ଧଳା ପତାକା ମଝିରେ ସର୍ବଜାତିର ମିଳନ ଓ ମୈତ୍ରୀ ଘୋଷଣା କରେ ।

ଆମ ନିଜ ପ୍ରଦେଶ ଓଡ଼ିଶାରେ ବାରବାଟୀ ଷ୍ଟାଡ଼ିୟମ୍ ଏହି ଅଲିମ୍ପିକ ଗେମସ୍‌ର କାର୍ଯ୍ୟକଳାପ ଉଦ୍ଦେଶ୍ୟରେ ହିଁ ଗଢ଼ା । ସେଠି ଶହ ଶହ ପ୍ରତିଯୋଗୀ ଏକାଠି ଖେଳ, କୁଦ, ତେଣିଁ ମେଳ ତିନିହଜାର ବର୍ଷ-ତଳର ଗ୍ରୀକ୍-ସଭ୍ୟତାର ଚରମ କାମନା—ସୁସ୍ଥ ସୁନ୍ଦର ସ୍ୱାସ୍ଥ୍ୟ ଓ ବଳିଷ୍ଠ ଶରୀର ଗଠନ ଲାଭ କରନ୍ତି । ଏଇଟା ହିଁ ପରମକାମ୍ୟ । ଅଲିମ୍ପିକ ଗେମସ୍ ଧାରାନୁଯାୟୀ ପୃଥିବୀର ସବୁଦେଶରେ ଖେଳକୁଦ ଉତ୍ସବ ହୁଏ । ଆମ ନେସନାଲ ଗେମସ୍ ବା ସାରଭାରତୀୟ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଏହି ବାରବାଟୀ ଷ୍ଟାଡ଼ିୟମ୍‌ରେ ୧୯୫୮ରେ ହୋଇଥିଲା । ପୃଥିବୀ ଖେଳକୁଦ କ୍ଷେତ୍ରରେ କେବଳ ହକିଖେଳକୁ ଛାଡ଼ିଦେଲେ କୌଣସି ଭାରତୀୟ ଅନ୍ୟ କେଉଁ ଖେଳ ବିଭାଗରେ ଶ୍ରେଷ୍ଠ ସ୍ଥାନ ଏଯାଏଁ ପାଇନାହାନ୍ତି । ହକିରେ ମଧ୍ୟ ୧୯୬୦ ରୋମ ଗେମସ୍‌ଠାରୁ ଆମେ ଶୀର୍ଷସ୍ଥାନଠାରୁ ପରାଜିତ । ଆସନ୍ତା ବର୍ଷ, ୧୯୬୪ରେ ଜାପାନର ରାଜଧାନୀ ଟୋକିଓରେ ସପ୍ତଦଶ ବିଶ୍ୱ ଅଲିମ୍ପିକ୍ ଅନୁଷ୍ଠିତ ହେବ । ଆମ ସମସ୍ତଙ୍କର ଏହି କାମନା ଓ ପ୍ରାର୍ଥନା ହେଉ ଯେ ହରାଇଥିବା ହକିଖେଳର ଶ୍ରେଷ୍ଠ ଗୌରବ ଆମେ ଯେମିତି ସେଇଟି ଫେରିପାଉଁ ।

ଆଧୁନିକ ଅଲିମ୍ପିକ୍ ଗେମସ୍‌ରେ ସର୍ବମୋଟ ପ୍ରକାର ଖେଳ ଅନ୍ତର୍ଭୁକ୍ତ; ଯଥା—ଆଥେଲେଟିକସ୍, ବାସ୍କେଟ୍ ବଲ୍, ମୁଷ୍ଟି-ଯୁଦ୍ଧ, ନୌଚାଳନା, ସାଇକ୍ଲିଙ୍ଗ୍, ଘୋଡ଼ାଚଢ଼ା, ତରବାରି-ଖେଳ, ଫୁଟବଲ୍, ବ୍ୟାୟାମ, ହକି, ପେଣ୍ଟାଥଲନ, ଆହ୍ଲ, ବନ୍ଧୁକଚାଳନା, ସନ୍ତରଣ, ଜଳପୋଲ, ଭାରୋତ୍ତୋଳନ, କୁସ୍ତି ଓ ପାଲଯୁକ୍ତ ନୌକା-ଚାଳନା । ସ୍ୱାଧୀନତା ଲାଭ କରିବାପରେ ଖେଳ ଓ କସରତ୍ ତଥା ଅଲିମ୍ପିକ୍ ଗେମସ୍‌ର କାର୍ଯ୍ୟକଳାପ ପ୍ରତି ସରକାର ଓ ଜନସାଧାରଣଙ୍କ ଜାଗ୍ରତ ଦୃଷ୍ଟି ପଡ଼ିଛି । ପୃଥିବୀର ବିଭିନ୍ନ ଦେଶ; ବିଶେଷତଃ ପାଶ୍ଚାତ୍ୟ ଦେଶ ତୁଳନାରେ ଆମର ଶରୀର-ଚର୍ଚ୍ଚା ଓ ଖେଳ କସରତ୍‌ରେ ନିପୁଣତା ସେତେ ଅଗ୍ରସର ନ ହେଲେ ମଧ୍ୟ ଉନ୍ନତ ଦିଗରେ ଚାଲିଛି ।

ଦେଶର, ଜାତିର ଭବିଷ୍ୟତ ହିସାବରେ ତମ ସମସ୍ତଙ୍କର ଏ ଦିଗରେ ଦାୟିତ୍ୱ ଅଧିକତର । ପାଠ ପଢ଼ି ଜ୍ଞାନ ଅର୍ଜନ କରିବା ତମ ଭବିଷ୍ୟତ ଜୀବନ ପାଇଁ ଯେତିକି ପ୍ରୟୋଜନ; ଶରୀର ଚର୍ଚ୍ଚା, ଖେଳ-କସରତ୍‌ଦ୍ୱାରା ନିଜର ଦେହ ଗଠନକୁ ସୁସ୍ଥ ସବଳ ଓ ସୁନ୍ଦର କରିବା ସେତିକି ଦରକାର । ଆଜି ଦେଶର ଏହି ସଙ୍କଟ ସମୟରେ ଜାତି ଓ ଦେଶର ଶତ୍ରୁ ଚୀନକୁ ମୂଳପୋଛ କରି ଦେଶର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବା ପାଇଁ ବୁଦ୍ଧି ଓ ବାହୁବଳ ଉଭୟ ପ୍ରୟୋଜନ । ପାଠ ପଢ଼ି ବୁଦ୍ଧି ହାସଲ କରିବା ସଙ୍ଗେ ସଙ୍ଗେ କୁସ୍ତି-କସରତ୍, ଖେଳ-ଦୌଡ଼-ଡିଆଁରେ କୌଶଳମାନ ନିୟମିତ ଶିଖିଲେ ନିଜ ଦେହରେ ବଳ, ମନରେ ଦମ୍ଭ, ନିର୍ଭୀକତା, କଷ୍ଟସହିଷ୍ଣୁତା ଏ ସମସ୍ତ ନିଜର ହୋଇ-ପାରିବ ତାହାକୁ ମୂଳଦୁଆ କରି ବରଫଦେଇ ସୁଦୂର ସୀମାନ୍ତରେ ୧୫୦୦୦ ଫୁଟ ଉଚ୍ଚ ପାହାଡ଼ ଉପରୁ ଅଲିମ୍ପିକ୍ ଖେଳ କାର୍ଯ୍ୟକ୍ରମର ମୂଳମନ୍ତ୍ର 'ମୈତ୍ରୀଭାବରେ ରହି ବିଶ୍ୱଶାନ୍ତି ସ୍ଥାପନାର ଯୋଗ୍ୟଶିକ୍ଷା' ଦେଶଦ୍ରୋହୀ ଜାତି—ଶତ୍ରୁ ଚୀନକୁ ଦେଇପାରିବ ।

(ଆକାଶବାଣୀ ସୌଜନ୍ୟରୁ)

# ସାମରିକ କାର୍ଯ୍ୟରେ ଯୋଗଦେଉଥିବା ବେସାମରିକ ସରକାରୀ କର୍ମଚାରୀମାନଙ୍କ ପାଇଁ ସୁବିଧା

**ରାଜ୍ୟ** ସରକାରଙ୍କର ଯେଉଁ ବେସାମରିକ କର୍ମଚାରୀମାନେ ଅନୁମୋଦିତ ସାମରିକ ଚାକିରିରେ ସନ୍ତୋଷଜନକଭାବେ କାର୍ଯ୍ୟ କରି ସେଥିରୁ ଖଲାସ ହେବା ପରେ ପୁଣି ମୂଳ ଚାକିରିକୁ ଫେରିଆସିବାକୁ ଚାହିଁବେ, ସେମାନଙ୍କୁ ନିମ୍ନଲିଖିତ ସୁବିଧାମାନ ଦିଆଯିବ :—

## ସରକାରୀ ଚାକିରୀରେ ପୂର୍ବାଧିକାର ବ୍ୟବସ୍ଥା

(କ) ବର୍ତ୍ତମାନ ଜରୁରି ପରିସ୍ଥିତିରେ ଯେଉଁ ସରକାରୀ କର୍ମଚାରୀମାନେ ଅନୁମୋଦିତ ସାମରିକ ଚାକିରିରେ ଯୋଗ ଦେଇଛନ୍ତି, ସେମାନେ ଆଗରୁ କାର୍ଯ୍ୟ କରୁଥିବା ବେସାମରିକ ଚାକିରିରେ ସେମାନଙ୍କ ପୂର୍ବାଧିକାର ରହିବ । ସାମରିକ ଚାକିରିରୁ ଖଲାସ ହେବା ପରେ, ସେମାନେ ତାଙ୍କର ପୂର୍ବ ଚାକିରିକୁ ଫେରିଆସିବା ନିମନ୍ତେ ଏହି ବ୍ୟବସ୍ଥା କରାଯାଇଛି ।

(ଖ) ଓଡ଼ିଶା ସର୍ଭିସ୍ କୋଡ଼ର ଆଇନାନୁଯାୟୀ ଅସ୍ଥାୟୀ ଚାକିରିରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସେମାନଙ୍କ ଚାକିରିରେ ପୂର୍ବାଧିକାର-ସୁଯୋଗ ଦିଆଯାଏ ନାହିଁ । ନିଷ୍ପତ୍ତି କରାଯାଇଛି ଯେ ଯେଉଁ ଅସ୍ଥାୟୀ ସରକାରୀ କର୍ମଚାରୀମାନଙ୍କୁ ଅନୁମୋଦିତ ସାମରିକ ଚାକିରିରେ ଯୋଗଦେବା ପାଇଁ ଅନୁମତି ଦିଆଯାଇଛି, ସେମାନେ ସାମରିକ ଚାକିରିରୁ ଖଲାସ ହେବାପରେ ତାଙ୍କର ପୂର୍ବ ଅସ୍ଥାୟୀ ଚାକିରିରେ ରହିବା ପାଇଁ ଯଦି ନିବେଦନ କରନ୍ତି ଓ ସେ ଚାକିରିର କାର୍ଯ୍ୟକାଳ ଯଦି ପୂରି ନ ଥାଏ, ତାହାହେଲେ ତାହାଙ୍କୁ ତାଙ୍କର ପୂର୍ବ ଚାକିରିରେ ରଖାଯିବ । ସେ ସାମରିକ ଚାକିରିରୁ ଖଲାସ ହୋଇ ଫେରିବାବେଳେ ଯଦି ତାଙ୍କର ଅସ୍ଥାୟୀ ଚାକିରିର କାର୍ଯ୍ୟକାଳ ଶେଷ ହୋଇ ଯାଇଥାଏ, ତାହାହେଲେ ସେହିଭଳି ଅନ୍ୟ ଗୋଟିଏ ଚାକିରିରେ ସର୍ବପ୍ରଥମେ ତାହାଙ୍କୁ ନିଯୁକ୍ତ କରାଯିବ । ସାମରିକ ଚାକିରିରୁ ଖଲାସ ହୋଇ ସେ ଯେଉଁ ସରକାରୀ ଚାକିରି କରୁଥିବେ ସେହି ଚାକିରିରେ ତାଙ୍କର ସମୁଦାୟ ଚାକିରି କାର୍ଯ୍ୟକାଳ ଗଣା ଗଲାବେଳେ ସେଥିରେ ସାମରିକ କାର୍ଯ୍ୟକାଳ ସାମିଲ କରାଯିବ ଓ ତଦନୁଯାୟୀ ସେହି ଚାକିରିରେ ତାହାଙ୍କ ସିନିଅରିଟି ଧାର୍ଯ୍ୟ କରାଯିବ ।

(ଗ) କୌଣସି ଅସ୍ଥାୟୀ ସରକାରୀ କର୍ମଚାରୀ ସାମରିକ ଚାକିରିରେ ଯୋଗଦେଇଥିବା ସମୟରେ ଯଦି ତାଙ୍କର ଅସ୍ଥାୟୀ ଚାକିରିକୁ ସ୍ଥାୟୀ କରାଯାଏ, ତାହାହେଲେ ତାହାଙ୍କୁ ସେଥିରେ ସ୍ଥାୟୀ କରାଯିବା ନିମନ୍ତେ ତାହାଙ୍କ ଦାବୀକୁ ସରକାର ପୂରଣ କରିବେ । ସେ ସାମରିକ ଚାକିରିରୁ ଖଲାସ ହେବା ପୂର୍ବରୁ ଯଦି ସେହି ଚାକିରିରେ ସ୍ଥାୟୀ ହେବା ନିମନ୍ତେ ଅସ୍ୱୀକାର କରନ୍ତି, ତାହାହେଲେ ଅନ୍ୟ ଜଣେ ଅଫିସରଙ୍କୁ ସେଥିରେ ସ୍ଥାୟୀ କରାଯିବ ଓ ସେ ଫେରିବା ପରେ ତାହାଙ୍କୁ ତାଙ୍କ ନିଜ ଚାକିରିରେ ସ୍ଥାୟୀ କରାଯିବ ।

## ୨ । ପଦୋନ୍ନତି

(କ) ଏହିଭଳି ଅନୁମୋଦିତ ସାମରିକ ଚାକିରିରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ପଦୋନ୍ନତିରେ ଯେପରି କୌଣସି ପ୍ରତିବନ୍ଧକ ସୃଷ୍ଟି ନ ହୁଏ, ସେଥି

ଦୃଷ୍ଟ ଦିଆଯିବ । ସମ୍ପୃକ୍ତ ସରକାରୀ କର୍ମଚାରୀମାନେ ସାମରିକ ବିଭାଗରେ ଯୋଗ ନ ଦେଇ ନିଜ ନିଜ ବିଭାଗରେ କାର୍ଯ୍ୟ କରୁଥିଲେ ଯେଉଁ ପଦୋନ୍ନତି ପାଇବା ପାଇଁ ସେମାନେ ହକ୍‌ଦାର ହୋଇଥାନ୍ତେ, ତାହା ସେମାନେ ପାଇଛନ୍ତି ବୋଲି ଲିଖିତ ଆକାରରେ ଗ୍ରହଣ କରାଯିବ ଓ ଉଚ୍ଚପଦର ଚାକିରି ପାଇଁ ସିନିଅରିଟି ରହିଛି ବୋଲି ଧରିନିଆଯିବ ।

(ଖ) ଖାଲିଥିବା ଚାକିରିର ଶତକଡ଼ା ଯେଉଁ ୨୫ ଭାଗ ପ୍ରତ୍ୟେକ ବର୍ଷ ପଦୋନ୍ନତି, ବଦଳି ଓ ଟ୍ରାନ୍ସଫରଦ୍ୱାରା ପୂରଣ କରାଯାଉଛି, ସେସବୁ ଚାକିରି ଏଭଳି କର୍ମଚାରୀମାନଙ୍କ ପାଇଁ ସଂରକ୍ଷିତ ରଖାଯିବ । ଜରୁରୀ ଆବଶ୍ୟକତାର ସମ୍ମୁଖୀନ ହେବା ନିମନ୍ତେ ଏହି ଚାକିରିଗୁଡ଼ିକରେ ଅନ୍ୟମାନଙ୍କୁ ଅସ୍ଥାୟୀଭାବରେ ପଦୋନ୍ନତି ଦିଆଯାଇପାରେ; କିନ୍ତୁ ପରିଶେଷରେ ସାମରିକ ଚାକିରିରୁ ଖଲାସ ହୋଇ ଫେରିଆସିଥିବା କର୍ମଚାରୀମାନଙ୍କ ଦ୍ୱାରା ଏହି ସଂରକ୍ଷିତ ଚାକିରିଗୁଡ଼ିକ ପୂରଣ କରାଯିବ ।

## ୩ । ଦରମା

(କ) ଯେଉଁ ସରକାରୀ କର୍ମଚାରୀମାନେ ଏହିଭଳି ସାମରିକ ଚାକିରିରେ ଯୋଗଦେବା ପାଇଁ ଅନୁମତି ହାସଲ କରିଛନ୍ତି, ସେମାନେ ସାମରିକ ଚାକିରି କରୁଥିବାବେଳେ ବେସାମରିକ ସରକାରୀ ଚାକିରିରେ ଯେଉଁ ଦରମା ଓ ଭତ୍ତା ପାଇବା ପାଇଁ ଥରକୁ ଥର ହକ୍‌ଦାର ହେଉଥିବେ, ସେ ହାରରେ ଦରମା ଓ ଭତ୍ତା କିମ୍ବା ସାମରିକ ହାରରେ ଦରମା ଓ ଭତ୍ତା କିମ୍ବା ଏ ଦୁଇଟିରୁ ଯେଉଁ ହାରଟି ଅଧିକ ହେଉଥିବ ସେହି ହାରରେ ସେମାନଙ୍କୁ ଦରମା ଓ ଭତ୍ତା ଦିଆଯିବ । ଯେଉଁ ବେସାମରିକ ସରକାରୀ କର୍ମଚାରୀମାନେ ଜୁନିୟର କମାଣ୍ଡାଣ୍ଟ ଅଫିସର/ଅନ୍ୟ ଉଚ୍ଚ ପଦବୀର ଅଫିସର-ରୂପେ ସାମରିକ ଚାକିରି କରୁଥିବେ ଓ ସେମାନେ ବେସାମରିକ ସରକାରୀ ଚାକିରିରେ ଥରକୁ ଥର ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଦରମା ଓ ଭତ୍ତା ଅନୁସାରୀ ଯାହା ପାଇବା ପାଇଁ ହକ୍‌ଦାର ହେଉଥିବେ, ତାହା ସେମାନଙ୍କୁ ଦିଆଯିବ । କିନ୍ତୁ ସେମାନଙ୍କୁ ମାଗଣାରେ ଖାଦ୍ୟ ଦିଆଯିବା ହେତୁ ସେମାନଙ୍କ ଦରମାରୁ ଟ୨୫୯ କମାଇ ଦିଆଯିବ ।

(ଖ) ଯେଉଁ ସ୍ଥଳରେ ବେସରକାରୀ ହାରରେ ଦରମା ଓ ଭତ୍ତା ଦିଆଯିବାର ବ୍ୟବସ୍ଥା ଥିବ, ସେ କ୍ଷେତ୍ରରେ ସେସବୁ ହାର ଓ ସାମରିକ ହାର ମଧ୍ୟରେ ରହୁଥିବା ପାର୍ଥକ୍ୟତକ ପ୍ରତିରକ୍ଷା କର୍ତ୍ତୃପକ୍ଷ ପୂରଣ କରିବେ । ଏ ବାବଦରେ ନିଅଣ୍ଟ ପଡ଼ୁଥିବା ଟଙ୍କାତକ ସର୍ବଶେଷରେ ସମ୍ପୃକ୍ତ ବେସାମରିକ ବିଭାଗରୁ ଉଠାଯିବ ।

## ୪ । ପ୍ରୋଭିଡେଣ୍ଟ ଫଣ୍ଡ

ଚଳନ୍ତ ଜରୁରୀ ପରିସ୍ଥିତିରେ ଯେଉଁ ସରକାରୀ କର୍ମଚାରୀ ସାମରିକ କାର୍ଯ୍ୟରେ ଯୋଗ ଦେବେ, ସେମାନେ ସେହି ସାମରିକ କାର୍ଯ୍ୟରେ ନିଯୁକ୍ତ ଥିବା ସମୟରେ ନିମ୍ନଲିଖିତ ସର୍ତ୍ତ ମୁତାବକ ନିଜର ବେ-ସାମରିକ କାର୍ଯ୍ୟକାଳୀନ ପ୍ରୋଭିଡେଣ୍ଟ ଫଣ୍ଡରେ ଟଙ୍କା ଜମା ଦେବାର ଅଧିକାର ପାଇପାରିବେ ।

ସାମରିକ କାର୍ଯ୍ୟରେ ଥିବାବେଳେ ପ୍ରୋଭିଡେଣ୍ଟ ଫଣ୍ଡର ଜମା ଏବଂ ପ୍ରୋଭିଡେଣ୍ଟ ଫଣ୍ଡକୁ ଟଙ୍କା ଜମା ଦେଉଥିବା କର୍ମଚାରୀଙ୍କର ଏକାଉଣ୍ଟ ବାବଦରେ ସରକାରୀ କର୍ମଚାରୀଙ୍କ ଦେୟର ପରିମାଣ, ସରକାରୀ କର୍ମଚାରୀମାନଙ୍କ ପାରିତୋଷିକ ଭିତ୍ତିରେ ହିସାବ କରାଯିବ । ଯେଉଁଠାରେ ସାମାଜିକ କାର୍ଯ୍ୟରେ ନିଯୁକ୍ତ ଥିବା ସମୟରେ କୌଣସି କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ହିସାବକୁ ସରକାରୀ ଦେୟ ଅଂଶ ଦିଆଯିବାର କଥା, ସେ କ୍ଷେତ୍ରରେ ଉକ୍ତ ଦେୟ ଅଂଶର ପରିମାଣକୁ ପ୍ରତିରକ୍ଷା ବାବଦ ଖର୍ଚ୍ଚ ଅଟକଳର ଅନ୍ତର୍ଭୁକ୍ତ

କରିବାକୁ ହେବ । ଯଦି ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ କଣ୍ଟ୍ରିବ୍ୟୁଟାରୀ ପ୍ରୋଭିଡେଣ୍ଟ ଫଣ୍ଡ ଆଇନର ପ୍ରଚଳିତ ନିୟମାନୁଯାୟୀ କଳନ୍ତର ସହିତ ସରକାରୀ ଦେୟ ଅଂଶର ସମୁଦାୟ କିମ୍ବା ତାହାର କେତେକାଂଶ ଅଟକ ରଖାଯିବାର ଦରକାର ପଡ଼େ, ତେବେ ଉକ୍ତ ଅଟକଳ ବାବଦ ସମସ୍ତ ଟଙ୍କା କିମ୍ବା ତାହାର ଅଂଶବିଶେଷ ଫେରସ୍ତ କରାଯିବା ଦରକାର ପଡ଼ିବ ।

## ୫ । ଛୁଟି

ବର୍ତ୍ତମାନର ଜରୁରିକାଳୀନ ପରିସ୍ଥିତିରେ ଯେଉଁ ସ୍ଥାୟୀ ସରକାରୀ କର୍ମଚାରୀମାନେ ଅନୁମୋଦିତ ସାମରିକ ସ୍କିମରେ ଯୋଗ ଦେଇଛନ୍ତି, ସେମାନେ ଏହି ସ୍କିମର ସମୟରେ ଷ୍ଟେଟ୍ ଲିଭ୍ ରୁଲ ଅନୁଯାୟୀ ଛୁଟି ପାଇପାରିବେ । ଏଭଳି ସରକାରୀ କର୍ମଚାରୀମାନେ ଅନୁମୋଦିତ ସାମରିକ ସ୍କିମରେ ଯୋଗ ଦେଇଥିଲେ ସେ ସ୍କିମ କାଳରେ ସେମାନେ ଯାହା ଛୁଟି ନେଇଥିବେ ତାହାସବୁ ସିଭିଲ ଲିଭ ଏକାଉଣ୍ଟ କଟାଇ ଦିଆଯିବ । ସାମରିକ ସ୍କିମ କରୁଥିଲାବେଳେ ଯଦି କେହି ବିନା ବେତନ ଛୁଟି ନେବା ଦେଖାଯାଏ, ତାହାହେଲେ ତାହାଙ୍କୁ କ୍ଷମା ଦିଆଯିବ । ସିଭିଲ୍ ରୁଲସ ଅନୁଯାୟୀ ତାଙ୍କର ପ୍ରାପ୍ୟ ହେଉଥିବା ଛୁଟିରୁ ଯଦି ସେ କମ୍ ଦିନ ଛୁଟି ନେଇଥାନ୍ତି, ତାହାହେଲେ ବଳକା ଛୁଟିକୁ ତାହାଙ୍କ ସିଭିଲ ଲିଭ୍ ଏକାଉଣ୍ଟରେ ଜମା ରଖାଯିବ ।

ଯେଉଁ ଅସ୍ଥାୟୀ ସରକାରୀ କର୍ମଚାରୀମାନେ ସାମରିକ ସ୍କିମରେ ଯୋଗ ଦେଇଥିବେ, ସେମାନଙ୍କ ପ୍ରତି ସେହି ସ୍କିମର ସମୟରେ ପ୍ରତ୍ୟେକ କ୍ଷେତ୍ରରେ ମିଳିଟାରୀ ଲିଭ୍ ରୁଲସ୍ ଲାଗୁହେବ ।

ଛୁଟି ନେଇଥିବା କର୍ମଚାରୀମାନଙ୍କୁ ଛୁଟି ଦରମା ପ୍ରତିରକ୍ଷା କର୍ତ୍ତୃପକ୍ଷଙ୍କଠାରୁ ଦିଆଯିବ । କୌଣସି ସ୍ଥଳରେ ଛୁଟି ଦରମା ବାବଦରେ ଅର୍ଥ-ବ୍ୟବସ୍ଥା କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରାଳୟଠାରେ ରାଜ୍ୟ ସରକାରମାନେ ଦାବି କରିବେ ନାହିଁ ।

## ୬ । ପେନସନ

ପେନ୍‌ସନ ପାଇବା ପାଇଁ ହକ୍‌ଦାର ହେଉଥିବା ସର୍ଭିସର ସାଧାରଣ ସର୍ତ୍ତଗୁଡ଼ିକୁ ଭିତ୍ତି କରି ସ୍ଥାୟୀ କର୍ମଚାରୀମାନଙ୍କ ପେନ୍‌ସନ ହିସାବ କଲାବେଳେ ପୂର୍ବ ସାମରିକ ସ୍କିମର ସମୟକୁ ସେଥିରେ ଗଣନା କରାଯିବ । ଅସ୍ଥାୟୀ କର୍ମଚାରୀ ହୋଇଥିଲେ ସରକାରଙ୍କ ଅଧୀନରେ ଗୋଟିଏ ସ୍ଥାୟୀ ସ୍କିମରେ ତାହାଙ୍କ ସ୍କିମକୁ ଦୃଢ଼ୀଭୂତ କରି ତଦନୁଯାୟୀ ପେନସନ ହିସାବ କଲାବେଳେ ତାଙ୍କର ସାମରିକ ସର୍ଭିସକୁ ସେଥିରେ ମିଶାଇ ହିସାବ କରାଯିବ ।

## ୭ । ମୂଳ ଦରମା ଠିକ୍ କରିବା ବ୍ୟବସ୍ଥା

(କ) ସାମରିକ ସ୍କିମରୁ ଖଲାସ ହେବା ପରେ ଯେତେବେଳେ ଜଣେ ସରକାରୀ କର୍ମଚାରୀ ନିଜ ବିଭାଗର କିମ୍ବା ନିଜ କ୍ୟାଡରର ବାହାରେ କୌଣସି ସ୍କିମରେ ନିଯୁକ୍ତ ହୁଅନ୍ତି, ସେତେବେଳେ ତାହାଙ୍କର ମୂଳ ଦରମା ଠିକ୍ କଲାବେଳେ ତାଙ୍କର ସାମରିକ ସ୍କିମ ସମୟ ସେଥିରେ ହିସାବକୁ ନିଆଯିବ । ପ୍ରକାଶ ଥାଉକି, ପରବର୍ତ୍ତୀ ଉଚ୍ଚତର ସ୍କିମରେ ସେହି ସୁବିଧା ସେ ଉପଭୋଗ କରିବେ କି ନାହିଁ, ତାହା ତାଙ୍କର ନିଜ ଇଚ୍ଛା ଉପରେ ନିର୍ଭର କରିବ ।

(ଖ) ଏଭଳି ଜଣେ ସରକାରୀ କର୍ମଚାରୀ ସାମରିକ ସ୍କିମରେ ଯୋଗଦେବା ପୂର୍ବରୁ ଯେଉଁ ସ୍କିମରେ ସେ କାର୍ଯ୍ୟ କରୁଥିଲେ, ଯଦି ସେହି ସ୍କିମକୁ ସେ ଫେରିଆସନ୍ତି କିମ୍ବା ସାମରିକ ସ୍କିମ କରୁଥିଲା ବେଳେ ନିଜ ବିଭାଗରେ ଅନ୍ୟ କୌଣସି ସ୍କିମକୁ ନାମକୁ ମାତ୍ର ପଦୋନ୍ନତି ପାଇଥାନ୍ତି, ତାହାହେଲେ

ପରବର୍ତ୍ତୀ ଉଚ୍ଚତର ଚାକିରି ପାଇଁ ତାହାଙ୍କ ଅଧିକାର ରହିବ ।

(ଗ) ମୂଳ ଦରମା ଧାର୍ଯ୍ୟ କଲାବେଳେ ସାମରିକ ଚାକିରି ସମୟକୁ କେବଳ ଥରେ ମାତ୍ର ହିସାବରେ ନେବା ପାଇଁ ସରକାରୀ କର୍ମଚାରୀମାନଙ୍କୁ ସୁବିଧା ଦିଆଯାଇଛି । ଏହି ସୁବିଧାକୁ ଉପଭୋଗ କରିବା କର୍ମଚାରୀଙ୍କ ନିଜ ଇଚ୍ଛା ଉପରେ ନିର୍ଭର କରେ । ଏହି ସୁବିଧାକୁ ଉପଭୋଗ କରିବା ପାଇଁ ଥରେ ସେ ନିଜର ମତାମତକୁ କାର୍ଯ୍ୟକାରୀ କରିଥିଲେ, ତାହା ଅପରିବର୍ତ୍ତନୀୟ ରହିବ । ଯଦି କୌଣସି କର୍ମଚାରୀ ପରବର୍ତ୍ତୀ ଉଚ୍ଚତର ଚାକିରିରେ ଏହି ସୁବିଧାକୁ ଉପଭୋଗ କରିବାକୁ ଚାହାନ୍ତି, ତାହାହେଲେ ସେ ଉକ୍ତ ନୂତନ ଚାକିରିରେ ଯୋଗ ଦେବା ତାରିଖଠାରୁ ଛଅ ମାସ ମଧ୍ୟରେ ନିଜର ମତାମତ ଜଣାଇବାକୁ ପଡ଼ିବ ।

## ସାମରିକ ଚାକିରିରେ ଯୋଗଦେଇଥିବା ବେସରକାରୀ ବ୍ୟକ୍ତିଙ୍କୁ ସାମରିକ ଚାକିରିରୁ ଖଲାସ ହେବା ପରେ ଚାକିରି ଯୋଗାଇଦେବା ବ୍ୟବସ୍ଥା

ଅନୁମୋଦିତ ସାମରିକ ଚାକିରିରୁ ଖଲାସ ହୋଇଥିବା ବେସରକାରୀ ବ୍ୟକ୍ତିମାନଙ୍କୁ ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି ଯୋଗାଇଦେବା ନିମନ୍ତେ ଯେଉଁ ସୁବିଧାମାନ କରାଯାଇଛି, ତାହା ନିମ୍ନରେ ଦିଆଯାଇଛି ।

### ଚାକିରି ସଂରକ୍ଷଣ ବ୍ୟବସ୍ଥା

ସିଧାସଳଖ ଭାବେ ନିଯୁକ୍ତ କରିବା ପାଇଁ ପ୍ରତ୍ୟେକ ବର୍ଷ ଖାଲି ରହୁଥିବା ବିଭିନ୍ନ ପ୍ରକାର ଚାକିରିର ଶତକଡ଼ା ୨୫ ଭାଗ ଅନୁମୋଦିତ ସାମରିକ ଚାକିରିରୁ ଖଲାସ ହୋଇ ଆସିଥିବା ବ୍ୟକ୍ତିମାନଙ୍କ ପାଇଁ ସଂରକ୍ଷିତ ରଖାଯିବ । କାର୍ଯ୍ୟକୁ ତୁରନ୍ତ ତୁଲାଇବା ନିମନ୍ତେ ଏହି ସଂରକ୍ଷିତ ହୋଇଥିବା ଚାକିରିଗୁଡ଼ିକରେ ଅନ୍ୟମାନଙ୍କୁ ଅସ୍ଥାୟୀଭାବରେ ନିଯୁକ୍ତ କରାଯାଇପାରେ । କିନ୍ତୁ ପରେ ଆବଶ୍ୟକତା ଅନୁଯାୟୀ ଯୁଦ୍ଧଫେରନ୍ତାଙ୍କଦ୍ୱାରା ଏହିସବୁ ଚାକିରି ପୂରଣ କରାଯିବ ।

### ୨ । ସାମରିକ ଚାକିରି ପାଇଁ ବୟସଗତ କଟକଣାକୁ କୋହଳ କରିବା ବ୍ୟବସ୍ଥା

ସରକାରୀ ଚାକିରି କରିବା ପାଇଁ ଅନୁମୋଦିତ କ ଚାକିରିରୁ ଖଲାସ ହୋଇଆସିଥିବା ବ୍ୟକ୍ତିଙ୍କୁ ଯଦି ବେଶି ବୟସ ହୋଇଥାଏ, ତାହା ହେଲେ ଚାକିରିର ବୟସଗତ କଟକଣାକୁ କୋହଳ କରାଯିବ । ଅନୁମୋଦିତ ସାମରିକ ଚାକିରି କରିଥିବା ସମୁଦାୟ ବର୍ଷକୁ କିମ୍ବା ତାହାର କେତେକାଂଶକୁ କଟାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯିବ । ଏପରିଭାବେ ବୟସଗତ କଟକଣାକୁ କୋହଳ କରାଯିବା ପରେ ମଧ୍ୟ ଯଦି ନିର୍ଦ୍ଧାରିତ ସର୍ବାଧିକ ବୟସସୀମାଠାରୁ ପ୍ରାର୍ଥୀଙ୍କ ବୟସ ବେଶି ହୋଇଯାଏ, ତାହାହେଲେ ଉପଯୁକ୍ତ ଯୋଗ୍ୟ ପ୍ରାର୍ଥୀ ହୋଇଥିଲେ ତାହାଙ୍କ ବୟସଗତ କଟକଣାକୁ ଆହୁରି କୋହଳ କରାଯିବ ।

### ୩ । ଶିକ୍ଷାଗତ ଯୋଗ୍ୟତା

ଯେଉଁ ଚାକିରି ପାଇଁ ଶିକ୍ଷାଗତ ଯୋଗ୍ୟତା ବିଶ୍ୱବିଦ୍ୟାଳୟର ଡିଗ୍ରି ନିର୍ଦ୍ଧାରିତ ରଖାଯାଇଥିବ, ସେପରି ସ୍ଥଳେ ଯୁଦ୍ଧଫେରନ୍ତା ବ୍ୟକ୍ତି କୌଣସି ବିଶ୍ୱବିଦ୍ୟାଳୟର ଆଇ.ଏ. ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ସେ ଚାକିରି ପାଇବା ପାଇଁ ହକଦାର ହେବେ ବୋଲି ସ୍ଥିର କରାଯାଇଛି । ଆର୍ମି ସ୍ପେସଲ ସାର୍ଟିଫିକେଟକୁ ମେଟ୍ରିକ୍ୟୁଲେସନର ସମତୁଲ୍ୟରୂପେ ଧରି ନିଆଯିବ । ବୈଷୟିକ ଚାକିରି, ଯଥା—ଇଞ୍ଜିନିୟରିଂ

—ଭୁବନେଶ୍ୱର ସେକ୍ରେଟେରୀଏଟ୍‌ରେ ନୂଆ ପି. ବି. ଏକସ. ଏକ୍‌ସଚେଞ୍ଜ ଉଦଘାଟନ—





ଗତ ମଇ ୨୨ ତାରିଖରେ ଭୁବନେଶ୍ୱର ସେକ୍ରେଟେରିଏଟ୍‌ରେ ଓଡ଼ିଶାର ପୂର୍ତ୍ତ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଟେଲିଫୋନ ଏକ୍‌ସଚେଞ୍ଜର ଗୋଟିଏ ଘରୋଇ ଶାଖା (ପି. ବି. ଏକସ.) ଉଦ୍‌ଘାଟନ କରି ସେଠାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରଥମ 'କଲ୍' ପଠାଇଥିଲେ ।

ଏହି ପି. ବି. ଏକ୍‌ସ. ଯୋଗୁଁ ୭୫ଟି ପ୍ରଧାନ ଲାଇନ ଉପରୁ କାର୍ଯ୍ୟଭାର କମିଯିବ । ବର୍ତ୍ତମାନ ଏହି ପି. ବି. ଏକ୍‌ସ.ରେ ୨୦୦ ପର୍ଯ୍ୟନ୍ତ ଲାଇନ ରଖାଯିବାର ବ୍ୟବସ୍ଥା ଅଛି । କାଳକ୍ରମେ ଏହା ଯଥେଷ୍ଟ ବୃଦ୍ଧି ପାଇବ । ଓଡ଼ିଶା ସେକ୍ରେଟେରିଏଟ୍‌ରେ ବର୍ତ୍ତମାନ ୧୭୮ଟି ପି. ବି. ଏକ୍‌ସ. ଟେଲିଫୋନ ସଂଯୋଗ ଅଛି । ବର୍ତ୍ତମାନ ପାଇଁ ଏହି ପି. ବି. ଏକ୍‌ସ.ରେ ବାହାରୁ ଆସୁଥିବା ଟେଲିଫୋନ ଲାଗି ୮ଟି ଓ ବାହାରକୁ ପଠାଯାଉଥିବା ଟେଲିଫୋନ ଲାଗି ୮ଟି ଲାଇନ ଓ ୨ଟି ଟ୍ରଙ୍କକଲ୍ ପ୍ୟାନେଲ ରହିଛି ।

# — କର୍ମମୁଖର ଟମକା-ଦୈତାରି ଅଞ୍ଚଳ —



ଟମକା-ଦୈତାରି ପାହାଡ଼ର ଶୀର୍ଷଦେଶରୁ ପ୍ରାୟ ୧୪୦ ଫୁଟ ତଳେ ପାହାଡ଼ର ଉତ୍ତର-ପୂର୍ବ ପାର୍ଶ୍ୱରୁ ଦକ୍ଷିଣ-ପୂର୍ବ ପାର୍ଶ୍ୱ ପର୍ଯ୍ୟନ୍ତ ଖୋଲା ହୋଇଥିବା ସୁଡ଼ଙ୍ଗର ମୁଖ-ଗହ୍ୱର

( ବିବରଣୀ ପୃଷ୍ଠବର୍ତ୍ତୀ ସଂଖ୍ୟା "ଉତ୍କଳ ପ୍ରସଙ୍ଗ"ରେ ଦ୍ରଷ୍ଟବ୍ୟ )



ସୁଡ଼ଙ୍ଗମୁହଁରୁ ଇତସ୍ତତଃ ପଡ଼ିରହିଥିବା ଲୁହାପଥର ଗୋଟାଇ ଏହି ଶ୍ରମିକମାନେ ନିକଟବର୍ତ୍ତୀ ପାହାଡ଼ ଗଡ଼ାଣିରେ ଜମା କରୁଛନ୍ତି

## କର୍ମମୁଖର ଟମକା-ଦୈତାରି ଅଞ୍ଚଳ



ଟମକା-ଦୈତାରି ପାହାଡ଼ରେ ସୁଡ଼ଙ୍ଗ ଖୋଳା କାର୍ଯ୍ୟରେ ଲାଗିଥିବା ବୃହତ ଖନନ-ଯନ୍ତ୍ର

( ଡ୍ରିଲିଂ ମେସିନ୍ )

# ଆମ ଯନ୍ତ୍ର

## ଓଡ଼ିଶାର ଶିଳ୍ପ-ତାଲିମ ଅନୁଷ୍ଠାନରେ ଯୋଗଦାନ କରିବା ପାଇଁ ଅନୁମତି

ଓଡ଼ିଶା ସରକାର ରାଜ୍ୟରେ ଶିଳ୍ପ-ପ୍ରସାର ଘଟାଇବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛନ୍ତି । ଶିଳ୍ପ-ସମ୍ବନ୍ଧୀୟ ବିଭିନ୍ନ ପରିକଳ୍ପନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାକୁ ହେଲେ ବହୁସଂଖ୍ୟକ ଦକ୍ଷ କାରିଗର ବା ଟେକ୍‌ନିସିଆନ ଆବଶ୍ୟକ । ବର୍ତ୍ତମାନ ଦେଶର ଜରୁରୀ ପରିସ୍ଥିତିରେ ପ୍ରତିରକ୍ଷା ସମ୍ବନ୍ଧୀୟ ଉତ୍ପାଦନ ବୃଦ୍ଧି ପାଇଁ ଓ କଳକାରଖାନା ବୃଦ୍ଧି ପାଇଁ ବି ଅଧିକ ସଂଖ୍ୟକ ଦକ୍ଷ କାରିଗର ଆବଶ୍ୟକ ।

ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ବହୁ ଅର୍ଥବ୍ୟୟରେ କଟକ, ବ୍ରହ୍ମପୁର, ବାଲେଶ୍ୱର, ହୀରାକୁଦ, ରାଉରକେଲା ଓ ବାରିପଦା-ଠାରେ ଶିଳ୍ପ ତାଲିମ ଅନୁଷ୍ଠାନ ସ୍ଥାପନ କରାଯାଇଛି ଓ ଏ ସମସ୍ତ ଅନୁଷ୍ଠାନରେ ସମସ୍ତ ପ୍ରକାର ଯନ୍ତ୍ରପାତିର ବ୍ୟବସ୍ଥା କରାଯାଇଛି । ଏଠାରେ ବିଭିନ୍ନ ଧରଣର ଇଞ୍ଜିନିୟରିଙ୍ଗ ଧନ୍ଦା; ଯଥା—ଫିଟର୍, ଓ୍ୱେଲଡର, ମେସିନିଷ୍ଟ, ଟର୍ନର, ମୋଟର-ମେକାନିକ୍, ଡିଜେଲ୍-ମେକାନିକ୍ ଇତ୍ୟାଦିରେ ତାଲିମ ପ୍ରଦାନ କରାଯାଏ ଓ ଏହି ତାଲିମ ସମୟ ହେଉଛି [illegible] । ବର୍ତ୍ତମାନ ଦେଶର ଜରୁରୀ ପରିସ୍ଥିତି [illegible] ମାସରୁ ୬ମାସବ୍ୟାପୀ ଏକ ସ୍ୱଳ୍ପ ସମୟ-[illegible]ଲିମର ମଧ୍ୟ ବ୍ୟବସ୍ଥା କରାଯାଇଛି ।

ପ୍ରତ୍ୟେକ କାରିଗରଙ୍କ ପିଛା ସରକାର ହାରାହାରି ଟ ୫୦୦୦ରୁ ଟ ୬୦୦୦ ପର୍ଯ୍ୟନ୍ତ ବ୍ୟୟ କରିଥାନ୍ତି । ଏହି ଅର୍ଥ ଓ୍ୱାର୍କସପ, ଛାତ୍ରାବାସ, ଯନ୍ତ୍ରପାତି ଇତ୍ୟାଦି ବାବଦରେ ବ୍ୟୟ ହୋଇଥାଏ । ଏହାଛଡ଼ା ପ୍ରତ୍ୟେକ ତାଲିମପ୍ରାର୍ଥୀଙ୍କ ପିଛା ମାସିକ ଟ୬୫ରୁ ଟ୧୦୦ ପର୍ଯ୍ୟନ୍ତ ବ୍ୟୟ କରାଯାଇଥାଏ । ଏ ସମସ୍ତ ବାହାରେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ମାଗଣାରେ ତାଲିମ ଦିଆଯାଏ ଏବଂ ବହିପତ୍ର, ଲେଖା ଉପକରଣ, ଡାକ୍ତରୀ ତଦାରଖ, ଚିତ୍ତବିନୋଦନର ସୁବିଧା ଆଦି ଯୋଗାଇ ଦିଆଯାଏ । ଓ୍ୱାର୍କସପ୍‌ରେ କାର୍ଯ୍ୟ କରିବା ପାଇଁ ବି ମାଗଣାରେ ପୋଷାକ ଇତ୍ୟାଦି ଯୋଗାଇ ଦିଆଯାଇଥାଏ । ଏସମସ୍ତ ସୁବିଧା ଦିଆଯିବା ସଙ୍ଗେ ସଙ୍ଗେ ସମସ୍ତ ତଫସିଲଭୁକ୍ତ ଜାତି ଓ ସମ୍ପ୍ରଦାୟର ଛାତ୍ର ତଥା ଏକତୃତୀୟାଂଶ ଛାତ୍ରଙ୍କୁ ବୃତ୍ତି ଦିଆଯାଏ ।

ଭାରତରେ ଥିବା ସମସ୍ତ ତାଲିମ ଅନୁଷ୍ଠାନରେ ଗୋଟିଏ ଧରଣର ତାଲିମ ଦିଆଯାଏ । ୧୮ମାସ ତାଲିମ ପାଇସାରିବା ପରେ ସର୍ବଭାରତୀୟ ଭିତ୍ତିରେ ପ୍ରାର୍ଥୀମାନଙ୍କୁ ପରୀକ୍ଷା ଦେବାକୁ ପଡ଼ିଥାଏ ଓ ଯେଉଁ ପ୍ରାର୍ଥୀମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି, ସେମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥାଏ । ଭାରତରେ ଏ ଧରଣର କୌଣସି ତାଲିମ ଅନୁଷ୍ଠାନ ଗ୍ରୀଷ୍ମାବକାଶ ଯୋଗୁଁ ବନ୍ଦ ହୁଏ ନାହିଁ; କିନ୍ତୁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନର ପ୍ରାର୍ଥୀମାନେ ଗ୍ରୀଷ୍ମାବକାଶ ଯୋଗୁଁ ଅନୁଷ୍ଠାନ ବନ୍ଦ କରିବାକୁ ଦାବି କରିଛନ୍ତି । ଭାରତର ଅନ୍ୟ କୌଣସି ତାଲିମ ଅନୁଷ୍ଠାନରେ ଏହା ହେଉ ନ ଥିବାରୁ ଛାତ୍ରମାନଙ୍କର ଏ ଧରଣର ଦାବିକୁ ପୂରଣ କରାଯାଇ ପାରିବ ନାହିଁ ।

ଏ ଧରଣର ବ୍ୟବସ୍ଥା ରହିଥିବା ସତ୍ତ୍ୱେ କଟକସ୍ଥ ଶିଳ୍ପ-ତାଲିମ ଅନୁଷ୍ଠାନର ଛାତ୍ରମାନେ ଗ୍ରୀଷ୍ମାବକାଶ ଦାବି କରି ୧୯୬୩ ମସିହା ମେ ମାସ ୫ତାରିଖରୁ ଶ୍ରେଣୀରୁ ଅନୁପସ୍ଥିତ ରହୁଛନ୍ତି ଓ ଓଡ଼ିଶାର ଅନ୍ୟାନ୍ୟ

ତାଲିମ ଅନୁଷ୍ଠାନର ଛାତ୍ରମାନେ ମଧ୍ୟ ଏହି ପନ୍ଥା ଅବଲମ୍ବନ କରିଛନ୍ତି ।

ଏହିଭଳି ତାଲିମ ପ୍ରଦାନ କରାଯିବାରେ ସରକାରଙ୍କୁ ବହୁ ପରିମାଣରେ ଅର୍ଥ ବ୍ୟୟ କରିବାକୁ ପଡୁଥିବାରୁ ତାଲିମ-ପ୍ରାର୍ଥୀମାନେ ଅନୁଷ୍ଠାନର ନିୟମାବଳୀକୁ ଯେପରି ପାଳନ କରନ୍ତି, ସେଥିପାଇଁ ସେମାନଙ୍କୁ, ସେମାନଙ୍କର ପିତାମାତା ଓ ଅଭିଭାବକମାନଙ୍କୁ ଗୋଟିଏ ଏକରାରନାମା (ବଣ୍ଡ)ରେ ସ୍ୱାକ୍ଷର କରିବାକୁ ହୋଇଥାଏ । ଯଦି ତାଲିମପ୍ରାର୍ଥୀମାନେ ଅନୁଷ୍ଠାନର ନିୟମାବଳୀକୁ ପାଳନ ନ କରନ୍ତି ଓ ଅନୁଷ୍ଠାନରେ ଶୃଙ୍ଖଳା ରକ୍ଷା ନ କରନ୍ତି, ତାହାହେଲେ ସେମାନଙ୍କୁ ଅନୁଷ୍ଠାନରୁ ବାହାର କରିଦିଆଯିବ ଓ ତାଲିମ ସଂକ୍ରାନ୍ତ ସମସ୍ତ ବ୍ୟୟ ସମ୍ପୃକ୍ତ ପ୍ରାର୍ଥୀଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ନିକଟରୁ ଆଦାୟ କରାଯିବ । ବାଲେଶ୍ୱର ଶିଳ୍ପ-ତାଲିମ ଅନୁଷ୍ଠାନର ସମସ୍ତ ଛାତ୍ର ଏବଂ କଟକ ଓ ବ୍ରହ୍ମପୁରସ୍ଥ ତାଲିମ ଅନୁଷ୍ଠାନର କେତେକ ଛାତ୍ରଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଅନୁଷ୍ଠାନର ଛାତ୍ରମାନେ ଯଥେଷ୍ଟ ସଂଖ୍ୟାରେ ଯୋଗଦେଇ ନାହାନ୍ତି । ନିୟମ ଅନୁଯାୟୀ ଏହି ଛାତ୍ରମାନଙ୍କୁ ଅନୁଷ୍ଠାନରୁ ବହିଷ୍କାର କରିଦିଆଯାଇଛି ଓ ସେମାନଙ୍କର ଅଭିଭାବକ ଓ ପିତାମାତାଙ୍କଠାରୁ ତାଲିମ ସଂକ୍ରାନ୍ତ ବ୍ୟୟ ଆଦାୟ କରିବା ପାଇଁ ଆଇନଗତ ବ୍ୟବସ୍ଥା କରାଯିବ । କିନ୍ତୁ ପରିସ୍ଥିତିରୁ ଜଣାଯାଏ ଯେ ବର୍ତ୍ତମାନ ଦେଶର ଜରୁରିକାଳୀନ ପରିସ୍ଥିତିରେ ଅଧିକାଂଶ ଛାତ୍ର ଏ ଧରଣର କାର୍ଯ୍ୟକଳାପରେ ଲିପ୍ତ ରହିବାକୁ ଚାହାନ୍ତି ନାହିଁ । ତେଣୁ ତାଲିମପ୍ରାର୍ଥୀଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ତାଲିମ ଅନୁଷ୍ଠାନମାନଙ୍କରେ ପୁନର୍ବାର ଯୋଗଦାନ କରିବା ପାଇଁ ସମ୍ପୃକ୍ତ ଅଧ୍ୟକ୍ଷଙ୍କ ଅନୁମତି ପାଇଁ ଯଥାଶୀଘ୍ର ଆବେଦନ କରନ୍ତୁ ।

## ଅଟା ଓ ଅଟାଜାତ ଦ୍ରବ୍ୟର ବ୍ୟବହାର

ରାଜ୍ୟରେ ଅଟା ଓ ଅଟାଜାତ ଦ୍ରବ୍ୟର ବ୍ୟବହାର ଯେପରି ବହୁ ପରିମାଣରେ ବୃଦ୍ଧି ପାଇବ, ସେ ଦିଗରେ ଉଦ୍ୟମ କରିବା ପାଇଁ ଜିଲ୍ଲା କଲେକ୍ଟରମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି । ଏହି ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩୦୦ଟି ଖୁଚୁରା ଗହମ ବିକ୍ରୟ କେନ୍ଦ୍ର ଖୋଲାଯାଇଛି ଓ କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଗହମର ପରିମାଣ ୭୦୦୦ ଟନ୍‌କୁ ବଢ଼ାଇ ଦିଆଯାଇଛି ।

## ଓଡ଼ିଶାରେ ପର୍ଯ୍ୟଟନ ସୁବିଧାର ବିକାଶସାଧନ

ସ୍ୱରାଷ୍ଟ୍ର-ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ସଭାପତିତ୍ୱରେ ଗତ ମେ ମାସ ୧୩ ତାରିଖରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ବୋର୍ଡ଼ର ବୈଠକ ବସିଥିଲା ଓ ଉକ୍ତ ବୈଠକରେ ପର୍ଯ୍ୟଟନର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ୧୯୭୧-୭୨ ମସିହାରେ ୭୭୭୨ ବିଦେଶୀ ଓ ୧୫,୫୭୦ ଦେଶୀୟ ପର୍ଯ୍ୟଟକ, ୧୯୭୨-୭୩ ମସିହାରେ ୧୦,୮୮୯ ବିଦେଶୀ ଏବଂ ୧୭୯୫୭ ଦେଶୀୟ ପର୍ଯ୍ୟଟକ ଓଡ଼ିଶା ଭ୍ରମଣରେ ଆସିଥିଲେ । ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ବୁଲେଇ ମୋଟର ମାଲିକ ତଥା ହୋଟେଲ ପରିଚାଳକମାନଙ୍କ ସହଯୋଗକ୍ରମେ ଉପରୋକ୍ତ ପର୍ଯ୍ୟଟକମାନଙ୍କର ପରିଚର୍ଯ୍ୟା କରିଥିଲେ ।

ରାଜ୍ୟର ବିଭିନ୍ନ ହୋଟେଲରେ ପରିଷ୍କାର-ପରିଚ୍ଛନ୍ନତା ରକ୍ଷା କରାଯିବା ସଙ୍ଗେ ସଙ୍ଗେ ଉତ୍କୃଷ୍ଟ ଧରଣର ଖାଦ୍ୟପେୟ ପର୍ଯ୍ୟଟକମାନଙ୍କୁ ଯେ ମିଳିପାରିବ, ସେ ଦିଗରେ ଧ୍ୟାନ ଦିଆଯିବ । ଚ ସାଲ ରାଜ୍ୟରେ ୪ଟି ପର୍ଯ୍ୟଟନ କେନ୍ଦ୍ର ଖୋ ରି, ସେଗୁଡ଼ିକ ପୁରୀ, ଭୁବନେଶ୍ୱର, ସମ୍

ଭିଚ

ରାଉରକେଲାଠାରେ ଅବସ୍ଥିତ । ଏହାଛଡ଼ା କୋଣାର୍କ, ଲଳିତଗିରି, ବାଲେଶ୍ୱର ଓ ଗୋପାଳପୁରଠାରେ ଆଉ ୪ଟି ଏଭଳି କେନ୍ଦ୍ର ଖୋଲିବା ସକାଶେ ନିଷ୍ପତ୍ତି ଗ୍ରହଣ କରାଗଲା । ରାଉରକେଲା, ପାରାଦୀପ, ସିମୁଳିଆ-ପଦା, ହିରାକୁଦ ଓ କୋରାପୁଟର ଗୁରୁତ୍ୱ କ୍ରମେ ବୃଦ୍ଧି ପାଉଥିବାରୁ ସେ ସମସ୍ତ ସ୍ଥାନରେ ପର୍ଯ୍ୟଟକ-ମାନଙ୍କ ସକାଶେ ବିଶ୍ରାମାଗାରମାନ ନିର୍ମାଣ କରିବା ସକାଶେ ବୈଠକରେ ସ୍ଥିର ହୋଇଛି । ବର୍ତ୍ତମାନ ପୁରୀ ଓ ଭୁବନେଶ୍ୱରଠାରେ ଦୁଇଟି ବିଶ୍ରାମାଗାର ଖୋଲା-ଯାଇଛି ଓ ନିକଟରେ କୋଣାର୍କ ଓ ଭୁବନେଶ୍ୱରଠାରେ ଆଉ ଦୁଇଟି ବିଶ୍ରାମାଗାର ଖୋଲାଯିବ । ଏହାଛଡ଼ା ବାଲେଶ୍ୱରର ଚାନ୍ଦିପୁରଠାରେ ନିର୍ମାଣ କରାଯାଉଥିବା ବିଶ୍ରାମାଗାରର ନିର୍ମାଣ କାର୍ଯ୍ୟ ମଧ୍ୟ ନିକଟରେ ସମ୍ପୂର୍ଣ୍ଣ ହେବ । ଖୁବ୍ ଶୀଘ୍ର କୋଣାର୍କଠାରେ ବି ଆଉ ଗୋଟିଏ ବିଶ୍ରାମାଗାର ନିର୍ମାଣ କରାଯିବ । ତୃତୀୟ ଯୋଜନାରେ ରମ୍ଭା ନିକଟସ୍ଥ ଶଳାକାକୂଳରେ, ଗୋପାଳପୁର, ଲଳିତଗିରି ଓ ହୀରାକୁଦଠାରେ ବିଶ୍ରାମାଗାରମାନ ନିର୍ମାଣ କରିବା ପାଇଁ ବ୍ୟବସ୍ଥା ରହିଛି ।

ବିଶେଷତଃ ଶିଶୁ ତଥା ସ୍କୁଲଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ବାଲେଶ୍ୱରରେ ଗୋଟିଏ ପର୍ଯ୍ୟଟନ କେନ୍ଦ୍ର ଓ ଚାନ୍ଦିପୁରଠାରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ପ୍ରଦର୍ଶନ କରାଯିବା ସକାଶେ ଗୋଟିଏ ସ୍ଥାୟୀ ପ୍ରଦର୍ଶନୀ ମନ୍ଦିର ନିର୍ମାଣ କରିବା ପାଇଁ ବୈଠକରେ ପ୍ରସ୍ତାବ କରାଯାଇଛି । ଏହି ପ୍ରଦର୍ଶନୀ ମନ୍ଦିର ସ୍କୁଲଛାତ୍ରୀଙ୍କୁ ସାମରିକ ବିଜ୍ଞାନ ପ୍ରତି ବିଶେଷଭାବେ ଆକୃଷ୍ଟ କରିବ ।

କୋଣାର୍କ ମନ୍ଦିରର ସ୍ଥାପତ୍ୟ ତଥା ସୂକ୍ଷ୍ମ ...ଶିଳ୍ପକାର୍ଯ୍ୟ ଦେଖିବା ପାଇଁ ଦର୍ଶକଗଣଙ୍କୁ ମନ୍ଦିର ...ରକୁ ଉଠିବାକୁ ହୋଇଥାଏ । କିନ୍ତୁ ଏହା ଅତି ...ନ କାର୍ଯ୍ୟ ଓ ଆପଦପୂର୍ଣ୍ଣ । ତେଣୁ ମନ୍ଦିରଠାରେ ...ାର ପରିଶୁଳିତ ଗୋଟିଏ ଦର୍ଶନ ମନ୍ଦିର (ଅବ୍‌ଜରଭେଟୋରୀ) ନିର୍ମାଣ କରିବା କେତେଦୂର ସମ୍ଭବପର, ସେ ସମ୍ପର୍କରେ ପରୀକ୍ଷା କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି କରାଯାଇଛି ।

ଏହାଛଡ଼ା ଭୁବନେଶ୍ୱରଠାରେ ନିର୍ମାଣ କରାଯାଉଥିବା ନୂତନ ଷ୍ଟେସନ ଗୃହରେ ଗୋଟିଏ ପର୍ଯ୍ୟଟନ ସୂଚନା କେନ୍ଦ୍ର ଖୋଲିବା ପାଇଁ ରେଳବାଇ କର୍ତ୍ତୃପକ୍ଷଙ୍କଦ୍ୱାରା ଯେପରି ସ୍ଥାନର ବ୍ୟବସ୍ଥା କରାଯାଏ, ସେ ଦିଗରେ ମଧ୍ୟ ବୋର୍ଡ଼ ସୁପାରିଶ୍ କରିଛନ୍ତି ।

## ବାଧ୍ୟତାମୂଳକ
## ଅବସର-ଗ୍ରହଣ-ବୟସ ବୃଦ୍ଧି

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ବାଧ୍ୟତାମୂଳକ ଅବସର ଗ୍ରହଣ ବୟସ ୫୫ ବର୍ଷରୁ ୫୮ ବର୍ଷକୁ ବୃଦ୍ଧି କରାଯାଇଛି । ରାଜ୍ୟ ସରକାରଙ୍କ ଉପରୋକ୍ତ ନିଷ୍ପତ୍ତିକୁ ୧୯୬୨ ମସିହା ଡିସେମ୍ବର ୧ ତାରିଖଠାରୁ କାର୍ଯ୍ୟକାରୀ କରାଯିବ । ଏହାଫଳରେ ୧୯୬୨ ମସିହା ଡିସେମ୍ବର ୧ ତାରିଖ କିମ୍ବା ତାହାପରେ ଯେଉଁ କର୍ମଚାରୀଙ୍କ ବୟସ ୫୫ ବର୍ଷ ପୂରିଯାଉଥିଲା, ସେମାନେ ଏହି ସୁବିଧା ଉପଭୋଗ କରିପାରିବେ । ଏହାଛଡ଼ା ୧୯୬୨ ଡିସେମ୍ବର ୧ ତାରିଖ କିମ୍ବା ପରେ ଯେଉଁ କର୍ମଚାରୀମାନେ ଅବସର-ଗ୍ରହଣକାଳୀନ ଛୁଟିରେ ଥିବେ, ସେମାନେ ମଧ୍ୟ ଏହି ସୁବିଧା ପାଇପାରିବେ । ୧୯୬୨ ଡିସେମ୍ବର ୧ ତାରିଖ ପୂର୍ବରୁ ଯେଉଁ ସରକାରୀ କର୍ମଚାରୀମାନେ ଚାକିରିରୁ ଅବସର ଗ୍ରହଣ କରିଥିବେ, ସେମାନେ ଯଦି ଦକ୍ଷ ଓ ଡାକ୍ତରୀ ପରୀକ୍ଷାରେ ଉପଯୁକ୍ତ ବିବେଚିତ ହୁଅନ୍ତି, ତାହାହେଲେ ସେମାନଙ୍କର ପୁନର୍ନିଯୁକ୍ତି ବିଷୟ ବିଚାର କରାଯିବ ।

ଯେ କୌଣସି କର୍ମଚାରୀ ୫୫ ବର୍ଷ ପୂରିଯିବା ପରେ ନିଯୁକ୍ତିଦାତାଙ୍କ ନିକଟକୁ ୩ ମାସ ପୂର୍ବରୁ ନୋଟିସ୍ ଦେଇ ସ୍ୱଇଚ୍ଛାରେ ଅବସର ନେଇପାରିବେ ।

ସେହିପରି ଯେ କୌଣସି କର୍ମଚାରୀଙ୍କ ବୟସ ୫୫ ବର୍ଷ ପୂରିଯିବା ପରେ କୌଣସି କାରଣ ନ ଦର୍ଶାଇ ତାଙ୍କର ନିଯୁକ୍ତିକାରୀ ୩ ମାସ ପୂର୍ବରୁ ନୋଟିସ ଦେଇ ତାଙ୍କୁ ଅବସର ଗ୍ରହଣ କରିବାକୁ ବାଧ୍ୟ କରିପାରିବେ ।

● ●

## ଲୁଣିପାଣି ମାଡ଼ିଥିବା ଜମିର ଆବାଦ ବ୍ୟବସ୍ଥା

### ପୁରୀ ଜିଲ୍ଲା

ମଙ୍ଗଳାଯୋଡ଼ସ୍ଥ ବନ୍ଧକୁ ପଥର ଗ୍ରୁଣ୍ଟିଂ କରିବା ନିମନ୍ତେ ଆଦେଶ ଦିଆଯାଇଛି ଓ ସେହି କାର୍ଯ୍ୟ ସନ୍ତୋଷଜନକ ଭାବରେ ଆଗେଇ ଚାଲିଛି । ସୁନ୍ଦରାପୁର ପୋଲଡରୁ ଅଞ୍ଚଳରେ ଥିବା ଜମିକୁ ଆବାଦ କରିବା ନିମନ୍ତେ ସ୍ଥାନୀୟ ପ୍ରଜାମାନେ ସ୍ୱେଚ୍ଛାରେ ତାହାର ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଓ ସେହି କାର୍ଯ୍ୟ ବର୍ତ୍ତମାନ ହାତକୁ ନିଆଯାଇଛି ।

### ଗଞ୍ଜାମ ଜିଲ୍ଲା

ପ୍ରୟାଗୀ ଓ ପାଲୁରଠାରେ ମରାମତି କାର୍ଯ୍ୟ ହାତକୁ ନିଆଯାଇଛି । ସେଠାରେ ମାଟିକାମ ଖୁବ୍ ଅଗ୍ରଗତି କରିଛି । କେଶପୁର ବନ୍ଧରୁ ପଥର ଓ ମାଟି ବାହାର କରିସାରିବା ପରେ ଟ୍ରେଞ୍ଚ ଖୋଳିବା ପାଇଁ ପ୍ରୟାସ ଖୋଲାଯାଇଛି । ବନ୍ୟାଦ୍ୱାରା କ୍ଷତ ଘଟିଥିବା ପଥର ବନ୍ଧର ମରାମତି ପାଇଁ କେତେ ଖର୍ଚ୍ଚ ହେବ, ତାହାର ହିସାବ ପ୍ରସ୍ତୁତ କରାଯାଇଛି ।

## ଟ୍ରାକ୍ଟର ଓ ବୁଲଡୋଜରର ସାହାଯ୍ୟରେ ଜମି ଆବାଦ କରିବା ବ୍ୟବସ୍ଥା

ଜାନୁଆରୀ ମାସରେ କ୍ୟାଟ୍‌ଡି-୭ ବୁଲ୍‌ଡୋଜରର ସାହାଯ୍ୟରେ ୫୧ ଘଣ୍ଟା, ବସ୍ତୀଳଶିମୌଜାରେ ଅଲିଭର ବି. ଡି. ଏ. ଟ୍ରାକ୍ଟରର ସାହାଯ୍ୟରେ ୭୮ ଘଣ୍ଟା ଭୂଷକାର୍ଯ୍ୟ କରାଯାଇଛି ଓ ପରବର୍ତ୍ତୀ ଭୂଷକାର୍ଯ୍ୟରେ ୩ ଗୋଟି ମାସି ଫରଗ୍ୟୁସନ୍ ଟ୍ରାକ୍ଟର ସାହାଯ୍ୟରେ ୧୭୧ ଘଣ୍ଟା ଭୂଷକାର୍ଯ୍ୟ କରାଯାଇଛି । ସମ୍ବଲପୁର ଜିଲ୍ଲାରେ କେଟରପିଲର ଡି-୭ ବୁଲ୍‌ଡୋଜର ସାହାଯ୍ୟରେ ୨୫ ଏକର ଜମି ଆବାଦ କରାଯାଇଛି । କୋରାପୁଟ ଓ କଳାହାଣ୍ଡି ଜିଲ୍ଲାମାନଙ୍କରେ ଯଥାକ୍ରମେ ୯୭ ଓ ୩୭ ଘଣ୍ଟା ପାଇଁ ବୁଲ୍‌ଡୋଜରଗୁଡ଼ିକୁ କାର୍ଯ୍ୟରେ ଲଗାଯାଇଛି ।

## ବାଲି ମାଡ଼ିଯାଇଥିବା ଅଞ୍ଚଳର ଜମିଗୁଡ଼ିକୁ ଆବାଦ କରିବା ବ୍ୟବସ୍ଥା

୧୯୬୨ ମସିହା ଡିସେମ୍ବରରେ ଓ ୧୯୬୩ ମସିହା ଜାନୁଆରୀରେ ୧୩ଟି ଏମ୍. ଏଫ୍. ଟ୍ରାକ୍ଟର ସାହାଯ୍ୟରେ ୧୧୪ ଏକର ଜମିରୁ ବାଲି ବାହାର କରାଯାଇଛି ।

## ଡିଜେଲ ପମ୍ପ ସାହାଯ୍ୟରେ ଉଠା ଜଳସେଚନ ବ୍ୟବସ୍ଥା

କଟକ ଜିଲ୍ଲାରେ ୭୮ଟି ପମ୍ପ-ସେଟ୍ ସାହାଯ୍ୟରେ ୫୯୯ ଘଣ୍ଟାରେ ୧୫୩ ଏକର ଜମିରେ ଜଳସେଚନ କରାଯାଇଛି ।

ସମ୍ବଲପୁର ଜିଲ୍ଲାର ଚିପିଲିମା ଫାର୍ମରେ ୨୩୭ ଘଣ୍ଟା ପାଇଁ ୩ଟି ପମ୍ପିଂ ସେଟ୍‌କୁ ଏବଂ ବୁର୍ଲା ଓ ଗୁଡ଼ିପାଲି ଫାର୍ମରେ ୨ଟି ପମ୍ପିଂ ସେଟ୍‌କୁ ୧୮ ଘଣ୍ଟା ସକାଶେ ପାଣି ଉଠାଇବା କାର୍ଯ୍ୟରେ ଲଗାଯାଇଛି ।

● ●

## ଇଲେକ୍‌ଟ୍ରିକ୍ ପମ୍ପ ସାହାଯ୍ୟରେ ଉଠା ଜଳସେଚନ ବ୍ୟବସ୍ଥା

### ଗଞ୍ଜାମ ଜିଲ୍ଲା

ପୁରୁଷୋତ୍ତମପୁର ଓ ପଟ୍ଟନମପୁର ଅଞ୍ଚ[illegible] ପମ୍ପ ବସାଇବା କାର୍ଯ୍ୟ ଓ ନୂତନ ଫସଲ[illegible] ଯୋଗାଇବା ସକାଶେ ନୂତନ ବୁକ୍ଲେଟ [illegible]

କରିବା କାର୍ଯ୍ୟ ସ୍ଥଗିତ ରଖାଯାଇଛି । ଏହି ଅଞ୍ଚଳମାନଙ୍କରେ ଉଠା ଜଳସେଚନ ସମବାୟ ସମିତି ଗଠନ ହେବା ପରେ ଏହିସବୁ କାର୍ଯ୍ୟ କରାଯିବ ଓ ଏହା ଗଠନ କରିବା ନିମନ୍ତେ ଅଂଶ ମୂଳଧନ ସଂଗ୍ରହ କରାଯାଉଛି ।

ଆସ୍କାର ପ୍ରଥମ ଓ ଦ୍ୱିତୀୟ ବ୍ଲକ୍‌ରେ ଏ ପର୍ଯ୍ୟନ୍ତ ୯୮ଟି ପିଲ୍‌ଟର ପରୀକ୍ଷାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି ପମ୍ପ ସ୍ଥାପନ କରିବା ଅଞ୍ଚଳମାନଙ୍କରେ ଉଠା ଜଳସେଚନ ସମବାୟ ସମିତିମାନ ଗଠନ କରାଯାଉଛି ।

## କଟକ ଜିଲ୍ଲା

କେନ୍ଦ୍ରାପଡ଼ା, ଆଠମଲ୍ଲିକ, କପ୍ଳଳଶୀମୌଜା ଓ ବାଇଶିମୌଜାରେ ଏହି ଜଳସେଚନଦ୍ୱାରା ଉପକୃତ ହେଉଥିବା ଲୋକମାନଙ୍କଠାରୁ ଅଂଶ ମୂଳଧନ ସଂଗ୍ରହ କରିବା କାର୍ଯ୍ୟ ଆଗେଇ ଚାଲିଛି । ଏହି ଅଞ୍ଚଳମାନଙ୍କରେ ପମ୍ପ ଗୃହ ନିର୍ମାଣ କରିବା କାର୍ଯ୍ୟ ଓ ପାଇପ୍ ଲାଇନ୍ ଦେବା କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ଭାବରେ ଚାଲିଛି ।

## ସମ୍ବଲପୁର ଜିଲ୍ଲା

ସରକାରୀ କୃଷିକ୍ଷେତ୍ରକୁ ପାଣି ଯୋଗାଇଦେବା ନିମନ୍ତେ ଲହୁଦାଠାରେ ଦୁଇଟି ଇଲେକ୍ଟ୍ରିକାଲ ପମ୍ପ ସେଟ୍‌କୁ କାର୍ଯ୍ୟରେ ଲଗାଯାଇଛି । ପାହାଡ଼ ଗିରିଗିଡ଼ା ଓ ପ୍ରଧାନପାଲି ଉଠା ଜଳସେଚନ ପ୍ରୋଜେକ୍ଟର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି ।

## ୧୯୬୨ ମସିହାରେ ଲୁହାପଥର ଉତ୍ତୋଳନ

୯୬୧ ମସିହାରେ ଓଡ଼ିଶାରେ ୧୨୦·୨୭ ଲକ୍ଷ ଟନ୍ ଲୁହାପଥର ଉତ୍ତୋଳିତ ହୋଇଥିବା ୯୬୨ ମସିହାରେ ୧୩୦·୧୮ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ତୋଳନ କରାଯାଇଛି; ଅର୍ଥାତ୍ ପୂର୍ବବର୍ଷ ତୁଳନାରେ ୧୯୬୨ ମସିହାରେ ଲୁହାପଥର ଶତକଡ଼ା ଉତ୍ତୋଳନ ୭ ଭାଗ ବୃଦ୍ଧିପାଇଛି ।

ଲୁହାପଥର ଉତ୍ତୋଳନ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଓ ବିହାର ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଭାରତରେ ଉତ୍ତୋଳନ କରାଯାଉଥିବା ମୋଟ ଲୁହାପଥରର ଶତକଡ଼ା ୪୦ ଭାଗ ଓଡ଼ିଶାରୁ ଓ ଶତକଡ଼ା ୨୩ ଭାଗ ବିହାରରୁ ଉତ୍ତୋଳନ କରାଯାଉଛି ।

## ଭାରତରେ ଖଣିଜ ଦ୍ରବ୍ୟ ଉତ୍ତୋଳନ

ଭାରତୀୟ ଖଣି ବ୍ୟୁରୋଙ୍କ ହିସାବରୁ ଜଣାଯାଏ ଯେ ୧୯୬୨ ମସିହାରେ ଭାରତରେ ୧୮୬୮୦ ଲକ୍ଷ ଟଙ୍କା ମୂଲ୍ୟର ଖଣିଜଦ୍ରବ୍ୟ ଉତ୍ତୋଳନ କରାଯାଇଛି । ପୂର୍ବବର୍ଷ ଅର୍ଥାତ୍ ୧୯୬୧ ମସିହାରେ ୧୬୬୨୦ ଲକ୍ଷ ଟଙ୍କାର ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯାଇଥିଲା । କୋଇଲା, ସୁନା, ଚୂନପଥର ଓ ଲୁଣ ଇତ୍ୟାଦିର ଉତ୍ପାଦନ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଥିବାରୁ ଉତ୍ତୋଳନ କରାଯାଇଥିବା ଖଣିଜ ଦ୍ରବ୍ୟର ମୋଟ ମୂଲ୍ୟ ଶତକଡ଼ା ୧୨ ଭାଗ ବୃଦ୍ଧିପାଇଛି ।

ବିଭିନ୍ନ ଖଣିଜ ଦ୍ରବ୍ୟ ମଧ୍ୟରୁ କୋଇଲା ପ୍ରଥମ ସ୍ଥାନ ଅଧିକାର କରିଛି । ଆଲୋଚ୍ୟ ବର୍ଷ ମଧ୍ୟରେ ୧୩୩୮୦ ଲକ୍ଷ ଟଙ୍କା ମୂଲ୍ୟର କୋଇଲା ଉତ୍ତୋଳନ କରାଯାଇଛି; ଅର୍ଥାତ୍ ଭାରତରେ ଉତ୍ତୋଳନ କରାଯାଇଥିବା ଖଣିଜ ପଦାର୍ଥ ମୂଲ୍ୟର ଏହା ଶତକଡ଼ା ୭୨ ଭାଗ ଅଟେ ।

## ସମ୍ବଲପୁରରେ ନୂଆ ବେତାର ସରବରାହ କେନ୍ଦ୍ର ମେ ୨୭ ତାରିଖରୁ କାର୍ଯ୍ୟକାରୀ ହେଲା

ସମ୍ବଲପୁରଠାରେ ୧୯୬୩ ମେ ୨୭ ତାରିଖରୁ ଗୋଟିଏ ନୂଆ ମିଡିଅମ୍ ଓ୍ୱେଭ ବେତାର ସରବରାହ

କେନ୍ଦ୍ର କାର୍ଯ୍ୟକାରୀ ହେଲା । ବେତାର ପ୍ରସାର ବ୍ୟବସ୍ଥାର ଉନ୍ନତିବିଧାନ ପାଇଁ ବହୁ ସଂଖ୍ୟକ ସରବରାହ କେନ୍ଦ୍ର ସ୍ଥାପନ ଲାଗି ବର୍ତ୍ତମାନ ଯେଉଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି, ତଦନୁସାରେ ଏହି କେନ୍ଦ୍ରଟି ସ୍ଥାପିତ ହୋଇଛି । ଆକାଶ-ବାଣୀରୁ ଯାହାସବୁ ପ୍ରସାରିତ ହେଉଛି, ସେସବୁ ଏଭଳି ସରବରାହ କେନ୍ଦ୍ର ସାହାଯ୍ୟରେ ଅଧିକ ସଂଖ୍ୟକ ଶ୍ରୋତାଙ୍କ ନିକଟରେ ପହଞ୍ଚାଇ ଦେଇହେବ ।

ବର୍ତ୍ତମାନ ଓଡ଼ିଶାରେ କଟକଠାରେ ମାତ୍ର ଗୋଟିଏ ବେତାର ସରବରାହ କେନ୍ଦ୍ର ରହିଛି । ସମ୍ବଲପୁରଠାରେ ଏହି ନୂଆ ସାହାଯ୍ୟକାରୀ କେନ୍ଦ୍ରଟି ସ୍ଥାପିତହେବା ଫଳରେ ଓଡ଼ିଶାର ଉତ୍ତର-ପଶ୍ଚିମାଞ୍ଚଳ ଲୋକଙ୍କର ବହୁ ସୁବିଧା ହେବ । ଏହି ନୂଆ କେନ୍ଦ୍ରଟି ୩୪୮.୮ ମିଟର (୮୬୦ କିଲୋସାଇକଲ୍ସ)ରେ କାର୍ଯ୍ୟ କରିବ । ଏହାପରେ ଜୟପୁରଠାରେ ଆଉ ଗୋଟିଏ ବେତାର ସରବରାହ କେନ୍ଦ୍ର ସ୍ଥାପିତ ହେବ ।

●

## ଝୋଟ ଉତ୍ପାଦନ ବଢ଼ାଇବା ପାଇଁ ସହଜ ଉପାୟ

ଭାରତୀୟ ଝୋଟ ଗବେଷଣା ଅନୁଷ୍ଠାନ ପରୀକ୍ଷା-ଦ୍ୱାରା ଜାଣିପାରିଛନ୍ତି ଯେ ଇଉରିଆ ପାଣିରେ ଗୋଳାଇ ଝୋଟପତ୍ରରେ ଛିଞ୍ଚିଲେ ପିତା ନଳିତାର ଉତ୍ପାଦନ ୧୧୬ ଭାଗ ଓ ମଧୁର ନଳିତାର ଉତ୍ପାଦନ ୩୫ ଭାଗ ବଢ଼ିବ ।

ଝୋଟ ଉତ୍ପାଦନ ବଢ଼ାଇବା ପାଇଁ ଏହା ଗୋଟିଏ ସହଜ ଉପାୟ । ଇଉରିଆ ଶୀଘ୍ର ପାଣିରେ ମିଳାଇଯାଏ । ଏଥିରେ ଥିବା ଯବକ୍ଷାରଜାନ ନଳିତାଗଛ ଶୀଘ୍ର ଗ୍ରହଣ କରେ । ଗଛ ଶସ୍ୟଲ ହୋଇ ବଢ଼େ ।

ଏକରେ ପିତା ବା ମଧୁର ନଳିତା ଫସଲ ପାଇଁ ୨୦ କିଲୋଗ୍ରାମ ଇଉରିଆ ଆବଶ୍ୟକ ।

ଏହି ସାରକୁ ଦୁଇ ଦଫାରେ ପ୍ରୟୋଗ କରିବାକୁ ହେବ । ପ୍ରତି ଥରରେ ୫ କିଲୋଗ୍ରାମ ଇଉରିଆକୁ ୧୦୮ ଗ୍ୟାଲନ (କିରୋସିନ ଟିଣରେ ୨୭ ଟିଣ) ପାଣିରେ ଗୋଳାଇବାକୁ ହେବ ।

ଏକ ଟିଣ ପାଣିରେ ୧୦୮ ଗ୍ରାମ ଇଉରିଆ ଗୋଳାଇ ଛିଞ୍ଚିବ । ନଳିତା ଗଛ ୫।୬ ସପ୍ତାହର ହେଲେ ପ୍ରଥମ ଥର ଇଉରିଆ ପାଣି ପ୍ରୟୋଗ କରିବ ।

ତା ପରେ ପ୍ରତି ସପ୍ତାହ ଅନ୍ତରରେ ୨ୟ, ୩ୟ ଓ ଶେଷ ଥର ଇଉରିଆ ପ୍ରୟୋଗ କରିବ ।

ଏହି ଇଉରିଆ ପାଣି ସକାଳେ ପିଚକାରୀ କିଂବା ସ୍ପ୍ରେୟର ସାହାଯ୍ୟରେ ଛଳେଇ କରି ଦେବ; ଯେପରି ପତ୍ରର ତଳପଟରେ ସାରପାଣି ପଡ଼ିବ ।

ପ୍ରଥମ ଥର ପାଇଁ ଏହା ଏ ବର୍ଷ ପରୀକ୍ଷାମୂଳକ-ଭାବେ କରାଯାଉଅଛି । ତେଣୁ କୃଷି ଅଫିସର, କୃଷି ସଂପ୍ରସାରଣ ଅଫିସର ବା ଗ୍ରାମସେବକଙ୍କ ପରାମର୍ଶ ଅନୁସାରେ ସାବଧାନତା ସହ ଇଉରିଆ ପ୍ରୟୋଗ କରିବ ।

● ●

## ସଂସ୍କୃତର ବିକାଶସାଧନ ଲାଗି ଆର୍ଥିକ ସାହାଯ୍ୟ

୧୯୭୩-୭୪ ମସିହାରେ ସ୍ୱେଚ୍ଛାମୂଳକ ସଂସ୍କୃତ ସଂସ୍ଥା, ଅନୁଷ୍ଠାନ ଓ ପାଠଶାଳା ପ୍ରଭୃତିକୁ ଆର୍ଥିକ ସାହାଯ୍ୟ ଦେବାଲାଗି ପୂର୍ବରୁ ଯେଉଁ ସାହାଯ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି, ତାହାକୁ ବହାଲରଖିବା ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ନିଷ୍ପତ୍ତି କରିଛନ୍ତି ।

ଏହି ପରିକଳ୍ପନାନୁସାରେ ପ୍ରଧାନ ପ୍ରଧାନ ଓ ନିର୍ଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକ ପାଇଁ ଏକକାଳୀନ ଗ୍ରାଣ୍ଟ ପାଇ... ଲାଗି ଯେଉଁ ଦରଖାସ୍ତମାନ ମିଳିଥାଏ, ସାଧାର... ସେହିଗୁଡ଼ିକର ବିଚାର କରାଯାଏ । କିନ୍ତୁ ସାମାନ୍ୟ କେତେକ ବିଶେଷ କ୍ଷେତ୍ରରେ ପୌ... ର ଗ୍ରାଣ୍ଟ ପାଇଁ ମିଳିଥିବା ଦରଖାସ୍ତଗୁଡ଼ିକ

ହୋଇଥାଏ । ଏହା ବ୍ୟତୀତ ସଂସ୍କୃତ ପୁସ୍ତକ କିଣିବା ଓ ବିଶିଷ୍ଟ ଲେଖକଙ୍କ ଲେଖାଗୁଡ଼ିକୁ ପ୍ରକାଶ କରିବା ଦିଗରେ ଆର୍ଥିକ ସାହାଯ୍ୟ ପାଇବା ଲାଗି ଯେଉଁ ଦରଖାସ୍ତମାନ ମିଳିଥାଏ, ସରକାର ସେଗୁଡ଼ିକର ମଧ୍ୟ ବିଚାର କରିଥାନ୍ତି । ମାତ୍ର ଏହି ଅନୁଷ୍ଠାନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କୌଣସି ସାହାଯ୍ୟ ଦିଆଯାଏ ନାହିଁ । ଜାଗାସ୍ଥ ଜରୁରିକାଳୀନ ପରିସ୍ଥିତିରେ କୋଠାବାଡ଼ି ନିର୍ମାଣ ପାଇଁ ଗ୍ରାଣ୍ଟମଞ୍ଜୁରି ସ୍ଥଗିତ ରଖିବା ନିମନ୍ତେ ନିଷ୍ପତ୍ତି କରାଯାଇଛି ।

ପୁସ୍ତକ ପ୍ରକାଶ ଓ ଖରିଦ ପାଇଁ ମିଳିଥିବା ଦରଖାସ୍ତ ବ୍ୟତୀତ ଅନ୍ୟାନ୍ୟ ଉଦ୍ଦେଶ୍ୟ ନିମିତ୍ତ ଦରଖାସ୍ତମାନ ନିର୍ଦ୍ଦିଷ୍ଟ ଫର୍ମରେ ରାଜ୍ୟ ସରକାରଙ୍କ ଜରିଆରେ ଭାରତ ସରକାରଙ୍କ ନିକଟରେ ୧୯୬୩ ମସିହା ଜୁଲାଇ ୧୫ ତାରିଖ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଯେଉଁ ଦରଖାସ୍ତଗୁଡ଼ିକ ଅସଂପୂର୍ଣ୍ଣ ହୋଇଥିବ କିଂବା ଯେଉଁ ଦରଖାସ୍ତ ନିର୍ଦ୍ଦିଷ୍ଟ ତାରିଖ ପରେ ମିଳିଥିବ, ସେଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ପୁସ୍ତକ ଖରିଦ କରିବା ଓ ପୁସ୍ତକ ପ୍ରକାଶ କରିବା ଉଦ୍ଦେଶ୍ୟରେ ଗ୍ରାଣ୍ଟ ପାଇଁ ଦରଖାସ୍ତମାନ ଏଥିପାଇଁ ମିଳୁଥିବା ସ୍ୱତନ୍ତ୍ର ଫର୍ମରେ ପୂରଣ କରି ପଠାଇବାକୁ ହେବ । ଏହି ଦରଖାସ୍ତଗୁଡ଼ିକ ଭାରତ ସରକାରଙ୍କ ନିକଟକୁ ସିଧାସଳଖ ମଧ୍ୟ ପଠାଯାଇ ପାରିବ ।

ଅନୁରୋଧକ୍ରମେ "ସ୍ପେସିଆଲ ଅଫିସର (ସାଂସ୍କୃତିକ) ମିନିଷ୍ଟ୍ରି ଅଫ୍ ଏଜୁକେସନ, ନୂଆଦିଲ୍ଲୀ-୨"ଙ୍କଠାରୁ ନିର୍ଦ୍ଦିଷ୍ଟ ଦରଖାସ୍ତ ଫର୍ମମାନ ଓ ତତ୍‌ସମ୍ପର୍କୀୟ ନିୟମାବଳୀ ମିଳିପାରିବ ।

●

...ଶାର
...ବା ସମର ଶିକ୍ଷାର୍ଥୀଙ୍କ କୃତିତ୍ୱ

...ମଇ ୧୩ ତାରିଖଠାରୁ ୨୪ ତାରିଖ ପର୍ଯ୍ୟନ୍ତ ...ଠାରେ ଯେଉଁ ନିଖିଳ ଭାରତ ଗ୍ରୀଷ୍ମାବକାଶ

...ସ୍ଥିଙ୍ଗ

ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା, ସେଥିରେ ଓଡ଼ିଶାରୁ ଏନ୍. ସି. ସି. ସିନିଅର ଡିଭିଜନର ବାଳକ ବାହିନୀ ଯୋଗ ଦେଇଥିଲେ । ଏମାନଙ୍କ ନେତୃତ୍ୱରେ ଯାଇଥିବା ସିନିଅର ଅଣ୍ଡର ଅଫିସର ଉତ୍ତମ ଦାସ ଓଡ଼ିଶା ବାହିନୀର ସୂଚକ ତଥା ଶିବିରର ପରିଚାଳକ (ଆଡ଼ଜୁଟାଣ୍ଟ) ନିର୍ବାଚିତ ହୋଇଥିଲେ । ଏହି ଶିବିରରେ ହୋଇଥିବା ରାଇଫଲ୍-ଚାଳନା ଓ ଆମୋଦ-ପ୍ରମୋଦ ପ୍ରତିଯୋଗିତାରେ ଓଡ଼ିଶାର ୮ ଜଣ ବାଳକ ସମରଶିକ୍ଷାର୍ଥୀ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଛନ୍ତି ।

● ●

## ରାସ୍ତାରେ ଦୁର୍ଘଟଣା ନିରାକରଣ ପାଇ ସ୍ୱତନ୍ତ୍ର ଅଭିଯାନ

ଆଜିକାଲି ରାସ୍ତାମାନଙ୍କରେ ଯେପରିଭାବେ ମଟର-ଦୁର୍ଘଟଣାସଂଖ୍ୟା ବଢ଼ିଚାଲିଛି, ସେଥିରେ ଉଦ୍‌ବିଗ୍ନ ହୋଇ ଓଡ଼ିଶା ସରକାର ଦୁରନ୍ତ ବେପରୁଆ ଓ ଯଥେଚ୍ଛା ଗାଡ଼ି ଚଳାଇବା ବିରୁଦ୍ଧରେ ସକ୍ରିୟ ପ୍ରତିବିଧାନ କରିବା ପାଇଁ ପୋଲିସ ଅଫିସର-ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଉଦ୍ଦେଶ୍ୟରେ ଡେପୁଟୀ ଇନ୍‌ସପେକ୍ଟର ଜେନେରାଲ ଓ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟଙ୍କ ସମେତ ସବୁ ପୋଲିସ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ନିଜେ ଗାଡ଼ି ଚଳାଚଳ ଯାଞ୍ଚ କରିବେ ଏବଂ ଦୁର୍ଘଟଣା ନିରାକରଣ ପାଇଁ ଧାରାବାହିକ ଓ ଅବିଚ୍ଛିନ୍ନ ଉଦ୍ୟମ ଚଳାଇବେ ।

ଗତ ମଇ ମାସରେ ଭୁବନେଶ୍ୱରରେ ପୋଲିସ ଅଫିସର-ମାନଙ୍କର ଗୋଟିଏ ସଭାରେ ସ୍ୱରାଷ୍ଟ୍ର ବିଭାଗର ସେକ୍ରେଟେରୀ, ପୋଲିସ ଆଇ. ଜି., ଡ଼ି. ଆଇ. ଜି. ଓ

ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏ ସମ୍ପର୍କରେ ଆଲୋଚନା କରି ସମଗ୍ର ରାଜ୍ୟରେ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା ଜୋରସୋରରେ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ ।

ସରକାର ସ୍ଥିର କରିଛନ୍ତି ଯେ ଏଣିକି ଗାଡ଼ି ଡ୍ରାଇଭରମାନେ ମଟରଗାଡ଼ି ଚଳାଚଳ ନିୟମାବଳୀ ମାନି ଚଳୁଛନ୍ତି କି ନା ଏବଂ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଉଛନ୍ତି କି ନା, ତାହା ଯାଞ୍ଚ କରିବା ପାଇଁ ନିସ୍ୱାଲ ପୋଲିସମାନଙ୍କୁ ଜିପ୍ ଓ ମଟର-ସାଇକେଲରେ ବଡ଼ ବଡ଼ ରାସ୍ତାରେ ପଠାଇବେ । ବଡ଼ ବଡ଼ ସହର ଓ ଶିଳ୍ପ-କେନ୍ଦ୍ରର ପ୍ରବେଶ ଓ ନିର୍ଗମ ରାସ୍ତାରେ ସତର୍କତାର ସହକାରେ ମୁତୟନ କରାଯିବେ । ସେମାନେ ସେହି ସବୁ ଛକ ଜାଗାମାନଙ୍କରେ ତଦାରଖ ଓ ଗାଡ଼ି ଡ୍ରାଇଭରମାନଙ୍କୁ ମାଇକ୍ରୋଫୋନ ଯୋଗେ ନିର୍ଦ୍ଦେଶ ଦେବେ । ପୋଲିସ ଅଫିସରମାନଙ୍କ ନଜରରେ ଅଧିକା ଗତି କିମ୍ବା ବେପରୁଆ ଗାଡ଼ି ଚଳାଚଳର କୌଣସି ଘଟଣା ପଡ଼ିଲେ ସେମାନେ ସଙ୍ଗେ ସଙ୍ଗେ ଅପରାଧୀ ଡ୍ରାଇଭରକୁ ଲିଖିତଭାବରେ ସାବଧାନ କରିଦେବେ । ବାରମ୍ବାର ଆଇନ ଭଙ୍ଗ ହେବା କ୍ଷେତ୍ରରେ ଡ୍ରାଇଭିଂ ଲାଇସେନସ୍ ରଦ୍ଦ କରିଦେବା ପାଇଁ କାର୍ଯ୍ୟାନୁଷ୍ଠାନ କରାଯିବ । ଏ ବିଷୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା-ମାଜିଷ୍ଟ୍ରେଟମାନଙ୍କୁ ପରାମର୍ଶ ଦିଆଯାଇଛି ।

● ●

## ଗୃହରକ୍ଷୀମାନଙ୍କୁ ସିଲ୍ଡ଼ ପ୍ରଦାନ

ଗତ ମଇ ୨୪ ତାରିଖରେ ସମବାୟ ଓ ମତ୍ସ୍ୟ-ବିଭାଗର ଉପମନ୍ତ୍ରୀ ଶ୍ରୀ ସନ୍ତୋଷ କୁମାର ସାହୁ ବାରିପଦା ଗୃହରକ୍ଷୀବାହିନୀର ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କର ଜନରାଜ୍ୟ ଦିବସର ରନିଂ ସିଲ୍ଡ଼ ଉପହାର ପ୍ରଦାନ କରିଥିଲେ ।

୧୯୭୩ ମସିହାରେ ଜନରାଜ୍ୟ ଦିବସ ପ୍ୟାରେଡ଼ରେ ବାରିପଦାର ଗୃହରକ୍ଷୀବାହିନୀ ରାଜ୍ୟର ସବୁ ବାହିନୀଙ୍କ ମଧ୍ୟରେ ପ୍ୟାରେଡ଼ ପାଇଁ ଶ୍ରେଷ୍ଠ ବିବେଚିତ ହୋଇଥିଲେ ।

ଏହି ଉପଲକ୍ଷେ ୨୪।୫।୧୯୭୩ ସକାଳ ୮ଟା ସମୟରେ ବାରିପଦା ପୋଲିସ ପାରେଡ୍ ଗ୍ରାଉଣ୍ଡରେ ଗୋଟିଏ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ସେଠାରେ ଗୃହରକ୍ଷୀବାହିନୀଙ୍କ ମାର୍ଚ୍ଚ-ପାଷ୍ଟ ପରିଦର୍ଶନ କଲାପରେ ଉପମନ୍ତ୍ରୀ ଶ୍ରୀ ସାହୁ ଗୃହରକ୍ଷୀ ବାହିନୀର ନେତା ଶ୍ରୀ ଚରଣ କୁମାର ଦାସଙ୍କୁ ସିଲ୍ଡ଼ ପ୍ରଦାନ କରିଥିଲେ ।

ମୟୂରଭଞ୍ଜ ଜିଲ୍ଲାର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ କେ. କେ. ପଟ୍ଟନାୟକ ଓ କଲେକ୍ଟର ଶ୍ରୀ ଏସ. କେ. ପାଲିତ ଯଥାକ୍ରମେ ପ୍ରାରମ୍ଭିକ ଭାଷଣ ଓ ଧନ୍ୟବାଦାର୍ପଣ କରିଥିଲେ । ଉପମନ୍ତ୍ରୀ ଶ୍ରୀ ସାହୁ ଉପସ୍ଥିତ ଗୃହରକ୍ଷୀମାନଙ୍କୁ ଏକ ଭାଷଣରେ ଆବେଦନ କରିଥିଲେ ଯେ, ଏ ଗୃହରକ୍ଷୀମାନେ ଦେଶର ଲୋକ-ସାଧାରଣଙ୍କ କଲ୍ୟାଣ କାମନାରେ ନିଜ ନିଜର ଜୀବନ ଉତ୍ସର୍ଗ କରିବା ଉଚିତ ।



# ଯୋଜନା ଓ ପ୍ରୟୋଜନ

ଗତ ୧୩।୬।୧୯୬୩ ରାତ୍ର ଘ ୮।୨୦ ମିନିଟରେ
ଆକାଶବାଣୀର କଟକ କେନ୍ଦ୍ରରୁ
ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଭାଷଣ

## ଖାଦ୍ୟ-ଅଭ୍ୟାସର ପରିବର୍ତ୍ତନ ଲୋଡ଼ା

● ●

ଆମର ଜାତି ଘୋର ସଙ୍କଟ ମଧ୍ୟରେ ଗତି କରୁଛି । ଗୋଟିଏ ଆକ୍ରମଣକାରୀ ଏହି ସଙ୍କଟ ଘଟାଇଛି ଏବଂ ଦେଶ ଏହାର ଜବାବ ଦେବାକୁ ବଦ୍ଧପରିକର । ପ୍ରତ୍ୟେକ କ୍ଷେତ୍ରରେ ଆମେ ସମସ୍ତେ ଏ ସମ୍ବନ୍ଧରେ ଆତ୍ମବିଶ୍ଳେଷଣ କରୁଁ । ପ୍ରଥମେ ପ୍ରଥମେ ଜାତି କ୍ଷୁବ୍ଧ ହେଲେହେଁ କୌଣସି କ୍ଷେତ୍ରରେ ଦେଶର ଭବିଷ୍ୟତ ଉପରେ ବିଶ୍ୱାସ ଓ ଆଶା ହରାଇବାର ଚିହ୍ନମାତ୍ର ଦେଖାଯାଇ ନ ଥିଲା ।

...ଯୁଦ୍ଧର ଗୋଳା ଓ ବାରୁଦ ଭିତରୁ ଗୋଟାଏ ...ର ଆବିର୍ଭାବ ହେଲା । ସେ ଏକ ଜାତି, ...ବଳ ତାର ପରିକଳ୍ପିତ ଯୋଜନାକୁ ପୂର୍ଣ୍ଣ କରିବ ତା ନୁହେଁ, ସୁଦୃଢ଼ ସମ୍ମୁଖୀନ ହେବାଲାଗି ବିରାଟ ସାମରିକ ଶକ୍ତି ପ୍ରସ୍ତୁତରେ ମଧ୍ୟ ସେ ବ୍ୟସ୍ତ । ଆମକୁ ମନେ ରଖିବାକୁ ହେବ ସେ ଗୋଟିଏ ଦେଶକୁ ପରାଜିତ କରିବାକୁ ଶତ୍ରୁ କେବଳ ସଶସ୍ତ୍ର ଆକ୍ରମଣ କରେ ନାହିଁ । କମ୍ୟୁନିଷ୍ଟ ଚୀନ ପରି ଶତ୍ରୁ କେବଳ ଯେ ଯୁଦ୍ଧ ଦ୍ୱାରା କାର୍ଯ୍ୟ କରେ ତାହା ନୁହେଁ, ଦୁ[illegible] ଘଟାଇବା ସହିତ ଯଥେଷ୍ଟ ପ୍ରବଞ୍ଚନାର ଆଶ୍ରୟ ମଧ୍ୟ ନିଏ । ସୁତରାଂ ସଶସ୍ତ୍ର ଆକ୍ରମଣ ସହିତ ଦେଶରେ ବିଶୃଙ୍ଖଳା ଘଟାଇବାର ଚେଷ୍ଟା ଓ ମିଥ୍ୟା ପ୍ରଚାରର ସମ୍ମୁଖୀନ ହେବା ପାଇଁ ଆମକୁ ଶାରୀରିକ ଓ ମାନସିକ ପ୍ରସ୍ତୁତି ଲାଗି ଉଦ୍ୟମ ଚଳାଇବାକୁ ହେବ । ହିମାଳୟ ସେତେବେଳେ ଆମର ଉତ୍ତରାଞ୍ଚଳର ଜାଗ୍ରତ ପ୍ରହରୀ–

ଦୃଢ଼ ଠିଆ ହୋଇଥିଲୁ, ସେତେବେଳେ ଯେଉଁ ଭାବରେ ଆମେ କାର୍ଯ୍ୟ କରିଥିଲୁ, ସେପରି କାର୍ଯ୍ୟ କରିବା ସମୟ ଆଜି ଆଉ ନାହିଁ । ରାଜନୈତିକ ନେତା ଓ କର୍ମକ୍ଷେତ୍ରରେ ଲୋକେ ସମସ୍ତ ସମୟରେ ଶସ୍ତା ଲୋକପ୍ରିୟତା ଲାଭ କରିବାକୁ ଚେଷ୍ଟା କରି ଜନତା ଉପରେ ସ୍ଥାୟୀଭାବରେ ମନ୍ଦ ପ୍ରଭାବ ପକାଇବାକୁ କୁଣ୍ଠା ପ୍ରକାଶ କରି ନାହାନ୍ତି । ସରକାରରେ ହେଉ ବା ବିରୋଧି ଦଳରେ ହେଉ, ଆମ୍ଭମାନଙ୍କ ଭିତରୁ ଯେଉଁମାନେ ରାଜନୈତିକ ନେତା ଓ କର୍ମକ୍ଷେତ୍ରରେ ପ୍ରବେଶ କରିବାର ବିଶେଷ ସୁଯୋଗ ପାଇଛୁ, ସେମାନଙ୍କୁ ଜାତି ଓ ଦେଶ ଗଠନ ଲାଗି ଦାୟିତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିବାକୁ ହେବ । ଆମ୍ଭମାନଙ୍କର ସବୁବେଳେ ସଜାଗ ରହିବା ଉଚିତ । କାରଣ ଆମେ ଯାହା କହୁ, ତା ସମସ୍ତେ ଶୁଣନ୍ତି ଏବଂ ଆମର ଚିନ୍ତାଧାରା ଲୋକଙ୍କର ପ୍ରଭୂତ ଉନ୍ନତି ଘଟାଇପାରେ ବା ଘୋର ବିଶୃଙ୍ଖଳା ମଧ୍ୟ ସୃଷ୍ଟି କରିପାରେ । ଦେଶପ୍ରାଣ ନିସ୍ୱାର୍ଥପର ଓ ଦୂରଦୃଷ୍ଟି-ସମ୍ପନ୍ନ ଲୋକ ହିସାବରେ ଆମକୁ ବୁଦ୍ଧି ଓ ବିବେକ ସହିତ କାର୍ଯ୍ୟ କରିବାକୁ ହେବ ।


ଗତ କେତେ ଦିନ ଧରି ମୁଁ ଲକ୍ଷ୍ୟ କରି ଆସିଛି ଯେ ବିରୋଧୀଦଳର କେତେକ ରାଜନୈତିକ ନେତା ଖାଦ୍ୟ ପରିସ୍ଥିତି ନେଇ ସରକାରଙ୍କ ବିରୁଦ୍ଧରେ ଘୋର ଅପପ୍ରଚାର ଚଳାଇଛନ୍ତି । ମୁଁ ସେମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାକୁ ଚାହେଁ—ଅର୍ଦ୍ଧ-ସତ୍ୟ ଓ ମିଥ୍ୟା ପ୍ରଚାରଦ୍ୱାରା ସରକାରଙ୍କୁ ନିନ୍ଦା କରି ଲୋକଙ୍କର ଉପକାର ହେଉଛି କି ? ଅନାହାରରେ କେହି ନ ମରିଥିବା, ତିନିଜଣ ଅନାହାରରେ ମରିଥିବା ସମ୍ବାଦ କାହିଁକି ପ୍ରଚାର କରାଯାଉଛି ।

ମୁଁ ଅନେକ ଥର କହିଛି ଯେ ଗତ ବର୍ଷର ଭୀଷଣ ମରୁଡ଼ିଯୋଗୁ ଓଡ଼ିଶାର ଖାଦ୍ୟ ଉତ୍ପାଦନ କମି-ଯାଇଥିଲା । କିନ୍ତୁ ମୁଁ ମଧ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଥିଲି ଯେ ଲୋକଙ୍କ ଦରକାର ଅନୁସାରେ ଖାଦ୍ୟ ଯୋଗାଇ ଦିଆଯିବ । ଖାଦ୍ୟର ଦରଦାମ କେତେବେଳେ କେମିତି କମ୍ ବେଶି ହୋଇପାରେ; କିନ୍ତୁ ଏଥିରେ ଆତଙ୍କିତ ହେବାର କୌଣସି କାରଣ ନାହିଁ ।

ପରିସ୍ଥିତିକୁ ପୂର୍ଣ୍ଣ ଉପଲବ୍ଧି କରି ସରକାର ସମ୍ବଲପୁର ଓ କଟକ ଜିଲାର ଜଳସେଚିତ ଅଞ୍ଚଳମାନଙ୍କରେ ଡାଲୁଆ ଚାଷ କରାଇବାକୁ ବିଶେଷ ଉଦ୍ୟମ କରିଥିଲେ । ଲୋକଙ୍କର ମନେ ଥିବ, ସରକାରଙ୍କ ଏହି ନୀତି ବିରୁଦ୍ଧରେ ପ୍ରଚାର ଚଳାଇଥିଲେ ଏବଂ ଏହି ଅଞ୍ଚଳର ଚାଷୀମାନଙ୍କୁ ଜଳପାଣି ବ୍ୟବହାର ନ କରିବା ପାଇଁ ଓ ଡାଲୁଆ ଚାଷ ନ କରିବାକୁ ପ୍ରବର୍ତ୍ତାଇ ଥିଲେ । ଏହି ଅନିଷ୍ଟମୂଳକ ପ୍ରଚାର ବଦଳରେ ଯଦି ବିରୋଧୀ ଦଳମାନେ ଦାୟିତ୍ୱପୂର୍ଣ୍ଣ ଦେଶବାସୀଭାବରେ ସରକାରଙ୍କ ସହିତ ପୂରାପୂରି ସହଯୋଗ କରିଥାନ୍ତେ, ତାହାହେଲେ ଲକ୍ଷେ ପଚାଶ ହଜାର ଏକର ପରିବର୍ତ୍ତରେ ତିନି ଲକ୍ଷ ପଚାଶ ହଜାର ଏକର ଜମିରେ ଆଜି ଡାଲୁଆ ଚାଷ ଓଡ଼ିଶାରେ ହୋଇଥାନ୍ତା । ଏବେ ସୁଦ୍ଧା ଯାହା ହୋଇଛି, ତାହା ଏକ କୃତିତ୍ୱ କହିଲେ ଚଳେ ଏବଂ ଏ ବର୍ଷର ଡାଲୁଆ ଚାଷରୁ ଆମେ ୪୦,୦୦୦ରୁ ୫୦,୦୦୦ ଟନ୍ ଅଧିକ ଚାଉଳ ପାଇବୁ—ଯାହାକି ନିଅଣ୍ଟ ସମସ୍ୟାର ଆବଶ୍ୟକତା ମେଣ୍ଟାଇବା ଦିଗରେ ଯଥେଷ୍ଟ ସାହାଯ୍ୟ କରିବ । ଆଉ ଯଦି ତିନି ଲକ୍ଷ ପଚାଶ ହଜାର ଏକର ଜମିରେ ଡାଲୁଆ ଚାଷ କରାଯାଇଥାନ୍ତା, ଆମେ ଆଜି ଆହୁରି ଏକଲକ୍ଷ ଟନ୍ ଅଧିକ ଚାଉଳ ପାଇଥାନ୍ତୁ । ଖାଦ୍ୟ ଉତ୍ପାଦନରେ ଏହିପ୍ର[illegible] ଭୀଷଣ କ୍ଷତି ଘଟାଇବାରେ ଯେଉଁ ରାଜ[illegible] ଦଳମାନେ ଓ ଲୋକମାନେ ଦାୟୀ, ବିଶେଷ[illegible] ଜନିତ ପରିସ୍ଥିତି ସମ୍ପର୍କରେ ସେମାନେ [illegible]ର ଦରବାରରେ ଦୋଷୀ ସାବ୍ୟସ୍ତ ହେବାକୁ [illegible]

ନିଅଣ୍ଟିଆ ଅଞ୍ଚଳକୁ ଖାଦ୍ୟ ପଠାଇବାକୁ ସରକାରଙ୍କ ପାଖରେ ଯଥେଷ୍ଟ ଖାଦ୍ୟ ମହଜୁଦ ଅଛି ଏବଂ କେନ୍ଦ୍ର ଖାଦ୍ୟମନ୍ତ୍ରୀ ମଧ୍ୟ ମୋତେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି, ସେ ଯେ କୌଣସି ଜରୁରି ପରିସ୍ଥିତିର ସମ୍ମୁଖୀନ ହେବାଲାଗି ସାହାଯ୍ୟ କରିବେ । ଆସନ୍ତା ଛଅ ସାତ ମାସ ଲାଗି ଆମର ମାସକୁ ଅଧିକା ପାଞ୍ଚରୁ ଦଶ ହଜାର ଟନ୍ ଚାଉଳ ଦରକାର । ବର୍ତ୍ତମାନ ଆମ ପାଖରେ ଷାଠିଏ ହଜାର ଟନ ଚାଉଳ ମହଜୁଦ ଅଛି । ଯଦିବା ଆମର କେବେ ଦରକାର ହୁଏ, ଆମେ କେନ୍ଦ୍ର ସରକାରଙ୍କ ଠାରୁ ସେହି ପରିମାଣର ଅଧିକା ଚାଉଳ ମଧ୍ୟ ପାଇପାରିବୁ ।

ମୁଁ ଏହି ସୁଯୋଗରେ ଦେଶବାସୀଙ୍କୁ ଓଡ଼ିଶା ରାଜ୍ୟ ପ୍ରତିରକ୍ଷା ଓ ନାଗରିକ ପରିଷଦର ପରାମର୍ଶ ଅନୁଯାୟୀ ପୂର୍ଣ୍ଣପ୍ରାଣରେ କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି । ପରିଷଦ ଓଡ଼ିଶାର ଜନସାଧାରଣଙ୍କୁ ଚାଉଳ ପରିବର୍ତ୍ତେ ଅଧିକରୁ ଅଧିକ ଗହମ ଖାଇବାକୁ ନିବେଦନ କରିଛନ୍ତି । କାରଣ, ଅନୁଭବ କରାଗଲା ଯେ ଚାଉଳ ନିଅଣ୍ଟ ପଡ଼ିବାର ଆଶଙ୍କାଯୋଗୁ ବର୍ତ୍ତମାନ ଚାଉଳ ଦାମ ଯେପରି ଭାବରେ ବୃଦ୍ଧି ପାଉଛି, ତାର ସମ୍ମୁଖୀନ ହେବାକୁ ଅଧିକ ଗହମ ଓ ଗହମଜାତ ପଦାର୍ଥ ଖାଇବା ଆବଶ୍ୟକ । ଖାଦ୍ୟ-ଅଭ୍ୟାସ ପରିବର୍ତ୍ତନ ଫଳରେ ସମାଜଦ୍ରୋହୀ ଲୋକମାନଙ୍କ ପକ୍ଷରେ ଦରଦାମ ବୃଦ୍ଧି କରିବା କଷ୍ଟକର ହେବ । ତାହାଛଡ଼ା ଆମେ ସମସ୍ତେ ଜାଣୁ, ଚାଉଳ ଅପେକ୍ଷା ଗହମରେ ଅଧିକ ...ମାଣରେ ପ୍ରୋଟିନ୍, ଲୌହ ଅଂଶ ଓ କାଲସିଅମ୍ ... ସେଥିପାଇଁ ଏହା ଉତ୍ତମ ଶରୀରଗଠନ, ...ରଣ, ଅଧିକ ରକ୍ତ ସୃଷ୍ଟି ଓ ହାଡ଼ ଗଠନ ...ହାଯ୍ୟ କରେ । ଏହା ଆମର ଭୁଲିଯିବା ... ଯେ ଆମ ଖାଦ୍ୟ-ଅଭ୍ୟାସ ଉପରେ ...ତ ବଂଶଧରଙ୍କ ସ୍ୱାସ୍ଥ୍ୟ ବହୁପରିମାଣରେ ନିର୍ଭର କରେ । ସବୁଠାରୁ ବଡ଼ କଥା ହେଲା ଯେ ଗହମ, ଚାଉଳଠାରୁ ଅଧିକ ଶସ୍ତାରେ ମିଳୁଛି । ସେଥିପାଇଁ ଓଡ଼ିଶା ପ୍ରତିରକ୍ଷା ଓ ନାଗରିକ ପରିଷଦଙ୍କର ନିବେଦନକୁ ଲୋକେ ଧୀରସ୍ଥିର ଭାବରେ ବିଚାର କରି କାର୍ଯ୍ୟରେ ପରିଣତ କରିବା ଦରକାର ।



ମୁଁ ଜାଣେ ଓଡ଼ିଶାର ବିଚାରଶୀଳ ଜନତା ଖାଦ୍ୟ ପରିସ୍ଥିତି ସମ୍ପର୍କରେ କୌଣସି ପ୍ରକାର ରାଜନୈତିକ ପ୍ରଚାରର ଶିକାର କଦାପି ହେବେ ନାହିଁ । ପଶ୍ଚିମ-ବଙ୍ଗଳାକୁ ଚାଉଳ ଓ ଧାନ ନ ପଠାଇବା ଲାଗି ବେଳେ ବେଳେ ମତାମତ ପ୍ରକାଶ ପାଉଛି । ପ୍ରକୃତରେ କେନ୍ଦ୍ର ଆଦାୟ ପରିମାଣ ବୃଦ୍ଧି କରି ଓଡ଼ିଶା ସରକାର ପଶ୍ଚିମ-ବଙ୍ଗଳାକୁ ଯାଉଥିବା ଧାନଚାଉଳ ପରିମାଣ କମାଇ ଦେବାରେ ସଫଳ ହୋଇଛନ୍ତି । ଗତ ଫସଲ ଆରମ୍ଭରୁ ଓଡ଼ିଶାକୁ ଧାନଚାଉଳ ସଂଗ୍ରହ ଓ ବଣ୍ଟନ ଲାଗି ଏକ ସ୍ୱତନ୍ତ୍ର ଅଂଚଳ କରିବାକୁ ଗମ୍ଭୀରଭାବରେ ଚିନ୍ତା କରାଯାଇଥିଲା । ପୂର୍ବ ଖାଦ୍ୟ ଅଂଚଳରୁ ଓଡ଼ିଶାକୁ ବାହାର କରିଦେଲେ ବି ଚାଷୀମାନଙ୍କର ସର୍ବନିମ୍ନ ମୂଲ୍ୟ ପାଇବାରେ କଷ୍ଟକର ହେବ ନାହିଁ । ସରକାରଙ୍କ ନିୟନ୍ତ୍ରଣରେ ଏକ ସୁପରିକଳ୍ପିତ ବ୍ୟବସ୍ଥା ଏହାର ସମାଧାନ ସହଜରେ କରିପାରିବ । କିନ୍ତୁ ସମଗ୍ର ଜାତି ଏକ ବିରାଟ ଯୁଦ୍ଧ-ଆଶଙ୍କାର ସମ୍ମୁଖୀନ ହୋଇଥିଲା ବେଳେ ଓଡ଼ିଶାର ସରକାର କିମ୍ବା ଜନସାଧାରଣ କେଉଁହେଲେ ଜାତିର ସମୂହଦୃଷ୍ଟିରୁ ଏଥିପ୍ରତି ଜୋର ଦେଇ ନ ଥିଲେ । ସେତେବେଳେ ଓଡ଼ିଶା ଏ ଦିଗରେ ଯେଉଁ ଉଦାରତା ଦେଖାଇଥିଲା, ତାହା କେବଳ ସମଗ୍ର ଜାତିର ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ହିଁ କରିଥିଲା । କେନ୍ଦ୍ର ମଧ୍ୟ ଓଡ଼ିଶାର ସମସ୍ୟାକୁ ଉପଲବ୍ଧି କରୁଛି ଏବଂ ସେଥିପାଇଁ କେନ୍ଦ୍ର ସରକାର ଆମ ରାଜ୍ୟର ଯେ କୌଣସି ପ୍ରକାର ପରିସ୍ଥିତିରେ ପୂର୍ଣ୍ଣ ସାହାଯ୍ୟ ଓ

ସହଯୋଗ କରିବାକୁ ନର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଯଦି ସମସ୍ୟାର ସମାଧାନ ନ ହୋଇ ସେହିପରି ରହେ, ତେବେ କେନ୍ଦ୍ର ଓ ରାଜ୍ୟ ସରକାର ଏ ବିଷୟରେ ପୁନର୍ବିଚାର କରିବାକୁ ଏବଂ ପରିସ୍ଥିତିର ସମ୍ମୁଖୀନ ହେବାକୁ ଏକ ନୂଆ ମତ ଅନୁସରଣ କରିବାରେ ପଶ୍ଚାତପଦ ହେବେ ନାହିଁ । ଯେଉଁମାନେ ଲୋକଙ୍କର ମଙ୍ଗଳ ଲାଗି ଚିନ୍ତା କରୁଛନ୍ତି, ସେମାନେ ଗଠନମୂଳକ ପ୍ରସ୍ତାବ ଦେଲେ ସରକାର ତାହା ଆଦରର ସହିତ ଗ୍ରହଣ କରିବେ । କିନ୍ତୁ ଯଦି କେବଳ ସେହି ପୁରୁଣା କଥାର ଦୁହା ଦେଇ ମିଥ୍ୟା ପ୍ରଚାରଦ୍ୱାରା ରାଜନୈତିକ ଫାଇଦା ଉଠାଇବାର ଉଦ୍ଦେଶ୍ୟ ଥାଏ— ମୁଁ କେବଳ ଏତିକି କହିପାରେ ଯେ ଓଡ଼ିଶାର ଜନସାଧାରଣ ଓ ସେମାନଙ୍କର ସରକାର ଉଦ୍ବେଗ ପ୍ରଭାବିତ ହେବେ ନାହିଁ ।

ଜାତୀୟ ସ୍ୱାର୍ଥସୀମା ମଧ୍ୟରେ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା କରିବା ସରକାରଙ୍କର କର୍ତ୍ତବ୍ୟ ଏବଂ ଏହି କର୍ତ୍ତବ୍ୟ ସଂପାଦନ କରିବାକୁ ସରକାର ବଦ୍ଧପରିକର । ଜନତାର ସ୍ୱାର୍ଥଦୃଷ୍ଟିରୁ ବ୍ୟବହାର୍ଯ୍ୟ ପଦାର୍ଥ ମହଜୁଦ ରଖିବା, ଗୁଜବ ପ୍ରଚାର ଓ ଆତଙ୍କ ସୃଷ୍ଟିର ଚେଷ୍ଟାକୁ ପୂରାପୂରି ଦମନ କରାଯିବ ।

ବିଶେଷତଃ ବର୍ତ୍ତମାନର ଏହି ଜାତୀୟ ଜରୁରୀ ପରିସ୍ଥିତିରେ ମୁଁ ସତର୍କ କରାଇଦେବାକୁ ଚାହେଁ ଯେ ଯେଉଁମାନେ ଦେଶ ଓ ଜନତାର ସ୍ୱାର୍ଥକୁ ବଳି ଦେଇ ନିଜର ସ୍ୱାର୍ଥ ସାଧନ କରିବାକୁ ଚାହିଁବେ, ସରକାର ସେମାନଙ୍କ ପ୍ରତି କଠୋର ଶାସ୍ତି ବିଧାନ କରିବେ ।

● ●

( ୫ ପୃଷ୍ଠାର ଅବଶିଷ୍ଟାଂଶ )

କରିବା ଓ ତାର ଆୟତନ ବଢ଼ାଇବାରେ ଲାଗିପଡ଼ିଛନ୍ତି । ହାରାହାରି ପ୍ରତ୍ୟେକ କ୍ୟାଡେଟ୍ ଦିନକୁ ୫ ଘଣ୍ଟା ହିସାବରେ ପରିଶ୍ରମ କରି ୬୦,୦୦୦ ଘନଫୁଟ ପର୍ଯ୍ୟନ୍ତ ମାଟି ଖୋଳୁଛନ୍ତି । ସେମାନଙ୍କୁ ଶିବିରର ସୁଷମ ଖାଦ୍ୟ ଦିଆଯାଉଛି । ୧୯୬୩ ଜୁନ ୮ ତାରିଖରେ ଶିବିରର ଉଦ୍‌ଯାପନ ହେବା ବେଳକୁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଓଜନ ଅନ୍ତତଃ ହାରାହାରି ୨ ପାଉଣ୍ଡ ବଢ଼ିଥିବ ବୋଲି ଆଶା କରାଯାଉଛି ।

୧୯୬୩ ଜୁନ ୫ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏହି ଶିବିର ପରିଦର୍ଶନରେ ଆସିଥିଲେ । ତାଙ୍କ ସଙ୍ଗରେ ଗ୍ରାମଗୋଷ୍ଠୀ ଉନ୍ନୟନର ଉପମନ୍ତ୍ରୀ ଶ୍ରୀ ବୃନ୍ଦାବନ ନାୟକ, ଶ୍ରୀ ସତ୍ୟପ୍ରିୟ ମହାନ୍ତି ଏମ୍. ଏଲ୍. ଏ. ଓ ଶ୍ରୀ ଅର୍ଜୁନ ନାୟକ ଏମ୍. ଏଲ୍. ଏ ପ୍ରମୁଖ ଭଦ୍ରବ୍ୟକ୍ତିମାନେ ମଧ୍ୟ ଶିବିର ପରିଦର୍ଶନରେ ଆସିଥିଲେ । ପ୍ରଥମରୁ ତାଙ୍କୁ ସ୍ୱାଗତ ଜଣାଇଥିଲେ ଏନ୍.ସି.ସି.ର ଡିରେକ୍ଟର ଲେଫ୍‌ଟେନାଣ୍ଟ କୋଲୋନେଲ ପି· ଘଟିଆ । ଶିବିରର ଅଧ୍ୟକ୍ଷ ( କମାଣ୍ଡାଣ୍ଟ ) କ୍ୟାପଟେନ ଏନ୍· ଡି ଗାଡ଼ଗିଲ୍ ଶିବିରର ଦୈନନ୍ଦିନ କାର୍ଯ୍ୟକଳାପ ସମ୍ପର୍କରେ ଏକ ବିବରଣୀ ପାଠ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ ଯେ ସେମାନେ ଦେଶକୁ ସମୃଦ୍ଧ ଓ ଶକ୍ତିଶାଳୀ କରିବା ପାଇଁ ଗଣିତ, ବିଜ୍ଞାନ ଓ ଶିଳ୍ପକଳା ପ୍ରତି ଅଧିକ ଆଗ୍ରହୀ ହୁଅନ୍ତୁ । ସେ କହିଥିଲେ ଯେ ଜାତିଗଠନ, ଦାରିଦ୍ର୍ୟ ଓ ଅନଗ୍ରସରତା ଦୂର କରିବା ବୈଜ୍ଞାନିକ ଜ୍ଞାନ ଅତ୍ୟାବଶ୍ୟକ ।

( ୬୩ ପୃଷ୍ଠାର ଅବଶିଷ୍ଟାଂଶ )

ଅନୁଷ୍ଠିତ ଶ୍ରମ ଅଧିବେଶନରେ ମତ ଘୋଷଣା କରିଛି । ଏହା ଅନୁଷ୍ଠାନର ମୌଳିକ ଉଦ୍ଦେଶ୍ୟର ପୂର୍ଣ୍ଣ ଅନୁବର୍ତ୍ତୀ ବୋଲି ଶ୍ରୀ ଜଗତବସୁ କହିଥିଲେ ।

## ଉତ୍କଟ ତାରତମ୍ୟ

ସେ କହିଲେ ଯେ ବର୍ତ୍ତମାନ ପୃଥିବୀରେ କରୁ ଏକ ଭିନ୍ନ ଚିତ୍ର ଆମେ ଦେଖିବାକୁ ପାଉଛୁ । ଗତ ଦଶବର୍ଷ ମଧ୍ୟରେ ଯେତେବେଳେ ପୃଥିବୀ ଅଗ୍ରଗତି କରି ଚାଲିଛି, ସେତେବେଳେ ଧନୀ ଦେଶମାନେ କ୍ରମେ ଅଧିକରୁ ଅଧିକ ଅର୍ଥ ଧ୍ୱଂସାତ୍ମକ ମାରଣାସ୍ତ୍ର ତିଆରିରେ ବ୍ୟୟ କରୁଛନ୍ତି ଏବଂ ଦରିଦ୍ର ଦେଶମାନେ ବଞ୍ଚିବା ଓ ଆତ୍ମ-ବିକାଶ ପାଇଁ ଯାହା ମୌଳିକ ଆବଶ୍ୟକ, ତାହା ମେଣ୍ଟାଇ ପାରୁନାହାନ୍ତି । ଏହି ଦୁଇ ପ୍ରକାର ଦେଶ ମଧ୍ୟରେ ବୈଷମ୍ୟ ଦିନକୁ ଦିନ ବୃଦ୍ଧି ଲାଭ କରୁଛି । ବହୁ କ୍ଷେତ୍ରରୁ ଏ ପ୍ରକାର ତାରତମ୍ୟର ଭୟାବହତା ସମ୍ପର୍କରେ ମତ ପ୍ରକାଶ ପାଇଛି ଓ ବିଶେଷ କରି ଗତ ଅଧିବେଶନରେ ଗଭର୍ଣ୍ଣିଂ ବଡ଼ିର ସଭାପତି ଏଥିପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଯଦି ଏହି ବିକାଶୋନ୍ମୁଖୀ ଦଶକ ମଧ୍ୟରେ କିଛି ବାସ୍ତବ ଫଳଲାଭ କରିବାର କଥା, ତାହାହେଲେ ଧନୀ ଓ ଦରିଦ୍ର ଦେଶମାନଙ୍କର ଅଗ୍ରଗତିରେ ଭାରସାମ୍ୟ ରକ୍ଷା କରିବାକୁ ହେବ ଏବଂ ତାରତମ୍ୟ ଦୂର କରିବାକୁ ହେବ ।

## ଗ୍ରାମାଞ୍ଚଳ ଶିଳ୍ପ-ବ୍ୟବସ୍ଥା

ଶ୍ରୀ ଜଗତବସୁ କହିଲେ ଯେ ଡିରେକ୍ଟର ...ଜେନେରାଲ ତାଙ୍କ ରିପୋର୍ଟରେ ସୂଚାଇଛନ୍ତି ଯେ, ...ଗତି କରୁଥିବା ଦେଶମାନଙ୍କରେ ଆତ୍ମ-ନିର୍ଭର ସହ ...ଯୋଗ କ୍ଷେତ୍ର ସମ୍ପ୍ରସାରଣ ଜଡ଼ିତ ହେବା ... । ସେ କହିଲେ, ଆମ୍ଭେମାନେ ଏ ଦିଗରେ ...ନ ଶିଳ୍ପ-ବ୍ୟବସ୍ଥା ହାତକୁ ନେଇଛୁ । କିନ୍ତୁ ଲୋକସଂଖ୍ୟା ଯେପରିଭାବରେ ବୃଦ୍ଧି ଲାଭ କରୁଛି, ଏହା ସମସ୍ୟାର ଉପଯୁକ୍ତ ସମାଧାନ କରିପାରିବ ନାହିଁ । କିନ୍ତୁ ଆମ ହାତରେ ଯେଉଁ ସୀମିତ ସମ୍ବଳ ରହିଛି, ତାକୁ ହିଁ ବ୍ୟବହାର ପାଇଁ ଆମ୍ଭେମାନେ ଉପଯୁକ୍ତ ପନ୍ଥାର ଆଶ୍ରୟ ନେଉଛୁ ।

## ଆନ୍ତର୍ଦେଶୀୟ ଆଇନଦ୍ୱାରା ସମାଧାନ ସମ୍ଭବ ନୁହେଁ

ଶ୍ରୀ ଜଗତବସୁ କହିଲେ ଯେ କୌଣସି ଏକ ଆନ୍ତର୍ଦେଶୀୟ ଆଇନ ପ୍ରଣୟନ କରିଦେଲେ ଯେ ଏହାର ସମାଧାନ ହୋଇଯିବ, ତାହା ଠିକ୍ ନୁହେଁ । ଏହା କେବଳ ଏକ ନୂତନ ଆୟ-ନୀତିର ଏକ ଘୋଷଣାରୂପେ ରହିପାରେ । କିନ୍ତୁ ଅଣବିକଶିତ ଅର୍ଥନୀତି ପାଇଁ ଆୟବୃଦ୍ଧିର କାର୍ଯ୍ୟକାରୀ ଉଦ୍ଭାବନ ସର୍ବାଦୌ ଆବଶ୍ୟକ ଓ ତାହାପରେ ଏହି ଆୟ ବଣ୍ଟନର ନୀତି ମଧ୍ୟ ନିର୍ଦ୍ଧାରିତ ହେବା ବିଧେୟ ।

## ଶ୍ରମିକ ଓ ମାଲିକ ସମ୍ପର୍କ

ପରିଚାଳନା କ୍ଷେତ୍ରରେ ଶ୍ରମିକମାନଙ୍କର ଅଂଶ-ଗ୍ରହଣ ସମ୍ପର୍କରେ ଭାରତୀୟ ପ୍ରତିନିଧିଦଳର ନେତା କହିଲେ ଯେ ଶ୍ରମିକମାନେ ଅଧିକରୁ ଅଧିକ ପରିଚାଳନା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ଅଂଶଗ୍ରହଣ ନ କଲେ ଉଭୟଙ୍କ ମଧ୍ୟରେ ଯେଉଁ ବିରୋଧଭାବ ରହିଛି, ତାହା ଦୂର ହେବ ନାହିଁ । କିନ୍ତୁ ବିକାଶୋନ୍ମୁଖୀ ଅର୍ଥନୀତି କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ଏକତା ବହୁ ପରିମାଣରେ ଆବଶ୍ୟକ ।

ସର୍ବଶେଷରେ ଶ୍ରୀ ଜଗତବସୁ ଜାତିସଂଘ ଓ ବିଶେଷ କରି ଆନ୍ତର୍ଜାତୀୟ ଶ୍ରମସଂସ୍ଥାର ଭବିଷ୍ୟତ ଉପରେ ଆସ୍ଥା ସ୍ଥାପନ କରି କହିଲେ ଯେ ୧୯୧୯ ମସିହାରୁ ଏହା କ୍ରମେ ବୃଦ୍ଧି ପାଉଛି । ଯେଉଁ ଦେଶ-ମାନେ ଏହାର ସଭ୍ୟଶ୍ରେଣୀଭୁକ୍ତ ନ ଥିଲେ, ସେମାନେ ବର୍ତ୍ତମାନ ବିକାଶର ଶିହରଣ ଅନୁଭବ କରୁଛନ୍ତି ।

| | | | | |
|---|---|---|---|---|
| ୩ । | କେରଳ | ୧୪,୩୩୯,୬୨୫ | ସମଗ୍ର ରାଜ୍ୟ | ୪୧୨ |
| ୪ | ମହାରାଷ୍ଟ୍ର | ୨୭,୪୬୫,୪୪୨ | ,, | ୪୦୦ |
| ୫ । | ମାଡ୍ରାଜ | ୨୦,୬୫୯,୫୯୯ | ,, | ୩୦୦ |
| ୬ । | ପଞ୍ଜାବ | ୧୬,୨୧୯,୦୫୧ | ,, | ୨୦୯ |
| ୭ । | ମହୀଶୂର | ୧୮,୩୫୮,୯୭୬ | ,, | ୧୯୧ |
| ୮ । | ଆନ୍ଧ୍ର ପ୍ରଦେଶ | ୩,୫୮,୫୮୪,୫୨୯ | ,, | ୧୧୨ |
| ୯ । | ମଧ୍ୟପ୍ରଦେଶ | ୨୭,୬୬୫,୦୯୯ | ,, | ୯୬ |
| ୧୦ । | ହିମାଚଳ ପ୍ରଦେଶ | ୧,୨୮୫,୧୬୧ | ,, | ୬୬ |
| ୧୧ । | ପଶ୍ଚିମ-ବଙ୍ଗ | ୨୬,୮୭୨,୦୪୯ | ୧୫ ଜିଲ୍ଲାରୁ ୧୧ଟି | ୧୫୦ |
| ୧୨ । | ଓଡ଼ିଶା | ୧୬,୪୫୪,୫୪୭ | ୧୫ ଜିଲ୍ଲାରୁ ୫ଟି | ୩୦୫ |

୩୧।୮।୬୨ ପର୍ଯ୍ୟନ୍ତ ବିହାର ଓ ଆସାମରେ ବେତାର ଶ୍ରୋତାମଣ୍ଡଳୀ ଖୋଲି ଯାଇ ନ ଥିଲା ।

୧୯୫୯ ନଭେମ୍ବର ୧୭ତାରିଖରେ ବେତାର ଶ୍ରୋତାମଣ୍ଡଳୀ ଖୋଲିଯିବା ପରଠାରୁ ୧୯୬୩ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ୧୭୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଯଥା:—

| | ବିଷୟ | | ବେତାର ଶ୍ରୋତାମଣ୍ଡଳୀ କାର୍ଯ୍ୟକ୍ରମରେ ଆଲୋଚିତ ବିଷୟସଂଖ୍ୟା |
|---|---|---|---|
| ୧ । | କୃଷି | ... | ୬୩ |
| ୨ । | ପଶୁଚିକିତ୍ସା | ... | ୨୩ |
| ୩ । | ସମବାୟ | ... | ୧୮ |
| ୪ । | ଶିଳ୍ପ | ... | ୧୭ |
| ୫ । | ସ୍ୱାସ୍ଥ୍ୟ | ... | ୨୦ |
| ୬ । | ଶିକ୍ଷା | ... | ୧୧ |
| ୭ । | ମତ୍ସ୍ୟ ଉତ୍ପାଦନ | ... | ୧୨ |
| ୮ । | ପଞ୍ଚାୟତରାଜ | ... | ୧୨ |
| | | ମୋଟ | ୧୭୬ |

● ●

# ଘଟଣା ପଞ୍ଜି—ଅପ୍ରେଲ, ୧୯୬୩

## ଅନ୍ତର୍ଜାତିକ

ତା ୧।୪।୬୩—ମିଷ୍ଟର ଜର୍ଜ ସି. ଏମ୍. ଘି ପଶ୍ଚିମ-ଜର୍ମାଣୀରେ ଆମେରିକାର ନୂତନ ରାଷ୍ଟ୍ରଦୂତରୂପେ ରାଷ୍ଟ୍ରପତି କେନେଡ଼ିଙ୍କଦ୍ୱାରା ମନୋନୀତ ହେଲେ ।

ତା ୨।୪।୬୩—ନେପାଳ ରାଜା ମହେନ୍ଦ୍ର ଗୋଟିଏ ନୂତନ ପଞ୍ଚାୟତ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି । ଏହି ନୂତନ ମନ୍ତ୍ରୀ-ପରିଷଦରେ ଡକ୍ଟର ତୁଳସୀ ଗିରିଙ୍କୁ ଚେୟାରମ୍ୟାନ୍‌ରୂପେ ନିଯୁକ୍ତ କରାଯାଇଛି ।

ତା ୩।୪।୬୩—ଭାରତକୁ ୩,୫୦୦,୦୦୦ ପାଉଣ୍ଡ ଓ ପାକିସ୍ଥାନକୁ ୨,୦୦୦,୦୦୦ ପାଉଣ୍ଡ ଋଣ ଦିଆଯିବ ବୋଲି ମିଷ୍ଟର ମାଉଡଲିଂ ଘୋଷଣା କରିଥିଲେ ।

ତା ୪।୪।୬୩—କେନ୍ଦ୍ରୀୟ ଲାଓସର ଜାର୍ ସମତଳ ଅଞ୍ଚଳରେ ପାଥେଟ୍‌ଲାଓଙ୍କ ସୈନ୍ୟବାହିନୀ ଓ ନିରପେକ୍ଷ ସୈନ୍ୟବାହିନୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଛି ।

ତା ୬।୪।୬୩—ଭାରତର ଉପ-ରାଷ୍ଟ୍ରପତି ଡକ୍ଟର ଜାକିର୍ ହୋସେନ୍ କାଏରୋସ୍ଥ ହେଲଓ୍ୱାନ୍ ବିମାନ କାରଖାନା ପରିଦର୍ଶନ କରିଥିଲେ ।

ତା ୯।୪।୬୩—ପର୍ତ୍ତୁଗୀଜ୍-ଚୀନ ସୀମାନ୍ତ ନିକଟରେ ସିଙ୍ଗାଲିକ୍ ନାମକ ଗୋଟିଏ ଗ୍ରାମ ଉପରେ ପର୍ତ୍ତୁଗୀଜ୍ ବିମାନବାହିନୀର ଚାରିଗୋଟି ଲଢୁଆ ମାନ ବୋମା-ବୃଷ୍ଟି କରିଥିଲେ ।

।୬୩—ଇଜିପ୍ଟ, ଇରାକ୍ ଓ ସିରିଆ ମିଳିତ ଗୋଟିଏ କେନ୍ଦ୍ର ସରକାର ଓ ଗୋଟିଏ ପତାକାର ଅଧୀନସ୍ଥ ହେବା ନିମନ୍ତେ ରାଜି ହୋଇଛନ୍ତି । ଏହି ତିନୋଟି ଦେଶକୁ ଏକତ୍ର କରାଯାଇ ୟୁନାଇଟେଡ୍ ଆରବ ରିପବ୍ଲିକ ଗଠନ କରାଯାଇଛି ।

ତା ୧୩।୪।୬୩—ୟୁନାଇଟେଡ୍ ଆରବ ରିପବ୍ଲିକରେ କପାରୁ ମଞ୍ଜି ଛଡ଼ାଇବା ଓ ରପ୍ତାନି କରିବା ଫାର୍ମଗୁଡ଼ିକୁ ଜାତୀୟକରଣ କରାଯାଇଛି ।

ତା ୧୫।୪।୬୩—ଭାରତର ପ୍ରାୟ ୧୦ଟି ଅନୁଷ୍ଠାନକୁ ୭୫ଲକ୍ଷ ଟଙ୍କା ସାହାଯ୍ୟ ଦେବା ନିମନ୍ତେ ଫୋର୍ଡ଼ ଫାଉଣ୍ଡେସନ ଘୋଷଣା କରିଛନ୍ତି ।

ତା ୧୭।୪।୬୩ – ଭାରତରେ ଥିବା ପୂର୍ବତନ ପାକିସ୍ତାନ ହାଇକମିସନର ରାଜା ଗଜନଫର ଆଲି ଖାଁଙ୍କର ଲାହୋରଠାରେ ମୃତ୍ୟୁ ହୋଇଛି ।

ତା ୨୦।୪।୬୩—ଜୋର୍ଡ଼ାନର ପ୍ରଧାନ ମନ୍ତ୍ରୀ ମିଷ୍ଟର ସମୀର୍ ରିଫାଇ ନିଜ ପଦରୁ ଇସ୍ତଫା ଦେଇଛନ୍ତି ।

ତା ୨୨।୪।୬୩—ମିଷ୍ଟର ଲଷ୍ଟର ବି. ପିଅରସନ୍ କାନାଡ଼ାର ପ୍ରଧାନମନ୍ତ୍ରୀରୂପେ ଶପଥ ଗ୍ରହଣ କଲେ ।

ତା ୨୫।୪।୬୩—ରାଉରକେଲା ଇସ୍ପାତ୍ କାରଖାନାର ସମ୍ପ୍ରସାରଣ ନିମନ୍ତେ ପ୍ରାୟ ୪୮ କୋଟି ଟଙ୍କା ଗ୍ରାଣ୍ଟ୍ ଦେବା ସକାଶେ ପଶ୍ଚିମ-ଜର୍ମାନୀ ଭାରତ ସରକାରଙ୍କ ସହିତ ଗୋଟିଏ ଚୁକ୍ତିନାମା କରିଛନ୍ତି ।

ତା ୨୭।୪।୬୩—ଭାରତର ଇସ୍ପାତ୍ ଓ ଗୁରୁଶିଳ୍ପ ମନ୍ତ୍ରୀ ଶ୍ରୀ ସୁବ୍ରମନ୍ୟମ୍ ବର୍ଲିନ‌ରେ ପହଞ୍ଚିଲେ ।

ତା ୨୮।୪।୬୩—ଲେଫ୍‌ନାଣ୍ଟ ମୋତିସାଗରଙ୍କ ନେତୃତ୍ୱରେ ଭାରତୀୟ ପ୍ରତିରକ୍ଷା ବିଶେଷଜ୍ଞଦଳ ଲଣ୍ଡନରେ ପହଞ୍ଚିଥିଲେ ।

ତା ୩୦।୪।୬୩—ଆଫ୍ରିକା ଓ ଏସିଆ ମହାଦେଶର ସାମ୍ବାଦିକ ସମ୍ମିଳନୀ ସମାପ୍ତ ହୋଇଥିଲା ।

●

## ଜାତୀୟ ଘଟଣାବଳୀ

ତା ୧।୪।୬୩—ଅଷ୍ଟ୍ରେଲିଆରେ ଥିବା ଭାରତୀୟ ରାଷ୍ଟ୍ରଦୂତ ମିଷ୍ଟର ଏନ୍. ସି. ଚଉଲ କ୍ୟାନ୍‌ବେରାରେ ଗୋଟିଏ ନୂତନ ଭାରତୀୟ "ସ୍ୱ କେନ୍ଦ୍ର" ପ୍ରତିଷ୍ଠା କରିଥିଲେ ।

ତା ୩।୪।୬୩—କେନ୍ଦ୍ରୀୟ ଜଳସେଚନ ଓ ବିଦ୍ୟୁତ୍ ମନ୍ତ୍ରୀ ମିଷ୍ଟର ଆଲେଗେସାନ୍ ରାଜ୍ୟ ବିଦ୍ୟୁତ୍ (ଇଲେକ୍‌ଟ୍ରିସିଟି) ବୋର୍ଡ଼ ଚେଆରମ୍ୟାନ୍‌ମାନଙ୍କ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ ।

ତା ୪।୪।୬୩—ମଧ୍ୟପ୍ରଦେଶର ଶ୍ରମିକ ଓ କୃଷି ମନ୍ତ୍ରୀ ଶ୍ରୀ ଭି. ଭି. ଦ୍ରାବିଡ଼ ଇସ୍ତଫା ପ୍ରଦାନ କରିଛନ୍ତି ।

ତା ୫।୪।୬୩—ଏସିଆନ୍ ପ୍ରୋଡ଼କ୍‌ଟିଭିଟି କାଉନ୍‌ସିଲ୍‌ର ସଭାପତି ଡକ୍ଟର ପି. ଏନ୍. ଲୋକନାଥନ୍ ନୂଆଦିଲ୍ଲୀଠାରେ ପ୍ରଥମ ଥର ପାଇଁ ଭାରତରେ ଗୋଟିଏ ମୁଲ୍ ବିଜନେସ୍ କ୍ଲବ୍ ଉଦ୍‌ଘାଟନ କରିଥିଲେ ।

ତା ୭।୪।୬୩—ଭାରତରେ ଆମେରିକାର ରାଷ୍ଟ୍ରଦୂତରୂପେ ମିଷ୍ଟର ଚେଷ୍ଟର ବାଉଲସ୍‌ଙ୍କୁ ନିଯୁକ୍ତ କରାଯାଇଛି ।

ତା ୮।୪।୬୩—କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ବେସରକାରୀ ମାଧ୍ୟମିକ ବିଦ୍ୟାଳୟମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ମୋଟ ଟ୧୯,୭୦,୦୦୦ ଓଡ଼ିଶା ସରକାର ମଞ୍ଜୁର କରିଛନ୍ତି । ୧୯୬୧-୬୨ମସିହାରେ ଉତ୍ତରପ୍ରଦେଶ ସରକାର ତାଙ୍କ ରାଜ୍ୟରେ ୭୦ଟି ଚିନି କାରଖାନା ମଧ୍ୟରୁ ୪୩ଟି କାରଖାନାର ଶ୍ରମିକମାନଙ୍କୁ ଗୋଟିଏ ମାସ ମଧ୍ୟରେ ଟ୨୪,୪୧,୪୯୬ଙ୍କା ବୋନସରୂପେ ଦେବା ପାଇଁ ଆଦେଶ କରିଛନ୍ତି ।

ତା ୯।୪।୬୩—ବ୍ରିଟିଶ ସରକାର ଭାରତ ସରକାରଙ୍କୁ ପ୍ରାୟ ୪.୫ କୋଟି ଟଙ୍କା ଋଣ ଦେବା ନିମନ୍ତେ ଗୋଟିଏ ଚୁକ୍ତିନାମା ଦିଲ୍ଲୀଠାରେ ସ୍ୱାକ୍ଷର କରିଛନ୍ତି ।

ତା ୧୦।୪।୬୩—ପରମାଣୁ ଶକ୍ତିକୁ ଶାନ୍ତିପୂର୍ଣ୍ଣ ଉପାୟରେ ଉପଯୋଗ କରିବା ନିମନ୍ତେ ଭାରତ ଓ ପୋଲାଣ୍ଡ ମଧ୍ୟରେ ଗୋଟିଏ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ।

ଭାରତରେ ବ୍ରିଟିଶ ଇନ୍‌ଫରମେସନ ସର୍ଭିସର ଡିରେକ୍ଟରରୂପେ ମିଷ୍ଟର ମାଇକେଲ ସ୍କଟଙ୍କୁ ନିଯୁକ୍ତ କରାଯାଇଛି ।

ତା ୧୨।୪।୬୩—ନେଫା ଓ ନାଗା ଅଞ୍ଚଳରେ ଉଡ଼ାଜାହାଜ ଉଡ଼ାଇବା ନିଷେଧ ଆଦେଶକୁ ଆଉ ଦୁଇ ବର୍ଷ ବୃଦ୍ଧି କରାଯାଇଛି ।

ତା ୧୫।୪।୬୩—ଭାରତର ଭୋପାଳସ୍ଥ ଗୁରୁ ଇଲେକ୍‌ଟ୍ରିକ କାରଖାନାରେ ପ୍ରଥମ ଥର ପାଇଁ ୨୫,୦୦୦ କେ. ଭି. ଶକ୍ତିବିଶିଷ୍ଟ ଗୋଟିଏ ଅଟୋ-ଟ୍ରାନ୍‌ସଫାର୍ମର ଉତ୍ପାଦନ କରାଯାଇଛି ।

ତା ୧୭।୪।୬୩—ବିହାରର ୭୦୦ ମାଇଲ ଦୈର୍ଘ୍ୟ ବିଶିଷ୍ଟ ୧୮ଟି ବସ୍-ରୁଟ୍ ସରକାର ନେବା କାର୍ଯ୍ୟ ବିହାର ମୁଖ୍ୟମନ୍ତ୍ରୀ ...ର ବିନୋଦାନନ୍ଦ ଝାଙ୍କଦ୍ୱାରା ଶୁଭ ଉଦ



ଛୁଟ

ତା ୧୭।୮।୬୩—ଭାରତର ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ ଉପରାଷ୍ଟ୍ରପତି ଡକ୍ଟର ଜାକିର୍ ହୋସେନଙ୍କୁ ସର୍ବଶ୍ରେଷ୍ଠ ଜାତୀୟ ଉପାଧି 'ଭାରତ-ରତ୍ନ' ପ୍ରଦାନ କରିଥିଲେ ।

ତା ୧୯।୮।୬୩—ମାନ୍ଦ୍ରାଜ ସରକାର ରାଜ୍ୟରେ ଜଙ୍ଗଲ ସମ୍ପର୍କରେ ଉଦ୍ଭିଦ ସଂରକ୍ଷଣ ବ୍ୟବସ୍ଥାକୁ ହାତକୁ ନେବା ପାଇଁ ଗୋଟିଏ ପରିକଳ୍ପନା ମଞ୍ଜୁର କରିଛନ୍ତି ।

ତା ୨୦।୮।୬୩—ଆସାମ ରାଜ୍ୟରେ ପ୍ରାୟ ୧,୦୦୦ ନିମ୍ନପ୍ରାଥମିକ ଶିକ୍ଷକଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି ।

ତା ୨୧।୮।୬୩—ବିହାର ସରକାର କୋଶି ଜଳସେଚନ ଯୋଜନାକୁ ଅନୁସନ୍ଧାନ କରିବା ପାଇଁ ଓ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଗୋଟିଏ ପରିକଳ୍ପନା ମଞ୍ଜୁର କରିଛନ୍ତି ।

କେନ୍ଦ୍ରର ଜଳସେଚନ ଓ ବିଦ୍ୟୁତ୍ ମନ୍ତ୍ରାଳୟ ବିହାର ସରକାରଙ୍କୁ ୮୩ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରିଛନ୍ତି ।

ତା ୨୨।୮।୬୩—ରାଜ୍ୟ ସଭାରେ "ଆଇରନ୍ ଓର୍ ମାଇନ୍ସ ଲେବର ୱେଲ୍‌ଫେୟାର ସେସ୍ (ଏମେଣ୍ଡମେଣ୍ଟ) ବିଲ୍" ଗୃହୀତ ହୋଇଥିଲା ।

ତା ୨୩।୮।୬୩—ଭାରତର ଟ୍ରେଡ୍ ବାଲେନ୍ସରେ ୮୭ କୋଟି ଟଙ୍କାର ଉନ୍ନତି ହୋଇଥିବା ଦେଖାଯାଇଛି ।

ତା ୨୮।୮।୬୩—ଭାରତୀୟ ଶିଳ୍ପ କ୍ରୟ କରିବା ପାଇଁ ରୁଷ ସରକାର ରାଜି ହୋଇଛନ୍ତି । ଏହି ଶିଳ୍ପର ଶତକଡ଼ା ୪୦ ଭାଗ ବଢ଼ାଇବେ ।

...୬୩—ଲୋକସଭାରେ "ଅଫିସିଆଲ ଲାଙ୍ଗୁଏଜ୍ ବିଲ୍" ଗୃହୀତ ହେଲା ।

ତା ୨୯।୮।୬୩—ଭାରତ ସରକାର ପୂର୍ବ ନୀତିକୁ ପରିବର୍ତ୍ତନ କରି ବୁଡ଼ାଜାହାଜ ବାହିନୀ ଗଠନ କରିବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରିଛନ୍ତି ।

ତା ୩୦।୮।୬୩—ପ୍ରତିରକ୍ଷା ଉତ୍ପାଦନ ସଂଗଠନରେ ଯୁଦ୍ଧ-ସରଞ୍ଜାମ ଉତ୍ପାଦନ କରୁଥିବା ନୂତନ କାରଖାନାଗୁଡ଼ିକର କାର୍ଯ୍ୟ ଦ୍ରୁତ ବେଗରେ ଆଗେଇନେବା ନିମନ୍ତେ ଗୋଟିଏ "ଫ୍ୟାକ୍ଟ୍ରି ପ୍ଲାନିଂ ସେଲ୍" ଅନୁଷ୍ଠିତ କରାଯାଇଛି ।

●

## ରାଜ୍ୟ ଘଟଣାବଳୀ

ତା ୧।୮।୬୩—ଓଡ଼ିଶା ରାଜ୍ୟ ସରକାର ବହୁ ସୌଖୀନ ଦ୍ରବ୍ୟ ଉପରେ ଧାର୍ଯ୍ୟ ବିକ୍ରିକର ହାର ୭%ରୁ ୧୦%କୁ ବୃଦ୍ଧି କରିଛନ୍ତି ।

ତା ୨।୮।୬୩—ଓଡ଼ିଶା ବିଧାନସଭାରେ "ଓଡ଼ିଶା ଆପ୍ରୋପ୍ରିଏସନ ବିଲ୍" ଗୃହୀତ ହେଲା ।

ତା ୬।୮।୬୩—ପୁରୀ ରାଧାକାନ୍ତ ମଠ ମହନ୍ତଙ୍କ ମୃତ୍ୟୁ ପରେ ତାହାଙ୍କ ଶୟନ କକ୍ଷରୁ ବର୍ତ୍ତମାନ କୁଆ ଟାଉନ ପୋଲିସଙ୍କ ଦ୍ୱାରା ୯୬୭୭ ଗ୍ରାମ ସୁନା ଓ ୬୫୧୬ ଗ୍ରାମ୍ ରୁପା ଉଦ୍ଧାର କରାଯାଇଛି ।

ତା ୮।୮।୬୩—ଚୌଦ୍ୱାରଠାରେ ଯକ୍ଷ୍ମା ରୋଗୀଙ୍କ ପାଇଁ ୧୨ଟି ଶଯ୍ୟାବିଶିଷ୍ଟ ଗୋଟିଏ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

ତା ୧୩।୮।୬୩—ବନ୍ୟା-ବିପଦରୁ ସୁରକ୍ଷିତ ହେବା ପାଇଁ କି କି ପ୍ରକାର ବ୍ୟବସ୍ଥା ଆବଶ୍ୟକ, ସେ ସମ୍ପର୍କରେ ସରକାରଙ୍କୁ ପରାମର୍ଶ ଦେବା ନିମନ୍ତେ ଓଡ଼ିଶା ସରକାର ଗୋଟିଏ ୩୬ ଜଣିଆ କମିଟି ନିଯୁକ୍ତ କରିଛନ୍ତି ।

ପ୍ରଫେସର ହୁମାୟୁନ କବିର କଟକ ପରିଦର୍ଶନରେ ଆସିଥିଲେ ।

ତା ୧୭।୩।୬୩—ପଶ୍ଚିମ-ବଙ୍ଗର ଆଦିବାସୀ ଓ ଗ୍ରାମମଙ୍ଗଳ ମନ୍ତ୍ରୀ ଶ୍ରୀ ପି· ଆର୍· ଠାକୁର ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପରିଦର୍ଶନାର୍ଥେ ଭୁବନେଶ୍ବରରେ ପହଞ୍ଚିଥିଲେ ।

ତା ୧୮।୩।୬୩—ଓଡ଼ିଶାରେ ଆଞ୍ଚଳିକ ସୈନ୍ୟବାହିନୀ ଓ ଲୋକ-ସହାୟକ ସେନାରେ ଲୋକମାନେ ଯେପରି ଯୋଗଦେବେ, ସେ ଦିଗରେ ଉତ୍ସାହ ସୃଷ୍ଟି କରିବା ପାଇଁ ଓ ଏହି ଦୁଇଟିର ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ସମାଧାନ କରିବା ପାଇଁ ଗୋଟିଏ ୧୮ ଜଣିଆ ରାଜ୍ୟ ଉପଦେଷ୍ଟା କମିଟୀ ଗଠନ କରାଯାଇଛି ।

ତା ୨୦।୩।୬୩—ଶ୍ରୀମତୀ ନିବେଦିତା ଭୁବନେଶ୍ବରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ତା ୨୯।୩।୬୩—ଶ୍ରୀ ଏସ୍. ସି. ଚୌଧୁରୀ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଚିତାଭସ୍ମ କଟକକୁ ଆଣିଥିଲେ ।

ତା ୩୦।୩।୬୩—ଏସିଆ-ଆଫ୍ରିକା ଅଧ୍ୟୟନ ବିଭାଗର ଓ ଓ୍ବାରଶାର ଆନ୍ତର୍ଜାତୀୟ ବ୍ୟାପାର ବିଭାଗର ମୁଖ୍ୟ ଡକ୍ଟର ଏ. ବି. ମଲେକ କୋଣାର୍କ, ପୁରୀ, ଭୁବନେଶ୍ବର ପରିଦର୍ଶନରେ ଆସିଥିଲେ ।

## ଖାଦ୍ୟାଭ୍ୟାସର ପରିବର୍ତ୍ତନ ଲୋଡ଼ା କାହିଁକି ?

ଓଡ଼ିଶାର ଲୋକେ କେବଳ ଚାଉଳ ନ ଖାଇ ତା' ସଙ୍ଗେ ଗହମ ଓ ଗହମଜାତ ପଦାର୍ଥ ଅଧିକରୁ ଅଧିକ ପରିମାଣରେ ଖାଇବା ଉଚିତ; କାରଣ—

- ଚାଉଳ ଅପେକ୍ଷା ଗହମରେ ଅଧିକ ପରିମାଣରେ ପ୍ରୋଟିନ୍, ଲୌହାଂଶ ଓ କାଲସିୟମ୍ ଅଛି ।
- ଏହା ଉତ୍ତମ ଶରୀର ଗଠନ, ଶରୀରର କ୍ଷୟକ୍ଷତି ପୂରଣ, ଅଧିକ ରକ୍ତ ସୃଷ୍ଟି ଓ ହାଡ଼ ଗଠନ ଦିଗରେ ସହାୟତା କରେ ।
- ଚାଉଳଠାରୁ ଗହମ ଶସ୍ତାରେ ମିଳୁଛି ।
- ଗହମକୁ ପାକଶାଳ କଲେ ତାହା ଚାଉଳ ଅପେକ୍ଷା ଅଧିକ କାଳ ରହିପାରେ ।

( ସଂଗୃହୀତ )

ମୁଦ୍ରାକର—ପଣ୍ଡିତ ଅନସୂୟା ପ୍ରସାଦ ପାଠକ, ବିଶ୍ୱରୂପା ସମବାୟ ପ୍ରେସ, କଟକ-୧



# ପ୍ରତିରକ୍ଷାର

## ପ୍ରଥମ

## ଚାରି ସୂତ୍ର

କିଣନ୍ତୁ : (୧) ଜାତୀୟ ପ୍ରତିରକ୍ଷା ବଣ୍ଡ
(୨) ପ୍ରିମିୟମ ପ୍ରାଇଜ ବଣ୍ଡ —୧୯୬୩
(୩) ୧୨ ବର୍ଷିଆ ନ୍ୟାସନାଲ ଡିଫେନ୍ସ ସାର୍ଟିଫିକେଟ୍—ସୁଧର ହାର ଶତକଡ଼ା ବାର୍ଷିକ ୬.୨୫ ( ମାଚ୍ୟୁରିଟିରେ ) ।
(୪) ୧୦ ବର୍ଷିଆ ଡିଫେନ୍ସ ଡିପୋଜିଟ୍ ସାର୍ଟିଫିକେଟ୍—ଶତକଡ଼ା ବାର୍ଷିକ ୪.୫ ହାରରେ ସୁଧ ବର୍ଷକୁ ବର୍ଷ ପରିଶୋଧ କରାଯାଏ ।


ଖଟାନ୍ତୁ : ଟଙ୍କା ଜମାଇ (୧) ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଏକାଉଣ୍ଟରେ
(୨) କ୍ୟୁମୁଲେଟିଭ ଟାଇମ ଡିପୋଜିଟ ଏକାଉଣ୍ଟରେ
(୩) ୧୯୬୩ର ପ୍ରିମିୟମ ପ୍ରାଇଜ ବଣ୍ଡରେ ଖଟାନ୍ତୁ ।

ଭିଡ଼ନ୍ତୁ : (୧) ପ୍ରତି ଗ୍ରାମପଞ୍ଚାୟତରେ ଜାତୀୟ ସ୍ୱେଚ୍ଛାସେବୀ ବାହିନୀ
(୨) ସହର/ନଗରରେ ଗୃହରକ୍ଷୀ ବାହିନୀ ବା ପ୍ରତିରକ୍ଷା ବାହିନୀ
(୩) ଓଡ଼ିଶା ରେଜିମେଣ୍ଟ ।



ଜାତୀୟ ପ୍ରତିରକ୍ଷା ପାଇଁ ଟଙ୍କା, ସୁନା, ଅଳଙ୍କାର, କମ୍ବଳ ଓ ରକ୍ତ ଦାନ କରି ଦେଶବାସୀଙ୍କ ସଶ୍ରଦ୍ଧ ଅଭିନନ୍ଦନ ନେଅନ୍ତୁ ।

Vol. XIX No. 11 UTKAL PRASANG Regd. No. 0-29
Licence No. C.R.N.P. 5. Licensed to post without prepayment



# ପାରାଦୀପ କେନାଲର ଶୁଭ ଉଦ୍‌ଘାଟନ

ଗତ ମଇ ପନ୍ଦର ଦିନ ସକା
ସିଂହଭାଳ ପୋଲ୍ ନିକଟରେ ୫ ମାଇଲ୍ 
ପାରାଦୀପ କେନାଲ ଉଦ୍‌ଘାଟିତ ହେ
ଏ ପର୍ଯ୍ୟନ୍ତ ମହାନଦୀ ମୁହାଣବାଟେ ବର୍ଷାଦ
ଡଙ୍ଗା ଓ ବୋଟଗୁଡ଼ିକୁ ସମୁଦ୍ରକୁ ନେଇଯି
ପାଇଁ ଯେଉଁ ଅସୁବିଧା ଭୋଗ କରିବା
ହେଉଥିଲା, ତାହା ଏହି କେନାଲଦ୍ୱା
କମିଯିବ । କେନାଲର ଦୁଇ ପାଖରେ 
ଉଚ୍ଚା ବନ୍ଧକୁ ଉତ୍କୃଷ୍ଟ ଚଉଡ଼ା ଦସ୍ତା
ଯେପରି କି ତାହା ପାରାଦୀପ ବନ୍ଦରକୁ 
ବୃକ୍ଷଙ୍କ ରାସ୍ତା ହେବ ସଂପୂର୍ଣ୍ଣ
ଏକ ସବୁଦିନିଆ ରାସ୍ତା ହୋଇପ

ଚିତ୍ରରେ—ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ ମିତ୍ର ଉକ୍ତ କେନାଲ ଉଦ୍‌ଘାଟିତ ...ରେ ସେଥିରୁ ପ୍ରଥମ ଜଳ-ପ୍ରବାହ ପରିଦର୍ଶନ କରୁଛନ୍ତି । ତାହାଙ୍କ ଶ୍ରୀମତୀ ରତ୍ନମାଳୀ ଜେମା, ଏମ୍.ଏଲ୍.ଏ. ଓ ପାରାଦୀପ ବନ୍ଦରର ଚିଫ୍ ଶ୍ରୀ ଏ. ଶ୍ରୀନିବାସନ ପ୍ରମୁଖ ଦଣ୍ଡାୟମାନ ।